ବର୍ଷ-୫୧ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୨୦


| | | | | |
|---|---|---|---|---|
| Only Truth | ... | ଶ୍ରୀମା | ... | ୩ |
| ଏକମାତ୍ର ସତ୍ୟ | ... | ... | ... | ୪ |
| ପ୍ରାର୍ଥନା | ... | ଶ୍ରୀମା | ... | ୭ |
| ଅସୁସ୍ଥତାର ମନସ୍ତାତ୍ତ୍ୱିକ କାରଣ | ... | ଶ୍ରୀମା | ... | ୮ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୯ |
| ପୂର୍ଣ୍ଣଯୋଗ | ... | ଶ୍ରୀମା | ... | ୧୦ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ଉପସଂହାର - ୩) ଆତଙ୍କ : ସମୁଦ୍ର ବକ୍ଷରୁ ହରଣଚାଲ ଯୋଜନା | ... | ମନୋଜ ଦାସ | ... | ୧୧ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଚତୁର୍ବିଂଶ ଅଧ୍ୟାୟ) କର୍ମଯୋଗର ସାରତତ୍ତ୍ୱ | ... | ଶେଖ ଅବଦୁଲ କାଶମ | ... | ୧୫ |
| ସନ୍ଧିପତ୍ର (କବିତା) | ... | ହୃଷୀକେଶ ପଣ୍ଡା | ... | ୧୯ |
| ରୋଗର ଆକ୍ରମଣକୁ ବୁଝିପାରିବା ଓ ପ୍ରତ୍ୟାଖ୍ୟାନ କରିବା | ... | ଶ୍ରୀମାଶ୍ରୀଅରବିନ୍ଦ | ... | ୨୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୯) | ... | ... | ... | ୨୨ |
| ମଣିକୁଣ୍ଡଳର ତୀର୍ଥଯାତ୍ରା | ... | ମନୋଜ ଦାସ | ... | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୪) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୦ |
| ଜୀବନର ଅର୍ଥହିଁ ବିକାଶ | ... | ରାମକୃଷ୍ଣ ଦାସ | ... | ୩୩ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୨) | ... | ସାହାନା ଦେବୀ | ... | ୩୪ |
| କବି ନିଶିକାନ୍ତ (୩) | ... | ... | ... | ୩୬ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୫) | ... | ଗୟାଧର ଦାଶ | ... | ୪୦ |
| ଆଧ୍ୟାତ୍ମିକତାର ପରିଭାଷା (୨) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୩ |
| ଆମ ଶରୀର (୩୦) | ... | ଭୋଳେଶ୍ୱର ଭୂୟାଁ | ... | ୪୭ |
| ସୁସ୍ଥତାର ପରମ ଗୋପନୀୟତା (୪) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୧ |
| ଏ କାଳର ଆଶ୍ରମବାସ | ... | ... | ... | ୫୪ |
| ଦୁଇଟି ସୂର୍ଯ୍ୟର ହସ (କବିତା) | ... | ଶାନ୍ତି ମହାନ୍ତି | ... | ୫୫ |
| ନବପ୍ରକାଶର ପ୍ରଥମ ସମ୍ପାଦକୀୟ | ... | ପ୍ରପତ୍ତି | ... | ୫୬ |
| ମହାମିଳନ (କବିତା) | ... | ନିର୍ମଳାପ୍ରଭା ଦେବୀ | ... | ୫୭ |
| ଆମେ ପ୍ରତ୍ୟେକେ ଅନନ୍ୟ | ... | ମନୋଜ ଦାସ | ... | ୫୮ |


❖

Only Truth

# ଏକମାତ୍ର ସତ୍ୟ

ଶ୍ରୀମା



# ଏକମାତ୍ର ସତ୍ୟ

ଆଜି ସମଗ୍ର ମାନବଜାତି ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଏବଂ ପୂର୍ବରୁ ଅଜ୍ଞାତ ଏକ ସଙ୍କଟ ଗର୍ଭରେ ନିପତିତ । ଏକ କରାଳ ସଂକ୍ରାମକ ବ୍ୟାଧିର ହଳାହଳ ପୃଥିବୀର ବାତାବରଣରେ ଚହଟି ଯାଇଛି । ବିଜ୍ଞାନ-କୁଶଳୀ ସମସ୍ତ ଦେଶର ଚିକିତ୍ସା-ବିଜ୍ଞାନୀ ଏବଂ ସେମାନଙ୍କ ସହଯୋଗୀ ଗବେଷକମାନେ ଅନବରତ ପ୍ରୟାସ ସତ୍ତ୍ୱେ ଏ ପ୍ରାଦୁର୍ଭାବ ଅନ୍ତ କରିବା ଭଳି ଉପାୟ ଏ ଯାବତ୍ ଠାବ କରିପାରି ନାହାନ୍ତି ।

ପ୍ରକୃତିର ପ୍ରକୋପ ଆଗରେ ମଣିଷ ଅଦ୍ୟାବଧି କେଡ଼େ ଅସହାୟ ସତେ !

ଏହି ପରିପ୍ରେକ୍ଷୀରେ ଦୁଇଟି ବିଡ଼ମ୍ବନା ଜାତି, ଧର୍ମ, ରାଜନୀତି ନିର୍ବିଶେଷରେ ଯେକୌଣସି ସାଧାରଣ ବିବେକ-ସଂପନ୍ନ ବ୍ୟକ୍ତିଙ୍କୁ ହତାଶ କରିବ । ପ୍ରଥମ ବିଡ଼ମ୍ବନା ହେଲା, ଏହି ବିଷାଦମୟ ସମୟରେ ମଧ୍ୟ ମଣିଷର ଚରିତ୍ର ବିଶେଷ ଆଲୋଡ଼ିତ ହେବା ମନେହେଉ ନାହିଁ । 'ସୁଯୋଗ' ପାଇବା ମାତ୍ରେ ତା'ର ଲୋଭାତ୍ମକ, ହିଂସାତ୍ମକ ଓ ଚିରାଚରିତ ସ୍ୱାର୍ଥପର ଆଚାର ପରିଦୃଷ୍ଟ ହୁଏ । ଆପଣାର ଆନ୍ତର୍ଜୀବନକୁ ଦୃଷ୍ଟି ଦେଇ ଏଭଳି ପରିସ୍ଥିତି ନିମନ୍ତେ ଆମ ସାମାଜିକ ଜୀବନର ଶୈଳୀ କେତେ ପରିମାଣରେ ଦାୟୀ ତାହା ନିରୂପଣ କରିବା ଦିଗରେ ସାମୂହିକ ଆଗ୍ରହର ପ୍ରମାଣ ନାହିଁ । ଆମେ ସଚେତନ ନୋହୁଁ ଯେ ପୃଥିବୀର ରାଜନୀତି, ବେପାର, ବାଣିଜ୍ୟ, ସଂସ୍କୃତି, ସଂସ୍କାର, ସାମ୍ପ୍ରଦାୟିକତା – ସବୁଥିରେ ମିଥ୍ୟାର ପ୍ରଭାବ ବିପୁଳ ।

ଆହୁରି ବଡ଼ ବିଡ଼ମ୍ବନା ହେଲା, ଏ ବ୍ୟାଧି କୌଣସି ଗୋଟିଏ ଦେଶକୁ ବିପନ୍ନ କରି ନାହିଁ; କରିଛି ମାନଚିତ୍ରର ଯାବତୀୟ ଭୂଖଣ୍ଡକୁ । କିନ୍ତୁ ରାଷ୍ଟ୍ରନାୟକମାନେ ନିଜ ନିଜ ପ୍ରତିବେଶୀ ସହ ବିବାଦ, ବିସମ୍ବାଦ, ପ୍ରତିଯୋଗିତା ଭଳି ବିବିଧ କସରତରୁ ବିରତ ରହି ସଭିଏଁ ଆପାତତଃ ଆଉ ସମସ୍ତ ସମସ୍ୟା ମୁଲତବୀ ରଖି ଏହି ବିପଦର ନିରାକରଣ ପାଇଁ କ'ଣ କରାଯାଇପାରେ, ତାହା ଆଲୋଚନା କରିବା ନିମନ୍ତେ ଆହ୍ୱାନ ଦେଉ ନାହାନ୍ତି ।

ହେ ଦିବ୍ୟ ଜନନି ! ତୁମ କରୁଣାରେ ଆମର ବିଶ୍ୱାସ କିନ୍ତୁ ଅପରିସୀମ । ଆମେ ଜାଣୁଁ ଦିବ୍ୟ କରୁଣା ପୃଥିବୀକୁ ଏ ସଙ୍କଟ ଭିତରୁ ଉତ୍ତୀର୍ଣ୍ଣ କରାଇବ । ହୁଏତ ସତ୍ୟର ଅବତରଣ ଓ ପ୍ରତିଷ୍ଠା ଅବଶ୍ୟମ୍ଭାବୀ ବୋଲି ମିଥ୍ୟା ନାନା ରୂପରେ ତା'ର କରାମତି ଜାହିର କରୁଛି ।

ହେ ଦିବ୍ୟ ଜନନି ! ଆଜି 'ନବପ୍ରକାଶ'ର ଅର୍ଦ୍ଧ-ଶତାବ୍ଦୀ ପୂର୍ତ୍ତି ଅବସରରେ ଆମକୁ ଆଶୀର୍ବାଦ କର, ଆମେ ଯେପରି ତୁମ ପ୍ରଦତ୍ତ ପରମ ଶକ୍ତିଶାଳୀ ମନ୍ତ୍ର, ''ଏକମାତ୍ର ସତ୍ୟ''କୁ କଦାଚ ବିସ୍ମୃତ ନ ହେଉ । ସତ୍ୟ ହିଁ ସମସ୍ତ ବିପଦର ପ୍ରତିଷେଧକ । ❑

# ପ୍ରାର୍ଥନା

ହେ ପ୍ରଭୁ ! ତୁମ ଦିଗରେ ପ୍ରଧାବିତ ମୋର ଆସ୍ପୃହା ଗୋଟିଏ ସୁନ୍ଦର, ସୁସମନ୍ୱିତ, ପୂର୍ଣ୍ଣ-ପ୍ରସ୍ଫୁଟିତ ତଥା ସ୍ନିଗ୍ଧ-ସୁରଭିତ ଗୋଲାପର ରୂପ ଗ୍ରହଣ କରିଛି । ଉଭୟ ବାହୁ ପ୍ରସାରିତ କରି ମୁଁ ତୁମକୁ ଏହା ସମର୍ପଣ କରୁଛି ଏବଂ ରଖୁଛି ଏହି ମାଗୁଣି : ମୋର ବୋଧଶକ୍ତି ଯଦି ସୀମିତ, ତାକୁ ପ୍ରସାରିତ କର; ଯଦି ଜ୍ଞାନ ମୋର ତମସାବୃତ, ତାକୁ ଆଲୋକିତ କର; ହୃଦୟ ଯଦି ମୋର ଉତ୍ସାହଶୂନ୍ୟ, ତାକୁ ଉଦ୍ଦୀପ୍ତ କର; ପ୍ରେମ ଯଦି ମୋର ଅକିଞ୍ଚିତ୍କର, ତାକୁ ତୀବ୍ର କର; ଯଦି ମୋର ଆବେଗାନୁଭବ ସବୁ ଅଜ୍ଞାନ ଏବଂ ଅହଂପ୍ରଣୋଦିତ, ସେସବୁକୁ ସତ୍ୟଭୁକ୍ତ ପୂର୍ଣ୍ଣ ଚେତନା ଦିଅ । ଆଉ ଏହି ଯେଉଁ 'ମୁଁ' ତୁମଠୁଁ ଏହା ଚାହୁଛି, ସେ ଗୋଟିକ ସହସ୍ର ବ୍ୟକ୍ତିସତ୍ତା ଅନ୍ତର୍ଭୁକ୍ତ କ୍ଷୁଦ୍ର ସତ୍ତାଟିଏ ମାତ୍ର ନୁହେଁ । ତୁମ ଦିଗରେ ସାରା ପୃଥିବୀର ହିଁ ଏହା ଏକ ଉଦ୍ଦୀପନାମୟ ଆସ୍ପୃହା ।

ମୋ ଭାବମଗ୍ନତାର ପୂର୍ଣ୍ଣ ନୀରବତା ଭିତରେ ସବୁକିଛି ପ୍ରସାରିତ ହୋଇଯାଏ ଅସୀମତା ଦିଗରେ, ଏବଂ ସେ ନୀରବତାଲବ୍ଧ ସମ୍ପୂର୍ଣ୍ଣ ଶାନ୍ତି ମଧ୍ୟରେ ତୁମେ ପ୍ରତିଭାତ ତୁମ ଆଲୋକର ପ୍ରଜ୍ଜ୍ୱଳ ମହିମାରେ ।

ଅକ୍ଟୋବର ୨୫, ୧୯୧୪

— ଶ୍ରୀମା



# ଅସୁସ୍ଥତାର ମନସ୍ତାତ୍ତ୍ୱିକ କାରଣ

An illness of the body is always the outer expression and translation of a disorder, a disharmony in the inner being; unless this inner disorder is healed, the outer cure cannot be total and permanent.

(CWM, Vol. 15, p. 138) – The Mother

ଶରୀରର ଅସୁସ୍ଥତାଟିଏ ସବୁ ସମୟରେ ଏକ ବିଶୃଙ୍ଖଳାର ବାହ୍ୟ ପରିପ୍ରକାଶ ଓ ପରିଣାମ, ଆନ୍ତର ସତ୍ତା ମଧ୍ୟରେ ଅସମଞ୍ଜସତା; ଯେପର୍ଯ୍ୟନ୍ତ ଏହି ଆଭ୍ୟନ୍ତରୀଣ ବିଶୃଙ୍ଖଳାର ଉପଶମ ହୋଇ ନାହିଁ, ସେପର୍ଯ୍ୟନ୍ତ ବାହ୍ୟିକ ଆରୋଗ୍ୟ ସମ୍ପୂର୍ଣ୍ଣ ଓ ଚିରସ୍ଥାୟୀ ହୋଇ ପାରିବ ନାହିଁ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

(୯୮)

## ଶ୍ରୀଅରବିନ୍ଦ

Across the vibrant secrecies of Space
A dim and happy music sweetly stole,
Smitten by unseen hands he heard heart-close
The harp's cry of the heavenly minstrels pass,
And voices of unearthly melody
Chanted the glory of eternal love
In the white-blue-moonbeam air of Paradise.

ଅନ୍ତରୀକ୍ଷର ସ୍ପନ୍ଦମାନ ଗୋପନୀୟତାସକଳକୁ ପାର ହୋଇ ଏକ ଅସ୍ଫୁଟ ଓ ସୁଖମୟ ସଙ୍ଗୀତ ସୁମଧୁର ଭାବେ ସନ୍ତର୍ପଣରେ ଭାସି ଆସିଲା; ହୃଦୟ-ସନ୍ନିକଟରେ ସେ ଶୁଣିବାକୁ ପାଇଲେ ଗୀତ ଗାଇ ଗାଇ ଚାଲି ଯାଉଥିବା ସ୍ୱର୍ଗୀୟ ଗାୟକଗଣଙ୍କ ଅଦୃଶ୍ୟ ହସ୍ତରାଜିର ଆଘାତ ଜର୍ଜର ବୀଣାର ଝଙ୍କାର, ଅପାର୍ଥିବ ଲଳିତ ମଧୁର କଣ୍ଠସ୍ୱରମାନ ନନ୍ଦନବନର ଶ୍ୱେତନୀଳ ଚନ୍ଦ୍ରାଲୋକ ସମୀରରେ କୀର୍ତ୍ତନ କରୁଥିଲେ ଶାଶ୍ୱତ ପ୍ରେମର ମହିମା ।

A summit and core of all that
marvellous world,
Apart stood high Elysian nameless hills,
Burning like sunsets in a trance of eve.

ସେହିସବୁ ଅପରୂପ ଜଗତର ଏକ ଶିଖର ଓ ମର୍ମସ୍ଥଳ ରୂପେ ଅଦୂରରେ ମଥା ଟେକି ଉଭା ହୋଇଥିଲେ ସ୍ୱର୍ଗୀୟ ସମୁନ୍ନତ ଅନାମ ଗିରିମାଳା, ଧ୍ୟାନ ସମାହିତ ଏକ ସନ୍ଧ୍ୟାରେ ପ୍ରଜ୍ୱଳିତ ସୂର୍ଯ୍ୟାସ୍ତ ସକଳ ପରି ।

As if to some new unsearched profundity,
Into a joyful stillness plunged their base;
Their slopes through a hurry
of laughter and voices sank,
Crossed by a throng of singing rivulets,
Adoring blue heaven with their happy hymn,
Down into woods of shadowy secrecy :
Lifted into wide voiceless mystery
Their peaks climbed towards
a greatness beyond life.

ସତେ ଅବା କେଉଁ ଅଭିନବ ଅନାବିଷ୍କୃତ ଗଭୀରତାକୁ, ଏକ ଆନନ୍ଦାପ୍ଲୁତ ନିଶ୍ଚଳତାର ଗର୍ଭକୁ ଡୁବି ଯାଇଥିଲା ସେସବୁର ପାଦମୂଳ; ଉଚ୍ଚହାସ୍ୟ ଓ କଳଧ୍ୱନିର ସତ୍ୱରତା ଭିତର ଦେଇ ନଇଁ ଆସିଥିଲା ସେସବୁର ଗଡ଼ାଣି-ଗାତ୍ରସକଳ, ଛନ୍ଦାଛନ୍ଦି ହୋଇ ତହିଁରେ ବହି ଯାଉଥିଲେ ମାଳ ମାଳ ସ୍ରୋତସ୍ୱିନୀ, ଆପଣାର ପ୍ରଫୁଲ୍ଲ ପୁଣ୍ୟମନ୍ତ୍ରରେ ସେମାନେ କରୁଥିଲେ ନୀଳିମ ଆକାଶର ଆରାଧନା, ନିମ୍ନାଭିମୁଖୀ ହୋଇ ଝରି ଆସୁଥିଲେ ଛାୟାଘନ ସଂଗୋପନ ବନରାଜି ମଧ୍ୟକୁ : ବିପୁଳ ନିର୍ବାକ୍ ରହସ୍ୟ ଭିତରକୁ ଉତ୍ତୋଳିତ ସେସବୁ(ଗିରିମାଳା)ର ଶିଖରାବଳୀ ଆରୋହଣ କରିଥିଲେ ଜୀବନର ସେପାରିରେ ଏକ ମହନୀୟତା ଅଭିମୁଖେ ।

The shining Edens of the vital gods
Received him in their deathless harmonies.

ପ୍ରାଣଲୋକର ଦେବତାମାନଙ୍କର ସମୁଜ୍ଜ୍ୱଳ ସ୍ୱର୍ଗବାଟିକାଚୟ ଆପଣାର ମୃତ୍ୟୁହୀନ ମିଳିତ-ମୂର୍ଚ୍ଛନାରେ ତାଙ୍କୁ ବରଣ କରି ନେଲେ ।

All things were perfect there
that flower in Time;
Beauty was there creation's native mould,
Peace was a thrilled voluptuous purity.

କାଳଧାରାରେ ଯାହାକିଛି ପ୍ରସ୍ଫୁଟିତ ସେ ସମସ୍ତ ସେଠାରେ ଥିଲେ ନିଖୁଣ ନିର୍ଦ୍ଦୋଷ; ସୌନ୍ଦର୍ଯ୍ୟ ସେଠାରେ ସୃଷ୍ଟିର ସହଜାତ ସ୍ୱରୂପ, ଶାନ୍ତି ସେଠାରେ ଶୁଦ୍ଧତାର ଏକ ଶିହରିତ ଇନ୍ଦ୍ରିୟ-ବିଳାସ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ପୂର୍ଣ୍ଣଯୋଗ

## ଶ୍ରୀମା

### (୧)

ପୂର୍ଣ୍ଣ ଯୋଗରେ ସମଗ୍ର ଜୀବନକୁ ଏପରିକି ଜୀବନର ଅତି ଛୋଟ ଛୋଟ ବିଷୟକୁ ବି ରୂପାନ୍ତରିତ କରିବାକୁ ପଡ଼ିବ, ଦିବ୍ୟ କରିବାକୁ ପଡ଼ିବ । ଆମ ଜୀବନରେ କୌଣସି କଥା ଅବାନ୍ତର ନୁହେଁ, ଅସଂଲଗ୍ନ ବି ନୁହେଁ । ତୁମେ କହିପାରିବ ନାହିଁ, ''ମୁଁ ଯେତେବେଳେ ଧ୍ୟାନ କରୁଛି କିଂବା ଆଧ୍ୟାତ୍ମିକ ଦର୍ଶନ ସମ୍ପର୍କୀୟ କିଛି ପଢ଼ୁଛି ଅଥବା ଆଧ୍ୟାତ୍ମିକ ପ୍ରବଚନ କିଛି ଶୁଣୁଛି ସେତେବେଳେ ମୁଁ ଏହି ଦିବ୍ୟ ଭାବରେ ରହିବି, ଆଲୋକ ଆଡ଼କୁ ଉନ୍ମୁଖ ହୋଇ ରହିବି ଏବଂ ତାକୁ ଆହ୍ୱାନ କରିବି; କିନ୍ତୁ ମୁଁ ଯେତେବେଳେ ବାହାରକୁ ବୁଲିବାକୁ ଯାଏ କିଂବା ମୋର ବନ୍ଧୁମାନଙ୍କୁ ଦେଖା କରିବାକୁ ଯାଏ ସେତେବେଳେ ମୁଁ ଏ ସବୁ କଥା ଭୁଲି ଯାଇପାରେ ।'' ତୁମେ ଯଦି ଏଇ ମନୋଭାବକୁ ଦୃଢ଼ ଭାବେ ଧରି ରଖିବ, ତାହାହେଲେ ତୁମେ କେବେ ବି ରୂପାନ୍ତରିତ ହୋଇ ପାରିବ ନାହିଁ । କେବେ ବି ଦିବ୍ୟସତ୍ତା ସହିତ ତୁମର ମିଳନ ହେବ ନାହିଁ । ସବୁବେଳେ ତୁମେ ବିଭକ୍ତ ହୋଇ ରହିବ । ତୁମେ କେବଳ ଏହି ବୃହତ୍ତର ଜୀବନର କିଛି ଆଭାସ ମାତ୍ର ପାଉଥିବ । କାରଣ ଧ୍ୟାନାବସ୍ଥାରେ ଅଥବା ଅନ୍ତଶ୍ଚେତନାରେ ହୁଏତ ତୁମର କୌଣସି ଏକ ପ୍ରକାର ଅଭିଜ୍ଞତା ଓ ଉପଲବ୍ଧି ଆସିପାରେ, କିନ୍ତୁ ତୁମ ଶରୀର ଓ ବାହ୍ୟଜୀବନ ସେହିପରି ଅପରିବର୍ତ୍ତନୀୟ ରହିବ । କେବଳ ଯଦି ତୁମର ଅନ୍ତରଟି ଆଲୋକିତ ହୋଇଥାଏ, ଏବଂ ତାହା ଯଦି ତୁମର ଶରୀର ବା ତୁମର ବାହ୍ୟଜୀବନ ଉପରେ କୌଣସି ପ୍ରଭାବ ନ ପକାଏ, ତା'ହେଲେ ତୁମ ସାଧନାର ବେଶୀ କିଛି ମୂଲ୍ୟ ନାହିଁ । କାରଣ, ତୁମେ ପୃଥିବୀକୁ 'ତାହା' ଯେଉଁ ଅବସ୍ଥାରେ ଥିଲା ସେଇ ଅବସ୍ଥାରେ ଛାଡ଼ି ଦେଉଛ ।

### (୨)

ଏହି ଯୋଗ କରିବାକୁ ହେଲେ, ବିଶେଷତଃ ମୁଁ ରୂପାନ୍ତର ଯୋଗ କଥା କହୁଛି, ଏହା ସବୁଠାରୁ କଷ୍ଟକର ବ୍ୟାପାର – ଯଦି ଜଣେ ଅନୁଭବ କରୁଥାଏ ଯେ କେବଳ ଏଇଥିପାଇଁ ସେ ଏଠାକୁ ଆସିଛି (ମାନେ, ପୃଥିବୀକୁ ଆସିଛି), ଏହା ଛଡ଼ା ତା'ର ଆଉ କିଛି କରିବାର ନାହିଁ, ଏହାହିଁ ତା'ର ବଞ୍ଚିବାର ଏକମାତ୍ର କାରଣ – ଏହା ବ୍ୟତୀତ ଜଣଙ୍କର କଠିନ ଶ୍ରମ, ସଂଗ୍ରାମ ଓ ଏଥିପାଇଁ ନାନାଦି ଦୁଃଖଭୋଗ ଏସବୁର ଅବଶ୍ୟ କିଛି ଗୁରୁତ୍ୱ ନ ଥାଏ । ଜଣେ ଯଦି ସ୍ଥିରଭାବେ ଜାଣେ ଯେ, ''ମୁଁ ଏହାହିଁ ଚାହେଁ ଆଉ କିଛି ବୋଲି କିଛି ଚାହେଁ ନାହିଁ''– ତାହାହେଲେ ସେକଥା ଅଲଗା । ତା' ନ ହେଲେ ମୁଁ ତୁମକୁ କହିବି – ''ଖୁସିରେ ରୁହ ଏବଂ ଭଲ ହୁଅ – ଏତିକି ମାତ୍ର ତୁମଠାରୁ ଆଶା କରାଯାଉଛି । 'ଭଲ ହୁଅ'ର ଅର୍ଥ ସବୁ ବିଷୟରେ ତୁମର ଉତ୍ତମ ବୁଝାମଣା ହେଉ, ଏକଥା ନିଜ ଭିତରେ ଜାଣିରଖ ଯେ ଅନ୍ୟ ବହୁଲୋକଙ୍କଠାରୁ ଅନ୍ତତଃ ତୁମେ ଅସାଧାରଣ ଭାବେ ଭଲ ଅବସ୍ଥାରେ ଅଛ । ସାଧାରଣ ଜୀବନ ଅପେକ୍ଷା ତୁମେ ଆଉ ଏକ ଊର୍ଦ୍ଧ୍ୱତର, ମହତ୍ତର ଏବଂ ସତ୍ୟତର ଜୀବନଟିଏ ବଞ୍ଚ; ଯାହାଫଳରେ କି ତୁମେ ତୁମ ଜୀବନ ଭିତରକୁ ଏହି ଆଧ୍ୟାତ୍ମିକ ଚେତନାର ଏବଂ ଏହି ଆଲୋକର କିଛି ସାମାନ୍ୟ ଅଂଶ ତୁମ ଭିତରକୁ ପ୍ରବେଶ କରିବା ପାଇଁ ସୁଯୋଗ ଦେଇପାରିବ । ଏବଂ ବିଶ୍ୱ ଭିତରେ ଯେତେ ସାମାନ୍ୟ ଅଂଶରେ ହେଲେ ବି ଏହା ପ୍ରକାଶିତ ହୋଇପାରିବ । ଏହାହିଁ ହେବ ସବୁଠାରୁ ଉତ୍ତମ କଥା'' । ଏତିକି ହେଲା କଥା ।

କିନ୍ତୁ ତୁମେ ଯଦି ଏହି ଯୋଗ ପଥରେ ଥରେ ମାତ୍ର ପାଦ ଦେଇଛ, ତା'ହେଲେ ତୁମର ସିଦ୍ଧାନ୍ତ ଇସ୍ପାତ ଭଳି ଦୃଢ଼ ହେବା ଉଚିତ । ତୁମକୁ ଯାହା କିଛି ମୂଲ୍ୟ ଦେବାକୁ ପଡ଼ିଲେ ବି ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ହେବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ଉପସଂହାର - ୩)

## ଆତଙ୍କ : ସମୁଦ୍ର ବକ୍ଷରୁ ହରଣଚାଲ ଯୋଜନା


## ମନୋଜ ଦାସ


*''ଗୁଜବ ଏକ ତୂରୀ*
*ଯାହା ଧ୍ୱନିତ ହୁଏ*
*ଅନ୍ଦାଜ, ଈର୍ଷା, କଳ୍ପନାନୁମାନ ଦ୍ୱାରା''*

— ସେକସ୍‌ପିଅର

ଶ୍ରୀଅରବିନ୍ଦ ଯେ ଆଉ ଇଂରେଜ-ଶାସିତ ଭାରତରେ ନାହାନ୍ତି, ଏତକ ହୃଦୟଙ୍ଗମ କରିବାକୁ ପୁଲିସ ଏବଂ ଶାସକବର୍ଗଙ୍କୁ ବିଶେଷ ବିଳମ୍ବ ହେଲା ନାହିଁ । କିନ୍ତୁ ସେ କେଉଁଠାରେ ? କର୍ତ୍ତୃପକ୍ଷଙ୍କ ପାଖରେ ଗୁଜବ, ସମ୍ଭାବନା ଏବଂ କାଳ୍ପନିକ 'ପ୍ରମାଣ'ସବୁ ଭିତ୍ତିରେ ଯେଉଁ ମାନଚିତ୍ରମାନ ଫୁଟି ଉଠୁଥିଲେ, ସେସବୁର ପରିସର ତିବ୍‌ବତର ଦୁର୍ଗମ ମୁଲକଠୁଁ ଫ୍ରାନ୍ସ, ପୁଣି ସୁଇଜର୍‌ଲାଣ୍ଡଠାରୁ ରୁଷିଆ ପର୍ଯ୍ୟନ୍ତ ବ୍ୟାପ୍ତ । ସେସବୁର ଚାଞ୍ଚଲ୍ୟକର ବିବରଣୀ ବହନ କରୁଥିବା ପତ୍ରପତ୍ରିକା ଓ ଚିଠିପତ୍ର ସମ୍ବଳିତ ଅଧିକାଂଶ ଦଲିଲ ଲୁପ୍ତ, କିନ୍ତୁ ବିଭିନ୍ନ ସଂରକ୍ଷଣାଗାରରେ ଅଦ୍ୟାବଧି ରକ୍ଷିତ ସମ୍ବାଦପତ୍ରସବୁର ସମ୍ପାଦକୀୟ ଏବଂ ସମ୍ବାଦରୁ ତଥା ପୁଲିସର ଗୋପନ କାଗଜପତ୍ରରୁ ଯାହା ସ୍ପଷ୍ଟ, ସେସମ୍ପର୍କରେ ଦେଶବ୍ୟାପୀ କୌତୂହଳ ଥିଲା ବିପୁଳ ।

୧୯୧୦ ଏପ୍ରିଲ ୧୧ ତାରିଖ 'ଦୈନିକ ହିତବାଦ' ଜଣାଇଲା କି ଶ୍ରୀଅରବିନ୍ଦଙ୍କ ନିରୁଦ୍ଦେଶ ରହସ୍ୟର ସମାଧାନ ନିମନ୍ତେ ଯିଏ କୌଣସ ତଥ୍ୟ ଜଣାଇବ ତାକୁ ବେଶ୍ ମୋଟା ଅଙ୍କର ପୁରସ୍କାର ଦେବେ କର୍ତ୍ତୃପକ୍ଷ । କାଗଜଟି ଆହୁରି ଲେଖିଲା :

''ଆମେ ଅବଗତ ହେଲୁ ଯେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ ଅନ୍ତର୍ଦ୍ଧାନ କେତେଜଣ ପୁଲିସ ବାବୁଙ୍କୁ ବଡ଼ ବିପଦରେ ପକାଇଛି ।... ଆଶା, ଏଭଳି ଗୁଜବସବୁ ସତ ହୋଇ ନ ଥିଲେ ସରକାର ତାହା ଜଣାଇବେ । ଏହା ବ୍ୟାପକ । ସଠିକ ତଥ୍ୟ ଜନସାଧାରଣଙ୍କୁ ଜଣାଇବା ଆବଶ୍ୟକ ।''

ଏପ୍ରିଲ ୧୪ ତାରିଖରେ ସେହି ସମ୍ବାଦପତ୍ର ପୁଲିସକୁ 'ବାହାଦୁର' ବୋଲି ଥଟ୍ଟା କରି ମନ୍ତବ୍ୟ ଦେଲା ଯେ ଏତେଗୁଡ଼ିଏ ଦକ୍ଷ ପୁଲିସ ବାବୁ ଏବଂ ଗୁପ୍ତ କର୍ମଚାରୀ ସର୍ବଦା ଦୃଷ୍ଟି ରଖିବା ସତ୍ତ୍ୱେ ସେମାନଙ୍କ ଲକ୍ଷ୍ୟ ବ୍ୟକ୍ତିଜଣକ ଅଦୃଶ୍ୟ ହୋଇଯିବା କ'ଣ ସେମାନଙ୍କର କମ୍ ଦକ୍ଷତାର ପ୍ରମାଣ ?

ଇଂରେଜ ନିୟନ୍ତ୍ରିତ ଦୈନିକ 'ପାଇଓନିଅର' ଥଟ୍ଟାଳିଆ ଭାବରେ ଲେଖିଥାଏ ଯେ ବାବୁ ଅରବିନ୍ଦ ଘୋଷଙ୍କ ଅନ୍ତର୍ଦ୍ଧାନ ଏମିତି କିଛି ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ବଙ୍ଗୀୟ ଶାସନ ପରିଷଦ ନିମନ୍ତେ ଆଉ ଜଣେ ଯୋଗ୍ୟ ବ୍ୟକ୍ତି ଠାବ କରିବାଟା ସରକାରଙ୍କ ପକ୍ଷରେ ଏମିତି କିଛି ଦୁରୂହ ବ୍ୟାପାର ହେବ ନାହିଁ ! ସେ ମନ୍ତବ୍ୟକୁ ଲକ୍ଷ୍ୟ କରି ଏପ୍ରିଲ ୨ ତାରିଖର 'ଭାରତମିତ୍ର' ଲେଖିଲା :

''ତୁମେ ଥଟ୍ଟା କରିବାର ଚେଷ୍ଟା କରିପାର । କିନ୍ତୁ ସମସ୍ତ ଦେଶବାସୀ ଜାଣନ୍ତି ଯେ ତାଙ୍କୁ ପରିଷଦରେ ଗ୍ରହଣ କରିଥିଲେ ସରକାରଙ୍କ ସମ୍ମାନ ଉଚ୍ଚତର ହୋଇଥା'ନ୍ତା । ତେବେ ଅରବିନ୍ଦ ବାବୁ ନିଜେ ସେଭଳି ପଦ ଗ୍ରହଣ କରି ନିଜକୁ ଛୋଟ କରିଥା'ନ୍ତେ ବୋଲି ମନେ ହୁଏନା । ସେ ସେସବୁର ବହୁ ଊର୍ଦ୍ଧ୍ୱରେ ।''

୧୯୧୦ ଏପ୍ରିଲ ୨୭ ତାରିଖର 'ଅମୃତବଜାର ପତ୍ରିକା'ରେ 'ଇଂଲିଶ୍‌ମ୍ୟାନ୍' କାଗଜରେ ପ୍ରକାଶିତ ନିମ୍ନଲିଖିତ ଲେଖାର ପୁନଃମୁଦ୍ରଣ ହୋଇଥିଲା ।

''ସମ୍ପ୍ରତି କଲିକତାରେ ପ୍ରଚାରିତ ଖବର ଯେ ଶ୍ରୀଅରବିନ୍ଦ ଘୋଷଙ୍କୁ ଗିରଫ କରିବାରେ ସକ୍ଷମ ନ ହେବା ବାବଦରେ କେତେଜଣ ପୁଲିସ କର୍ମଚାରୀ କାର୍ଯ୍ୟରୁ ନିଲମ୍ବିତ

ହୋଇଛନ୍ତି, ତାହା ତଥ୍ୟଭିତ୍ତିକ ନୁହେଁ । କାହାରି ପ୍ରତି ଏଡ଼େ କଡ଼ା ଦଣ୍ଡାଦେଶ ହୋଇ ନାହିଁ, ଯଦ୍ୟପି ସେମାନଙ୍କୁ ତିରସ୍କାର କରାଯାଇ ଥାଇପାରେ ।...

''ଶ୍ରୀଅରବିନ୍ଦ ଘୋଷଙ୍କ ସମ୍ପର୍କରେ କୌଣସି ସଠିକ୍ ଖବର ମିଳୁ ନାହିଁ । ସେ ଆତ୍ମସମର୍ପଣ କରିବେ ବୋଲି ବିଶ୍ୱାସ କରାଯାଉଥିଲା । କିନ୍ତୁ ଏହା ପ୍ରାୟ ନିଶ୍ଚିତ ଯେ ସେ ତାହା କରିବେ ନାହିଁ । ଗୋଟାଏ ଗୁଜବ ହେଲା ଶ୍ରୀ ଘୋଷ ୟୁରୋପ ଯାତ୍ରା କରିଛନ୍ତି । ତାହା ସତ୍ୟ ହୋଇଥିଲେ ସମ୍ଭବତଃ ଭାରତୀୟ ଓ ଇଜିପ୍ଟର ଚରମପନ୍ଥୀମାନଙ୍କର ମକ୍କା ଯେଉଁ ଜେନେଭା, ଇତି ମଧ୍ୟରେ ସେ ସେଠାରେ ପହଞ୍ଚି ଯାଇଥିବେ । ତାଙ୍କୁ ଆଗ୍ରାରେ ଠାବ କରାଯାଇଥିବା ଗୁଜବ ସତ ହୋଇଥିଲେ ତାହା ବୁଝାଉଛି ଯେ ସେ ସମ୍ଭବତଃ କରାଚି ଯାତ୍ରା କରୁଥିଲେ । କିନ୍ତୁ ଏସବୁ ଗୁଜବ ସମ୍ପୂର୍ଣ୍ଣ ଅମୂଳକ ହୋଇଥିବା ଅସମ୍ଭବ ନୁହେଁ ।''

ହତାଶ ଓ ଅପମାନ-ପୀଡ଼ିତ ପୁଲିସ ଶ୍ରୀ କୃଷ୍ଣକୁମାର ମିତ୍ର ଏବଂ ତାଙ୍କ ସମ୍ପାଦିତ 'ସଞ୍ଜୀବନୀ' କାର୍ଯ୍ୟାଳୟ ଉପରେ ଚଢ଼ଉ କଲେ – ତଦନ୍ତ ନାମରେ । ଏପ୍ରିଲ ୭ ତାରିଖର 'ଅମୃତ ବଜାର ପତ୍ରିକା'ରେ ଆମେ ଦେଖୁଁ ଏହି ସମ୍ପାଦକୀୟ ଟିପ୍ପଣୀ :

''ସଞ୍ଜୀବନୀ କାର୍ଯ୍ୟାଳୟ ଏବଂ (ସମ୍ପାଦକଙ୍କ) ବ୍ୟକ୍ତିଗତ ଗୃହ କାହିଁକି ଖାନତଲାସ ହେଲା ? ନଗରୀର ଶିକ୍ଷିତ ସଂପ୍ରଦାୟ ଉତ୍ତେଜିତ ଭାବରେ ଏହି ପ୍ରଶ୍ନ କରୁଛନ୍ତି । ଲକ୍ଷ୍ୟ ଥିଲା ଏଇଆ : ପୁଲିସ ଗତ ଡିସେମ୍ବର ୨୫ ତାରିଖର 'କର୍ମଯୋଗୀନ୍'ର ସଂଖ୍ୟାଟିଏ ଏବଂ ସଂପୃକ୍ତ ସମସ୍ତ କାଗଜପତ୍ର ହସ୍ତଗତ କରିବାକୁ ଚାହୁଁଥିଲା । କିନ୍ତୁ 'ସଞ୍ଜୀବନୀ' କାର୍ଯ୍ୟାଳୟରୁ 'କର୍ମଯୋଗୀନ୍' ମୁଦ୍ରିତ ବା ପ୍ରକାଶିତ ହୁଏ ନାହିଁ । ତା'ର ସ୍ୱତନ୍ତ୍ର କାର୍ଯ୍ୟାଳୟ ରହିଛି । ଏହା ସତ୍ୟ ଯେ ବାବୁ ଅରବିନ୍ଦ ବାବୁ କୃଷ୍ଣ କୁମାରଙ୍କ ସମ୍ପର୍କୀୟ ଏବଂ ତାଙ୍କ ଘରେ ରହୁଥିଲେ । କିନ୍ତୁ କୃଷ୍ଣ କୁମାରଙ୍କ ବ୍ୟକ୍ତିଗତ ଗୃହ ତଲାସି କରି ତାଙ୍କ ପରିବାରକୁ ଆତଙ୍କିତ କରିବା ପାଇଁ କ'ଣ ତାହା ହିଁ ଯଥେଷ୍ଟ କାରଣ ?...''

ପୁଲିସର କ୍ଷୋଭ କିନ୍ତୁ ସେତିକିରେ ପ୍ରଶମିତ ହୋଇ ନଥାଏ, ଦୂର ଦେଓଘରଠାରେ ଶ୍ରୀଅରବିନ୍ଦଙ୍କ ମାତାମହ ଋଷି ରାଜନାରାୟଣ ବୋଷଙ୍କ ଗୃହ ଉପରେ ଚବିଶ ଘଣ୍ଟା ନଜର ରଖିବାର ବ୍ୟବସ୍ଥା ହୋଇଥାଏ । ପୁଲିସର ଗୁପ୍ତ ଦଲିଲରୁ ଜଣାଯାଏ, ''ପୁଲିସ ବାବୁ ରାଜନାରାୟଣ ବୋଷଙ୍କ ପରିବାର ଉପରେ ନଜର ରଖିବାକୁ ନେଇ ବିସ୍ମୟ ପ୍ରକାଶ କରିଛି 'ଦି ବେଙ୍ଗଲି' ସମ୍ବାଦପତ୍ର । ସେ ଜିଲ୍ଲାର ପୁଲିସ କର୍ତ୍ତା ମୌଲବୀ ମୁଜାରଲ ହକ୍ ଏ ପାଇଁ ଦାୟୀ ବୋଲି ସମ୍ବାଦପତ୍ରର ଅଭିଯୋଗ । ବାବୁ ରାଜନାରାୟଣଙ୍କ ବିଧବା ପତ୍ନୀ ତଥା ସମଗ୍ର ପରିବାର ଏଥି ନିମନ୍ତେ ବହୁତ ଦୁଃଖ ଅନୁଭବ କରୁଛନ୍ତି । ଏହା ଶୀଘ୍ର ବନ୍ଦ ହେବ ବୋଲି ଆଶା କରାଯାଇପାରେ ବୋଲି ସମ୍ବାଦପତ୍ରଟି ଆଶା କରେ ।''

ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଉପନୀତ ହେବାର ଏକ ସପ୍ତାହ ଭିତରେ ଭାରତ ସରକାର ସେ ସମ୍ବାଦ ସଠିକ ବୋଲି ଜାଣିଲେ । ସରକାରଙ୍କ ବିଚାରରେ ଶ୍ରୀଅରବିନ୍ଦଙ୍କ ଗନ୍ତବ୍ୟ ଯେ ପ୍ୟାରିସ ସେଥିରେ ସନ୍ଦେହ ନଥିଲା । କିନ୍ତୁ ଫରାସୀ ଉପନିବେଶରେ କିଂବା ଫରାସୀ ଜାହାଜରୁ ତାଙ୍କୁ ଗିରଫ କରିବା ସମ୍ଭବପର ନୁହେଁ । ଲଣ୍ଡନ ଓ କଲିକତା ଏବଂ କଲିକତା ଓ ଚେନ୍ନାଇ ଭିତରେ ବହୁ ଟେଲିଗ୍ରାମ ଆଦାନପ୍ରଦାନ ହେଲା । ତାଙ୍କୁ ଗିରଫ କରିବାର ଏକମାତ୍ର ସୁଯୋଗ ହେବ ଯେତେବେଳେ ସେ କଲମ୍ବୋ ବନ୍ଦରରେ ଗୋଟିଏ ଫରାସୀ ଜାହାଜରୁ ଅନ୍ୟ ଏକ ଫରାସୀ ଜାହାଜକୁ ଏକ ସ୍ଥାନୀୟ ନୌକା ଯୋଗେ ଯିବେ । ସେତିକିବେଳେ ନୌକାଟିରୁ ତାଙ୍କୁ ଝାମ୍ପି ନିଆଯିବା ଏକାନ୍ତ ଆବଶ୍ୟକ । ସେହି ଯୋଜନା ଅନୁସାରେ ଶ୍ରୀଲଙ୍କାର ଗୁପ୍ତ ପୁଲିସ ବିଭାଗର କର୍ତ୍ତାଙ୍କୁ ବ୍ୟାପକ ବ୍ୟବସ୍ଥା କରିବାକୁ କୁହାଗଲା । ଯେମିତି ବ୍ରିଟିଶ ସାମ୍ରାଜ୍ୟ ତଥା ସମ୍ରାଟଙ୍କର ପ୍ରଧାନ ଶତ୍ରୁଙ୍କୁ କବ୍‌ଜା କରି ନେବାର ଏହି ଏକମାତ୍ର ସୁଯୋଗ କୌଣସି କାରଣରୁ ବିଫଳ ନହୁଏ । ପ୍ରଚେଷ୍ଟା ହେବା ସତ୍ତ୍ୱେ ବ୍ୟର୍ଥ ହେଲେ ଏବଂ ସେକଥା ପ୍ରଚାର ହୋଇଗଲେ ସମ୍ରାଟଙ୍କ ଅପମାନ ଆନ୍ତର୍ଜାତିକ ସ୍ତରରେ ବ୍ୟାପ୍ତ ହେବ ଏବଂ ସେତେବେଳେ ନିଜ ସମ୍ମାନ ଦୃଷ୍ଟିରୁ ଫ୍ରାନ୍ସ ମଧ୍ୟ ଶରଣାର୍ଥୀକୁ ପ୍ରତ୍ୟର୍ପଣ କରିପାରିବ ନାହିଁ । ଆମେ ଦେଖୁଁ ପୌପା ରାଓ ନାଇଡୁ ନାମକ ଜନୈକ ସି.ଆଇ.ଡ଼ି. କର୍ତ୍ତାଙ୍କ ୯. ୪. ୧୯୧୦ରେ ପ୍ରେରିତ ବହୁ ଉର୍ବର କଳ୍ପନାପୂର୍ଣ୍ଣ ଟେଲିଗ୍ରାମ । ସେ ଉଲ୍ଲେଖ କରିଥିବା ତାଙ୍କ ପୂର୍ବ ଟେଲିଗ୍ରାମ ଗୋଟିକରେ ଆହୁରି କେତେ କଳ୍ପନା ରହିଥିବ; କିନ୍ତୁ ସେ ଗୋଟିକ ଠାବ ହୋଇପାରିଲା ନାହିଁ । ସେ ଜଣାଇଛନ୍ତି :

''ମୋ ପୂର୍ବ ଟେଲିଗ୍ରାମକୁ ଦୃଷ୍ଟି ଦିଅନ୍ତୁ । ମୁଁ ବିନୟ-ପୂର୍ବକ ଜଣାଉଛି ଯେ ଅରବିନ୍ଦ ଘୋଷ ୬ ତାରିଖ ସକାଳେ ଏସ୍. ଏସ୍. ଡୁପ୍ଲେ ଯୋଗେ ପଣ୍ଡିଚେରୀରେ ଉପନୀତ ହେଲେ । ସମୁଦ୍ରତୀରରେ ଇଣ୍ଡିଆ ଅଫିସର ଲୋକେ ତାଙ୍କୁ ସ୍ୱାଗତ କଲେ ।

ବର୍ତ୍ତମାନ ଗୋଟାଏ ସ୍ୱତନ୍ତ୍ର ଘରେ ତାଙ୍କୁ ରଖାଯାଇଛି । ସେ ଘରେ ତା' ମାଲିକ ଶ୍ରୀନିବାସଚାରି ରହନ୍ତି । ମୁଁ ଆହୁରି ମଧ ଅବଗତ ହେଲି ଯେ ତାଙ୍କ ଆଗମନର କେଇ ଦିନ ପୂର୍ବରୁ ସୁବ୍ରମଣ୍ୟମ ଭାରତୀ ପଣ୍ଡିଚେରୀର ଜଣେ ଧନୀବ୍ୟକ୍ତି ଗଣପ୍ରକାଶ ମୋଦାଲେଙ୍କର ଗୋଟିଏ ବଙ୍ଗଳାରେ ପାଠାଗାର ଏବଂ ପାଠଗୃହଟିଏ ଖୋଲିଛନ୍ତି । ମୁଁ ଶ୍ରୀଅରବିନ୍ଦ ଘୋଷଙ୍କୁ ଏବଂ ତାଙ୍କୁ ଦେଖା କରିବାକୁ ଆସୁଥିବା ବ୍ୟକ୍ତିବର୍ଗଙ୍କ ଉପରେ ସବୁଦିନ ଦୃଷ୍ଟି ରଖିବାର ବ୍ୟବସ୍ଥା କରୁଛି । ମୁଁ ମୋ ମାଡ୍ରାସ ପ୍ରତିନିଧିଙ୍କୁ ସ୍ଥାୟୀ ଭାବରେ ସେଠାରେ ରହିବାକୁ ପଠାଉଛି ଏବଂ ମୋ ସବ୍-ଇନ୍ସପେକ୍ଟରଙ୍କୁ ପଣ୍ଡିଚେରୀକୁ ଲାଗି ବ୍ରିଟିଶ ସୀମା ଭିତରେ ରହିବାର ନିର୍ଦ୍ଦେଶ ଦେଉଛି । ମୁଁ ସି. ଆଇ. ଡି. ଇନ୍ସପେକ୍ଟର୍ ଜେନେରାଲଙ୍କୁ ସବୁ ଜଣାଉଛି । ସେ ତାଙ୍କ ଆଗମନ ବିଷୟରେ ଜାଣି ନଥିଲେ ।''

କଲିକତା ସି.ଆଇ.ଡ଼ି. ମୁଖ୍ୟଙ୍କ ନିକଟକୁ ପୁଲିସ ଇନ୍ସପେକ୍ଟର୍ ଜେନେରାଲ ଯେଉଁ ଦୀର୍ଘ ବିବରଣୀ ପଠାଇଲେ ତାହାର ମର୍ମ ହେଲା ସେମାନେ ବର୍ତ୍ତମାନ ନିଶ୍ଚିତ ଯେ ଏପ୍ରିଲ ୧ ତାରିଖ ଦିନ ଏସ୍. ଏସ୍. ଡୁପ୍ଲେ ଜାହାଜ ଯୋଗେ ଯେଉଁ ଦୁଇଜଣ ବ୍ୟକ୍ତି – ଯତୀନ୍ଦ୍ରନାଥ ମିତ୍ର ଏବଂ ବଙ୍କିମଚନ୍ଦ୍ର ଭୌମିକ କଲମ୍ବୋ ଅଭିମୁଖେ କଲିକତା ଛାଡ଼ିଲେ, ସେ ଦୁହେଁ ଯଥାକ୍ରମେ ଶ୍ରୀଅରବିନ୍ଦ ଏବଂ ସମ୍ଭବତଃ ନଳିନୀ କାନ୍ତ ଗୁପ୍ତ । ଜାହାଜରେ ଯାତ୍ରୀମାନଙ୍କ ପ୍ରବେଶ ଶେଷ ହେବା ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଇଂରେଜ ଡାକ୍ତର ତଥା ସେମାନଙ୍କ ଉପରେ ଆଖି ରଖିବା ନିମନ୍ତେ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । କିନ୍ତୁ ସେ ଯାତ୍ରୀ ଦୁଇଜଣ ସେଯାଏ ଆସି ନଥିଲେ । ବିଳମ୍ବରେ ଆସି ସେମାନେ ଡାକ୍ତର ସାହେବଙ୍କ ବସାକୁ ଯାଇ ଆବଶ୍ୟକୀୟ ଅନୁମତି ପତ୍ର ସଂଗ୍ରହ କରିଥିଲେ । ପରେ ଯେତେବେଳେ ଡାକ୍ତର ଶ୍ରୀଅରବିନ୍ଦଙ୍କ ଫଟୋ ଦେଖିଲେ, ସେ କହିଲେ ସେହି ଯାତ୍ରୀ ଯତୀନ୍ଦ୍ର ନାଥ । ଏହା ମଧ ସେ କହିଥିଲେ ଯେ ଯାତ୍ରୀଙ୍କ ଇଂରାଜୀ ତାଙ୍କୁ କାବା କରିଦେଇଥିଲା ।

ବିବରଣୀରେ ଆହୁରି ବି କୁହାଯାଇଥିଲା ଯେ ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟ ଥିଲା ବର୍ଲିନ ଯିବା ଏବଂ ସେଠାରେ ଥିବା ଭାରତୀୟ ବିପ୍ଳବୀ ଗୋଷ୍ଠୀ ସହ ଯୋଗଦେବା – ଯେଉଁମାନେ 'ତଲୱାର' ପତ୍ରିକା ପ୍ରକାଶ କରନ୍ତି । କିନ୍ତୁ ସେ କୁଆଡ଼େ ଦେଖିଲେ ଯେ ବର୍ଲିନ୍ ଅଭିମୁଖୀ ଅଷ୍ଟ୍ରିଆନ୍ ଜାହାଜ ସେ ଯଥାସମୟରେ ଧରିପାରିବେ ନାହିଁ । ତେଣୁ ପଣ୍ଡିଚେରୀ ଆଗମନ କଲେ । ଯୋଜନା ପରିବର୍ତ୍ତନର ଅନ୍ୟତମ କାରଣ ହୋଇପାରେ ଯଥେଷ୍ଟ ପାଥେୟର ଅଭାବ । ଜଣେ ପଦସ୍ଥ ପୁଲିସ କର୍ମଚାରୀ ଚେନ୍ନାଇ ଯାଇଛନ୍ତି; ସେଠାରୁ ପୁଲିସ ସହଯୋଗରେ ଯାଇ ସେ ପଳାତକଙ୍କୁ ଚିହ୍ନିବେ । ପୁଲିସ କମିସନର୍ଙ୍କ ଉଦ୍ୟମରେ ମୁମ୍ବାଇ, ଚେନ୍ନାଇ ଏବଂ କଲମ୍ବୋକୁ ଗିରଫ ପରୁଆନା ପ୍ରେରଣ କରାଯାଉଛି ।

ଏ ବିବରଣୀରେ ପୁଣି କୁହାଯାଇଥିଲା : ସେମାନଙ୍କ ପଣ୍ଡିଚେରୀ ପ୍ରତିନିଧି ସିମଲାରେ ଉଠିଥିବା ଏକ ଫଟୋ ଦେଖି ଶ୍ରୀଅରବିନ୍ଦଙ୍କୁ ଚିହ୍ନି ପାରିଛନ୍ତି । ଲଣ୍ଡନରେ ଭାରତ ଶାସନ ମୁଖ୍ୟଙ୍କୁ ଏସବୁ ତଥ୍ୟ ଠିକ୍ ବୋଲି ଜଣାଇ ଦିଆଯାଇ ପାରେ – ଏହା ହିଁ ଥିଲା ବିବରଣୀର ଶେଷ ବକ୍ତବ୍ୟ ।

'କର୍ମଯୋଗୀନ୍' ମାମଲା ହାଇକୋର୍ଟକୁ ଗଲା । ୧୯୧୦ ସେପ୍ଟେମ୍ବର ୧୦ ତାରିଖର ସି. ଆଇ. ଡି. ରିପୋର୍ଟ ଅନୁସାରେ :

''ପତ୍ରିକାର ମୁଦ୍ରାକର ମନମୋହନ ଘୋଷ ହାଇକୋର୍ଟକୁ ଯିବା ସପକ୍ଷରେ ନଥିଲେ । କିନ୍ତୁ ଅରବିନ୍ଦ ଘୋଷଙ୍କ ସକାଶେ ତାଙ୍କୁ ଯିବାକୁ ହେଲା । ଏ ବ୍ୟବସ୍ଥା କଲେ ପତ୍ରିକାଟିର ଭୂତପୂର୍ବ ପରିଚାଳକ ଗିରିଜା ସୁନ୍ଦର ଚକ୍ରବର୍ତ୍ତୀ । କାରଣ ଯଦି ଦୈବାତ୍ ମନମୋହନ ଖଲାସ ହେବେ ତେବେ ଅରବିନ୍ଦ ଘୋଷ ବିଜୟ ଗୌରବରେ କଲିକତା ପ୍ରତ୍ୟାବର୍ତ୍ତନ କରିବେ ।''

ନଭେମ୍ବର ୭ ତାରିଖରେ ରାୟ ବାହାରିଗଲା ଏହି ମର୍ମରେ ଯେ ପତ୍ରିକାରେ ପ୍ରକାଶିତ ପ୍ରବନ୍ଧ ରାଜଦ୍ରୋହମୂଳକ ନୁହେଁ । ତଥାପି ମନମୋହନଙ୍କୁ ନଭେମ୍ବର ୧୮ ତାରିଖ ଯାଏ କାରାଗାରରେ ରଖାଗଲା ।

ପ୍ରବଳ ଉତ୍ସାହରେ ଜନସାଧାରଣ ଏବଂ ଭାରତୀୟ ପତ୍ର-ପତ୍ରିକା ହାଇକୋର୍ଟ ରାୟକୁ ସ୍ୱାଗତ କଲେ । କିନ୍ତୁ ଇଂରେଜ ପ୍ରଭାବିତ କାଗଜମାନେ ଅତ୍ୟନ୍ତ ବିରକ୍ତ ଓ ବିରୂପ ମନ୍ତବ୍ୟ ଦେଲେ । 'ଇଣ୍ଡିଆନ୍ ମିରର୍' ଲେଖିଲା, ଏ ରାୟ ଯୋଗୁଁ ଶ୍ରୀଅରବିନ୍ଦ ପ୍ରତ୍ୟାବର୍ତ୍ତନ କରି ପାରନ୍ତି ! ଭୟର ଏଭଳି ନିର୍ଲଜ୍ଜ ସ୍ୱୀକାରୋକ୍ତି ବିରଳ, କହିବା ବାହୁଲ୍ୟ ।

ଲଣ୍ଡନସ୍ଥ ଭାରତ ଶାସନ ବିଭାଗକୁ ପ୍ରେରିତ ହେଉଥିବା ସମ୍ବାଦପତ୍ରସବୁ ଉପରେ ସାପ୍ତାହିକ ବିବରଣୀରୁ କେତୋଟି ନମୁନା : 'ଦି ବେଙ୍ଗଲି' ମନମୋହନଙ୍କୁ ନଭେମ୍ବର ୭ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବେଆଇନ ଭାବରେ କାରାଗାରରେ ରଖାଯିବା ବିରୋଧରେ ତୀବ୍ର ମତ ପ୍ରକାଶ କରି ଏଭଳି କାର୍ଯ୍ୟ

କିପରି କରାଯାଇପାରେ ସେ ବାବଦରେ ଗଭର୍ଣ୍ଣରଙ୍କୁ ଯଥାଶୀଘ୍ର ତଦନ୍ତ କରି ସେପାଇଁ ଯିଏ ଦାୟୀ ତା' ପ୍ରତି ଦଣ୍ଡବିଧାନ କରିବାର ଦାବି କରିଛି ।

'ଷ୍ଟେଟସ୍‌ମ୍ୟାନ୍' ହାଇକୋର୍ଟ ରାୟକୁ ସମାଲୋଚନା କରିଥିବା ଯୋଗୁଁ ତାହା ବିଚାର ବିଭାଗର ଅବମାନନା ବୋଲି ଅଭିହିତ କଲା 'ଦି ବେଙ୍ଗଲି' ।

'ଇଣ୍ଡିଆନ୍ ମିରର୍' ଖୋଲାଖୋଲି ଲେଖିଲା କି ହାଇକୋର୍ଟ ରାୟ ଆଇନତଃ ଯେତେ ନିରପେକ୍ଷ ହୋଇଥାଉ ନା କାହିଁକି ରାଜନୀତି ଦୃଷ୍ଟିରୁ ଦୁର୍ଭାଗ୍ୟଜନକ । ବାତାବରଣ ଶାନ୍ତ ଥିଲା । ବର୍ତ୍ତମାନ ଦକ୍ଷିଣ ଭାରତର ଏକ ସମ୍ବାପପତ୍ର ସ୍ପଷ୍ଟ ଭାବରେ ଅନୁରୋଧ କରିଛି ଯେ କାଳବିଳମ୍ବ ନକରି ବାବୁ ଅରବିନ୍ଦ ପୁନର୍ବାର ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ''ଆମେ କିନ୍ତୁ ବାବୁ ଅରବିନ୍ଦ ଘୋଷଙ୍କର ପୁନରାବିର୍ଭାବକୁ ଖୁସି ମନରେ ଗ୍ରହଣ କରିପାରୁ ନାହୁଁ ।... ଆମେ ଆମ ସହଧର୍ମୀ 'ଷ୍ଟେଟସ୍‌ମ୍ୟାନ୍'ର ମତକୁ ସମର୍ଥନ କରୁଛୁଁ – ଯେ ସ୍ୱରାଜ ଏବଂ ପରୋକ୍ଷ ପ୍ରତିରୋଧ ଭଳି ଜାତୀୟବାଦୀ ଆଦର୍ଶ ଯେ କେବଳ ମାତ୍ର ସମବେତ ଦୁଷ୍ଟାମିକୁ ହିଁ ନିମନ୍ତ୍ରଣ କରିବ ଏଥିରେ ସନ୍ଦେହ ନାହିଁ । ଆମର ମତ ହାଇକୋର୍ଟର ରାୟ ଯେପରି ଦୁଷ୍ଟାମିକୁ ପ୍ରଶ୍ରୟ ଦେବ ନାହିଁ, ସେ ଦିଗରେ ସରକାର କୌଣସି ଉପାୟ ନିର୍ଣ୍ଣୟ କରିବେ ।''

ପତ୍ରପତ୍ରିକାରେ ଚାଲିଥିବା ବାଦାନୁବାଦର ବିବରଣୀ ଦୀର୍ଘ । ସେସବୁର କେତୋଟି ନମୁନା ମାତ୍ର ଦିଆଗଲା । ''ହାଇକୋର୍ଟ'ର ରାୟ ଆନ୍ଦୋଳନକାରୀମାନଙ୍କ ନିମନ୍ତେ ଏକ ଅମୂଲ୍ୟ ସନନ୍ଦ (Magnacarta) ବୋଲି କହିବାକୁ ପଣ୍ଡାପ୍ରଦ ହେଲା ନାହିଁ 'ଷ୍ଟେଟସ୍‌ମ୍ୟାନ୍' ।

'ଦି ଇଣ୍ଡିଆନ୍ ଏମ୍ପାୟାର' ଲେଖିଲା ସେ ମନ୍ତବ୍ୟ ବିରୁଦ୍ଧରେ, ''ଉପରୋକ୍ତ ମତ ଯଦି ହାଇକୋର୍ଟର ଏବଂ ବିଶେଷତଃ ବିଚାରକ ଫ୍ଲେଚାରଙ୍କର ଅବମାନନା ନହୁଏ ତେବେ ଆଉ କ'ଣ ହୋଇପାରେ ?''

ସାଧାରଣ ଭାରତୀୟ ସମ୍ବାଦପତ୍ରମାନେ ଇଂରେଜ ନିୟନ୍ତ୍ରିତ ପତ୍ରିକାସବୁର ଦୁଃସାହସିକ ମନ୍ତବ୍ୟର ପ୍ରବଳ ସମାଲୋଚନା କରି ସେମାନଙ୍କୁ ସେମାନଙ୍କ ଔଦ୍ଧତ୍ୟ ସମ୍ପର୍କରେ କିଞ୍ଚିତ୍ ସଜାଗ କରିଦେଇ ପାରିଲେ ବୋଲି ମନେହୁଏ ।

ଅବଶେଷରେ କୁଣ୍ଠିତ ସରକାର ୧୯୧୦ ନଭେମ୍ବର ୨୧ ତାରିଖରେ ବିଧେୟ ପଦକ୍ଷେପ ନେବାକୁ ବାଧ୍ୟ ହେଲେ । ପରଦିନ 'ଟାଇମ୍‌ସ୍' ପରିବେଷଣ କଲା ଏହି ସମ୍ବାଦ :

''ସରକାର 'କର୍ମଯୋଗୀନ୍'ରେ ପ୍ରକାଶିତ ଶ୍ରୀଅରବିନ୍ଦ ଘୋଷଙ୍କ ପ୍ରବନ୍ଧ ଭିତ୍ତିରେ ଆଣିଥିବା ଅଭିଯୋଗ ପ୍ରତ୍ୟାହାର କରିନେଲେ ।''

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**

ଏ ପରିଚ୍ଛେଦରେ ପରିବେଷିତ ସମସ୍ତ ତଥ୍ୟ ଏବଂ ଉଦ୍ଧୃତି ଲଣ୍ଡନସ୍ଥ ଇଣ୍ଡିଆ ଅଫିସ ଲାଇବ୍ରେରି (ସଂରକ୍ଷଣାଗାର)ରୁ ଲେଖକଙ୍କ ଦ୍ୱାରା ସଂଗୃହୀତ ।

ସର୍ବଦା ମନୁଷ୍ୟ ଶରୀରର ଅଭ୍ୟାସ ହେଉଛି କୌଣସି ଶକ୍ତି ଏହାକୁ ଅଧିକାର କରିବାକୁ ମନୋନୟନ କଲେ ଏହା ତା'ର ପ୍ରତ୍ୟୁତ୍ତର ଦେଇଥାଏ ଏବଂ ନିଜର ତାମସିକତା ଓ ଅଜ୍ଞାନତା ପାଇଁ ଏହାକୁ ରୋଗ ରୂପକ ମୂଲ୍ୟ ଦେବାକୁ ହୁଏ । କେବଳ ଦିବ୍ୟଶକ୍ତିକୁ ପ୍ରତ୍ୟୁତ୍ତର ଦେବା ଲାଗି ଏହାକୁ ଶିକ୍ଷା କରିବାକୁ ହେବ ।

– ଶ୍ରୀଅରବିନ୍ଦ

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଚତୁର୍ବିଂଶ ଅଧ୍ୟାୟ)

## କର୍ମଯୋଗର ସାରତତ୍ତ୍ୱ

## ଶେଖ ଅବଦୁଲ କାଶମ

ଆଲୋଚ୍ୟ ନିବନ୍ଧଟି ହେଉଛି ''ଗୀତା-ନିବନ୍ଧମାଳା'' ଗ୍ରନ୍ଥର ପ୍ରଥମ ଅନୁକ୍ରମର ଶେଷ ନିବନ୍ଧ । ଇତି ମଧ୍ୟରେ ମୂଳ ଗୀତାର ପ୍ରଥମ ଛଅଟି ଅଧ୍ୟାୟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚିତ ହୋଇଯାଇଛି, ଯେଉଁଥିରେ ଗୀତା-ଶିକ୍ଷାର ଏକ ପ୍ରାଥମିକ ପରିଚୟ ଦିଆଯାଇଛି । ଦ୍ୱନ୍ଦ୍ୱଗ୍ରସ୍ତ ଓ ବିଷାଦଗ୍ରସ୍ତ ଅର୍ଜୁନଙ୍କ ମନରେ ସମ୍ୟକ୍ ବୋଧଶକ୍ତି ଜାଗୃତ କରିବା ପାଇଁ ତଥା ତାଙ୍କୁ ଯଥାର୍ଥ ମାର୍ଗଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ ଅନେକ ବିଷୟର ଅବତାରଣା କରିଛନ୍ତି, ଯଥା : ଆତ୍ମାର ଅମରତ୍ୱ ଓ ଶାଶ୍ୱତ ସ୍ଥିତି, ବାସନା ଓ ଆସକ୍ତିର ବିନାଶ, ଇନ୍ଦ୍ରିୟମାନଙ୍କ ଉପରେ କର୍ତ୍ତୃତ୍ୱ ଲାଭ, ସମତା, ନିଶ୍ଚଳ ମନ, ମୁକ୍ତ ନୈର୍ବ୍ୟକ୍ତିକ କର୍ମ, ଯଜ୍ଞାର୍ଥେ କର୍ମ, ବାହ୍ୟିକ ତ୍ୟାଗ ଅପେକ୍ଷା ଆଭ୍ୟନ୍ତରୀଣ ତ୍ୟାଗର ବାଞ୍ଛନୀୟତା, ଅବତାର ତତ୍ତ୍ୱ, ତ୍ରିଗୁଣମୟୀ ପ୍ରକୃତି, ତ୍ରିଗୁଣାତୀତ ଅବସ୍ଥା, କର୍ମଯୋଗ ଓ ଜ୍ଞାନଯୋଗର ତତ୍ତ୍ୱ ଓ ପ୍ରକ୍ରିୟା ଇତ୍ୟାଦି । ଅନେକ ବିଷୟ ଯାହା ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଭାବରେ ଆଲୋଚିତ ହୋଇଛି ତାହାର ବ୍ୟାପକ ଓ ବିଶଦ ବ୍ୟାଖ୍ୟା ଗୀତାର ପରବର୍ତ୍ତୀ ବାରଗୋଟି ଅଧ୍ୟାୟରେ ସନ୍ନିବେଶିତ ହୋଇଛି । ବିଷୟଗୁଡ଼ିକୁ ଅଧିକ ସ୍ପଷ୍ଟ କରିବା ପାଇଁ ଶ୍ରୀଅରବିନ୍ଦ ତାଙ୍କ ନିବନ୍ଧମାଳାର ପ୍ରଥମ ଅନୁକ୍ରମରେ ହିଁ ଗୀତାର ପରବର୍ତ୍ତୀ ବାରଗୋଟି ଅଧ୍ୟାୟରୁ ଅନେକ କଥାର ଅବତାରଣା କରିଛନ୍ତି । ଫଳରେ ତାଙ୍କର ପ୍ରତ୍ୟେକଟି ନିବନ୍ଧ ହୋଇଛି ସାରଗର୍ଭକ ଓ ସ୍ୱୟଂସମ୍ପୂର୍ଣ୍ଣ ।

ପ୍ରକୃତରେ ଶ୍ରୀଅରବିନ୍ଦଙ୍କ 'ଗୀତା-ନିବନ୍ଧମାଳା' ଅଧ୍ୟୟନ କଲେ ଅନେକ ତାତ୍ତ୍ୱିକ ବିଷୟ ସ୍ପଷ୍ଟତର ହୋଇଯାଏ ଏବଂ ତା'ର ମହତ୍ତ୍ୱ ଅଧିକ ପ୍ରକାଶିତ ହୁଏ । ବ୍ୟାପକତର ଓ ସମଗ୍ର ଦୃଷ୍ଟିକୋଣରୁ ବିଷୟଗୁଡ଼ିକୁ ବୁଝିବାରେ ଏହା ଅସାଧାରଣ ଭାବରେ ସାହାଯ୍ୟ କରେ । ପୁଣି ପାଠକର ମନ, ପ୍ରାଣରେ ଭରିଦିଏ ଆଧ୍ୟାତ୍ମିକ ଶକ୍ତି ଓ ଦିବ୍ୟକର୍ମ ସମ୍ପାଦନ ନିମିତ୍ତ ବିପୁଳ ଉତ୍ସାହ । ଅର୍ଜୁନଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରିବା ଗୀତା-ଶିକ୍ଷାର ଏକମାତ୍ର ଉଦ୍ଦେଶ୍ୟ ନ ଥିଲା । ଅର୍ଜୁନଙ୍କୁ ମାଧ୍ୟମ କରି ସମଗ୍ର ମାନବଜାତିକୁ ଜୀବନର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସଚେତନ କରିବା ତଥା ଦିବ୍ୟତାର ଅଭିବ୍ୟକ୍ତି ଓ ଦିବ୍ୟତା ଆଡ଼କୁ ମାନବତାର ଉତ୍ତରଣକୁ ସମ୍ଭବ କରିବା ଥିଲା ଏହାର ସୁଦୂର ଲକ୍ଷ୍ୟ । ଏକଥାଟି ଶ୍ରୀଅରବିନ୍ଦଙ୍କ ନିବନ୍ଧମାଳା ଅଧ୍ୟୟନ କଲେ ସ୍ପଷ୍ଟ ହୃଦୟଙ୍ଗମ କରିହୁଏ ।

ଏଥର ଆଲୋଚ୍ୟ ନିବନ୍ଧକୁ ଆସିବା ଯେଉଁଥିରେ ଶ୍ରୀଅରବିନ୍ଦ କର୍ମଯୋଗର ସାରତତ୍ତ୍ୱ ବିଷୟ ଉପରେ ଆଲୋକପାତ କରିଛନ୍ତି ।

ଆମେ ଜାଣୁ ଯେ କର୍ତ୍ତବ୍ୟ କର୍ମର ମୂଳ ସମସ୍ୟା ନେଇ ଗୀତାର ଆରମ୍ଭ ହୋଇଛି । ଅର୍ଜୁନ କେଉଁ ବିଧାନ ଦ୍ୱାରା ନିଜର କର୍ତ୍ତବ୍ୟ, ଅକର୍ତ୍ତବ୍ୟ ନିରୂପଣ କରିବେ ? ଏକ ପକ୍ଷରେ ରହିଛି ହତ୍ୟା ସମ୍ପର୍କରେ ବ୍ୟକ୍ତିଗତ ପାପର ନୈତିକ ପ୍ରଶ୍ନ ଓ ଅନ୍ୟ ପକ୍ଷରେ ରହିଛି ସମାଜ ଓ ଦେଶ ପ୍ରତି ଯେଉଁ ନୈତିକ କର୍ତ୍ତବ୍ୟ ଅର୍ଥାତ୍ ଆଦର୍ଶଗତ ନୈତିକତା ଓ କାର୍ଯ୍ୟକ୍ଷେତ୍ରରେ ଉପଯୋଗୀ ବ୍ୟବହାରିକ ନୈତିକତା, ଏ ଦୁଇଟି ଭିତରୁ କେଉଁଟିକୁ ସେ ଅଧିକ ଗୁରୁତ୍ୱ ଦେବେ ? କୌଣସି ସମସ୍ୟାର ସମାଧାନ ପାଇଁ ଏକ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟକୁ ନିର୍ବାଚନ କଲାବେଳେ ଆମେ ଏହିପରି ଦ୍ୱନ୍ଦ୍ୱରେ ପଡ଼ିଥାଉ । ତେବେ ନିର୍ବାଚନ ପାଇଁ ମନୁଷ୍ୟ ପାଖରେ ରହିଛି କେତେକ ସାଧନ; ଯଥା : ବିଚାରବୁଦ୍ଧି, ନୈତିକବୋଧ, କର୍ମ-ପ୍ରେରଣା, ପ୍ରାଣର ପ୍ରବୃତ୍ତି, ହୃଦୟ-ବୃତ୍ତି, ସହଜାତ ବୃତ୍ତି ଇତ୍ୟାଦି । କିନ୍ତୁ ଗୀତାର ଦୃଷ୍ଟିକୋଣ ହେଲା ଏହିପରି ଭାବରେ ସମସ୍ୟାର କୌଣସି ଚରମ ମୀମାଂସା ସମ୍ଭବ ନୁହେଁ । ଯେଉଁ ସ୍ତରରେ ସମସ୍ୟା ଥାଏ ସେଇଠି ସମାଧାନ ନ ଥାଏ । ତା'ଠୁ ଏକ ଉଚ୍ଚତର ସ୍ତରରେ ହିଁ ସମାଧାନ ରହିଥାଏ । ଗୀତା ଆମକୁ ଯେଉଁ ସମାଧାନ ଦେଇଛି ତାହା ହେଲା ଆମକୁ ଆମର ସାଧାରଣ ମନରୁ ଊର୍ଦ୍ଧ୍ୱକୁ ଉଠି ଏପରି ଏକ ଚେତନା ଲାଭ କରିବାକୁ ହେବ ଯାହା ଆମର ସତ୍ତାଗତ ଧର୍ମ ଅନୁଯାୟୀ ଆମର କର୍ମକୁ ନିୟନ୍ତ୍ରିତ କରିବ । ଏଥିପାଇଁ ବ୍ୟକ୍ତିଗତ କାମନାବାସନା, ବ୍ୟକ୍ତିଗତ ଭାବାବେଗ ଓ ବ୍ୟକ୍ତିଗତ ପାପପୁଣ୍ୟର ବୋଧକୁ

ଅତିକ୍ରମ କରିବାକୁ ହୁଏ । ସେହି ଉଚ୍ଚତର ଚେତନାକୁ ଲାଭ କଲେ ବିଶ୍ୱଗତ ନୈର୍ବ୍ୟକ୍ତିକ ଭାଗବତ ସତ୍ତା ଆମ ଭିତର ଦେଇ ଜଗତରେ ତାଙ୍କର ଉଦ୍ଦେଶ୍ୟ ସମ୍ପନ୍ନ କରନ୍ତି । ସେତେବେଳେ ନିଜର ବ୍ୟକ୍ତିଗତ କର୍ମ ବୋଲି କିଛି ରହେ ନାହିଁ ।

ଆମର ମାନସିକ ଓ ପ୍ରାଣିକ ବ୍ୟକ୍ତିତ୍ୱ ହେଉଛି ଆମର ପ୍ରାକୃତ ଜୀବନ (natural existence)ର ଏକ ସତ୍ୟ । ଅର୍ଥାତ୍ ଏହା ଅଜ୍ଞାନର ଏକ କ୍ଷେତ୍ର । ଅଜ୍ଞାନମୟ ନିମ୍ନ-ପ୍ରକୃତିରୁ ଆସୁଥିବା କର୍ମର ପ୍ରେରଣା କେବେହେଲେ ଯଥାର୍ଥ ହୋଇପାରିବ ନାହିଁ ଯଦିଓ ତାହା ବ୍ୟବହାରିକ ଭାବେ ଉପଯୋଗୀ ହୋଇପାରେ । ଆମେ ନିମ୍ନ-ପ୍ରକୃତିକୁ ଅତିକ୍ରମ କରି ଯେତେବେଳେ ଦିବ୍ୟ ଚେତନାରେ ବାସ କରୁ ସେତେବେଳେ ଆମର କର୍ମ ବା ଲକ୍ଷ୍ୟ କିଛି ବି ବ୍ୟକ୍ତିଗତ ହୋଇ ରହେ ନାହିଁ । ସେତେବେଳେ ଆମେ କର୍ମର ଅଧୀଶ୍ୱରଙ୍କ ଇଚ୍ଛା ଦ୍ୱାରା ହିଁ ସମ୍ପୂର୍ଣ୍ଣଭାବେ ପରିଚାଳିତ ହେଉ । ଅର୍ଥାତ୍ ଆମ ସତ୍ତାର ଯଥାର୍ଥ ସତ୍ୟ ମଧ୍ୟରେ ପ୍ରତିଷ୍ଠିତ ହେବା ଦ୍ୱାରା ହିଁ ଆମେ ଜୀବନର ସକଳ ସମସ୍ୟାର ଏକମାତ୍ର ସମ୍ପୂର୍ଣ୍ଣ ସତ୍ୟ ସମାଧାନ ପାଇଥାଉ ।

ଗୀତା ଦୃଷ୍ଟିରେ କର୍ମଯୋଗର ସାରତତ୍ତ୍ୱକୁ ଶ୍ରୀଅରବିନ୍ଦ ନିମ୍ନମତେ ପ୍ରକାଶ କରିଛନ୍ତି – "This upward transference of our centre of being and the consequent transformation of our whole existence and consciousness, with a resultant change in the whole spirit and motive of our action, the action often remaining precisely the same in all its outward appearances, makes the gist of the Gita's Karmayoga. Change your being, be reborn into the spirit and by that new birth proceed with the action to which the Spirit within has appointed you, may be said to be the heart of its message."

(Essays on the Gita, p. 250-251)

ଅର୍ଥାତ୍, ''ଆମର ସତ୍ତାର କେନ୍ଦ୍ରର ଏହି ଉର୍ଦ୍ଧ୍ୱାୟନ ଏବଂ ତାହାର ଫଳସ୍ୱରୂପ ଆମର ସମଗ୍ର ଜୀବନ ଓ ଚେତନାର ରୂପାନ୍ତର ଏବଂ ତା' ସହିତ ଆମ କର୍ମର ସମଗ୍ର ଭାବ ଓ ଉଦ୍ଦେଶ୍ୟର ପରିବର୍ତ୍ତନ; ଯଦିଓ ଅନେକ ସମୟରେ ସେହି କର୍ମର ବାହ୍ୟରୂପ ଠିକ୍ ପୂର୍ବପରି ରହିଥାଏ – ଏହା ହିଁ ଗୀତାର କର୍ମଯୋଗର ସାରତତ୍ତ୍ୱ । ତୁମ ସତ୍ତାର ପରିବର୍ତ୍ତନ କର, ଆତ୍ମା ମଧ୍ୟରେ ନୂତନ ଜନ୍ମଗ୍ରହଣ କର ଏବଂ ସେହି ନବଜନ୍ମ ଲାଭ କରି ସେହିସବୁ କର୍ମ କରିବାକୁ ଅଗ୍ରସର ହୁଅ ଯାହା କରିବା ପାଇଁ ତୁମର ଅନ୍ତରସ୍ଥ ଆତ୍ମା ତୁମକୁ ନିଯୁକ୍ତ କରିଛନ୍ତି – ଏହା ହିଁ ଗୀତାର ବାର୍ତ୍ତାର ମର୍ମକଥା ।''

(ଗୀତା-ନିବନ୍ଧମାଳା, ପୃ. ୩୦୭)

ଏଠାରେ ଦୁଇଟି ଧାରଣା ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଉଠେ – ପ୍ରଥମଟି ହେଉଛି ସତ୍ତାର କେନ୍ଦ୍ରୀୟ ଭାଗର ଉର୍ଦ୍ଧ୍ୱାୟନ (upward transference of our centre of being) ଏବଂ ଦ୍ୱିତୀୟଟି ହେଉଛି କର୍ମର ସ୍ୱରୂପ (nature of the work) ବା ଯେଉଁ ଭାବ (spirit) ଦ୍ୱାରା କର୍ମ କରିବାକୁ ହେବ । କର୍ମର ଭାବ ସତ୍ତାର ସ୍ୱଭାବରୁ ହିଁ ଜାତ ହୋଇଥାଏ । ଅନ୍ୟ ପକ୍ଷରେ କର୍ମ କରିବା ପଛରେ ଆମର ଭାବ ଯଦି ଯଥାର୍ଥ ହୋଇଥାଏ ତାହା ଆମ ସ୍ୱଭାବକୁ ମଧ୍ୟ ପରିବର୍ତ୍ତନ କରି ଦେଇପାରେ । ଆମର କର୍ମ ଓ ଜୀବନ ସହିତ ଆତ୍ମାର ସମ୍ପର୍କ ରହିଛି । ଆତ୍ମା ଯେ ପ୍ରକୃତିଠାରୁ କଦାପି ବିଚ୍ଛିନ୍ନ ହୋଇ ରହି ନାହିଁ ଏକଥା ଉପରେ ଶ୍ରୀଅରବିନ୍ଦ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଏହା ସର୍ବଦା ସ୍ମରଣୀୟ ଯେ ଆମର ଜୀବନ ଓ କର୍ମ ଦ୍ୱାରା ଆମ ଭିତରେ ଅନ୍ତରାତ୍ମାର ବିକାଶ ଘଟିଥାଏ । ଆମେ ଯେଉଁ କର୍ମ କରୁଛୁ ତାହା ଯେତିକି ମହତ୍ତ୍ୱପୂର୍ଣ୍ଣ ନୁହେଁ, ଆମର ଅନ୍ତରାତ୍ମାର ଶକ୍ତି ଦ୍ୱାରା କେତେଦୂର ପ୍ରଭାବିତ ହୋଇ ଆମେ କର୍ମ କରୁଛୁ ତାହା ହିଁ ମହତ୍ତ୍ୱପୂର୍ଣ୍ଣ । ସୁତରାଂ ମହତ୍ତର ଆତ୍ମୋପଲବ୍ଧି ପାଇଁ କର୍ମ ଯୋଗ ନିଶ୍ଚିତ ରୂପେ ଏକ ବାସ୍ତବ ଓ ବଳିଷ୍ଠ ଉପାୟ ହୋଇପାରିବ ।

ଚରମପନ୍ଥୀ ବେଦାନ୍ତବାଦୀମାନଙ୍କ ଦୃଷ୍ଟିରେ ପ୍ରକୃତିର ଯାବତୀୟ କ୍ରିୟା ହେଉଛି ମିଥ୍ୟା ଓ ମାୟା । ମାତ୍ର ଏହି ମତକୁ ଗୀତା ଗ୍ରହଣ କରି ନାହିଁ । ଗୀତା ସ୍ୱୀକାର କରେ ଯେ ଆମର ପ୍ରକୃତି ହେଉଛି ଆମ ଅନ୍ତରାତ୍ମାର ଏକ ବାହ୍ୟରୂପ ବା ଏକ ଆଂଶିକ ସକ୍ରିୟ ପ୍ରକାଶ । ସାଂଖ୍ୟର ପୁରୁଷ ଓ ପ୍ରକୃତିର ପାର୍ଥକ୍ୟକୁ ଗୀତା ଗ୍ରହଣ କରିଛି । ଏହି ତତ୍ତ୍ୱ ଅନୁସାରେ ପୁରୁଷ ହେଉଛି ଜ୍ଞାତା, ସେ ଧାରଣ କରେ ଓ ପ୍ରେରଣା ଦିଏ ଏବଂ ଅନ୍ୟ ପକ୍ଷରେ ପ୍ରକୃତି ହେଉଛି କାର୍ଯ୍ୟକାରିଣୀ ଶକ୍ତି ଯିଏ କର୍ମ କରେ ଏବଂ ତା'ର ପଦ୍ଧତି ଓ ସାଧନଗୁଡ଼ିକୁ ଉପଯୋଗ କରେ । ପ୍ରକୃତି ହେଉଛି ପ୍ରକ୍ରିୟାର ଏକ ଶକ୍ତି (a power of process),

ଏହି କ୍ରିୟାର ତିନୋଟି ମୂଳଭାବ ରହିଛି – ସତ୍ତ୍ୱ, ରଜଃ ଓ ତମଃ । ଏହି ତିନୋଟି ଗୁଣ ପରସ୍ପର ଉପରେ କ୍ରିୟା କରିବା ହେଉଛି ପ୍ରକୃତିର ପଦ୍ଧତି । ଜଣେ ଯେତେବେଳେ ସାଧନା ଦ୍ୱାରା ନିଜର ଚେତନାକୁ ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱମୁଖୀ କରେ ସେ ପୁରୁଷ-ଚେତନାରେ ଅଧିଷ୍ଠିତ ହୋଇ ପ୍ରକୃତିର କ୍ରିୟାସକଳକୁ ଅନାସକ୍ତ ସାକ୍ଷୀ ରୂପେ ଦେଖେ, ସେଥିରେ ସମ୍ପୃକ୍ତ ହୁଏ ନାହିଁ । ଫଳସ୍ୱରୂପ ସେ ନିଜର ମୂଳ ଅଧ୍ୟାତ୍ମ ଅକ୍ଷର ସତ୍ତାକୁ ଉପଲବ୍ଧି କରିଥାଏ । ଏହି ମୁକ୍ତ ଅଧ୍ୟାତ୍ମ ସ୍ଥିତିରେ ବ୍ୟକ୍ତି ନିଜେ ହିଁ ନିଜ ସତ୍ତାର ପ୍ରଭୁ ହୁଏ, ତା'ର ସମର୍ଥନ ଦ୍ୱାରା ହିଁ ତା' ଭିତରେ ନିର୍ଦ୍ଧାରିତ ସମ୍ଭୂତି (becoming) ବା ବିବର୍ତ୍ତନ ସଂଘଟିତ ହୁଏ ।

ମନସ୍ତାତ୍ତ୍ୱିକ ତଥ୍ୟ ଦୃଷ୍ଟିରୁ ବିଚାର କରି ଆମେ କହିପାରିବା ଯେ ଆମେ ଦୁଇ ପ୍ରକାର ଜୀବନଯାପନ କରୁ । ଗୋଟିଏ ହେଲା ଜୀବ(soul)ର ଜୀବନ ଯାହା ପ୍ରକୃତିର ଅଧୀନରେ ରହିଥାଏ । ସେ ସକ୍ରିୟ ପ୍ରକୃତିର କାର୍ଯ୍ୟ ସବୁରେ ସମ୍ପୃକ୍ତ ହୋଇଥାଏ, ତା'ର ଆନ୍ତର ଓ ବାହ୍ୟ ଉପକରଣ ବା ଯନ୍ତ୍ର ସବୁ (ମନ, ଇନ୍ଦ୍ରିୟ ଇତ୍ୟାଦି) ସହିତ ନିଜକୁ ଅଭିନ୍ନ ମନେ କରେ । ଏହା ଏକ ସୀମିତ ବ୍ୟକ୍ତିତ୍ୱର ଜୀବନ, ବଦ୍ଧ ଜୀବନ । ଦ୍ୱିତୀୟଟି ହେଲା ଆତ୍ମା (spirit)ର ଜୀବନ ଯାହାକି ନୈର୍ବ୍ୟକ୍ତିକ, ମୁକ୍ତ, ଅସୀମ, ବିଶ୍ୱମୟ ଓ ବିଶ୍ୱାତୀତ । ଏହି କ୍ଷେତ୍ରରେ ଆତ୍ମା ଅନନ୍ତ ସମତା ସହିତ ନିଜର ପ୍ରାକୃତ ସତ୍ତା (natural being) ଓ କର୍ମକୁ ଧାରଣ କରିଥାଏ ।

ଯଥାର୍ଥ କର୍ମଯୋଗର ପଦ୍ଧତି ହେଉଛି ପ୍ରାକୃତ ସତ୍ତାର ସୀମା ଭିତରୁ ଅନ୍ତଃପୁରୁଷକୁ ମୁକ୍ତ କରିବା । ଏଥିପାଇଁ ପ୍ରାକୃତ ଜୀବନର ପ୍ରକ୍ରିୟାକୁ ପ୍ରଥମେ ବୁଝିବାକୁ ହେବ । ଜଡ଼ ପ୍ରକୃତିର ରୂପ ଓ ବସ୍ତୁର ସ୍ପର୍ଶସବୁ ଇନ୍ଦ୍ରିୟମାନଙ୍କ ଜରିଆରେ ଆମର ପ୍ରାଣ ସମ୍ମୁଖକୁ ଆସେ । ପ୍ରାଣ ସେସବୁ ପ୍ରତି ଆସକ୍ତ ହୁଏ ଏବଂ ତଜ୍ଜନିତ ଫଳ ଭୋଗିବାକୁ ଚାହେଁ । ମନ ମଧ୍ୟ ତା'ର ଚିନ୍ତା, ଭାବାବେଗ, ପ୍ରତିକ୍ରିୟା ଆଦି ସାହାଯ୍ୟରେ ଇନ୍ଦ୍ରିୟଗତ ବିଷୟଗୁଡ଼ିକର ଅନୁଧାବନ କରେ । ମନର ଚାପ ଫଳରେ ବୁଦ୍ଧି ମଧ୍ୟ ଇନ୍ଦ୍ରିୟଗତ ଜୀବନର ଅଧୀନତା ସ୍ୱୀକାର କରିନିଏ । ଏହିପରି ଭାବରେ ଆମର ଆନ୍ତରସତ୍ତା ବସ୍ତୁସବୁର ବାହ୍ୟ ରୂପର ଅଧୀନ ହୋଇପଡ଼େ । ଆମ ଭିତରେ ଥିବା ଅହଂ ଏ ସମସ୍ତ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରେ, ସବୁ ଅନୁଭବ ଉପରେ ନିଜର ଅଧିକାର ଦାବି କରି ବସେ । ଆମର ମନ, ଇଚ୍ଛା, ଇନ୍ଦ୍ରିୟ ଓ ଶରୀର ଉପରେ ପ୍ରକୃତି ଯେଉଁ କ୍ରିୟା କରୁଛି ତାହା ଅନ୍ୟମାନଙ୍କ ଭିତରେ ଚାଲୁଥିବା ପ୍ରକୃତିର କ୍ରିୟାଠାରୁ କିପରି ଭିନ୍ନ ତାହା ଏହି ଅହଂବୋଧ ହିଁ ବୁଦ୍ଧି ଜରିଆରେ ଆମକୁ ଜଣାଇ ଦିଏ ।

ପ୍ରକୃତି ଆମର ଅହଂ ଉପରେ କିପରି କ୍ରିୟା କରୁଛି ଏବଂ ଆମର ଅହଂ ସେହି ପ୍ରକୃତିର ସ୍ପର୍ଶ ପ୍ରତି କେଉଁ ପ୍ରକାର ଉତ୍ତର ଦେଉଛି ସେହି ଅନୁସାରେ ଆମର ପ୍ରାକୃତ ଜୀବନ ଗଠିତ ହୋଇଥାଏ । ଅହଂ କ୍ରମଶଃ ବିସ୍ତାର ଲାଭ କରି ପରିବାର, ବଂଶ, ଦେଶ, ଜାତି ବା ମାନବସମାଜ ସହିତ ନିଜକୁ ଯୁକ୍ତ କରିନିଏ । ଏହି ଅହଂ ହିଁ ପ୍ରାକୃତ ଜୀବନରେ ଆମର ସକଳ କର୍ମର ମୂଳ ହୋଇ ରହିଥାଏ ।

ପ୍ରକୃତି ତା'ର ଗୁଣଗୁଡ଼ିକ ମାଧ୍ୟମରେ ଆମ ଭିତରେ ତାର ଇଚ୍ଛାକୁ କାର୍ଯ୍ୟକାରୀ କରୁଥାଏ । ସେହି ଅନୁସାରେ ଆମ ଦ୍ୱାରା ବିଭିନ୍ନ କର୍ମ ସମ୍ପାଦିତ ହେଉଥାଏ । ପ୍ରକୃତିର ଇଚ୍ଛାକୁ ଆମେ ଆମର ବ୍ୟକ୍ତିଗତ ଇଚ୍ଛା ବୋଲି ଧାରଣା କରିଥାଉ । ଆମର ଅହଂର ବ୍ୟକ୍ତିତ୍ୱ ହେଉଛି ପ୍ରକୃତିର ସୃଷ୍ଟି, ଏହା ଆମର ମୁକ୍ତ ଆତ୍ମା ନୁହେଁ । ତାମସିକ ଗୁଣର ପ୍ରଭାବରେ ରହି ଆମର ବ୍ୟକ୍ତିତ୍ୱ ଜଡ଼ ଓ ତାମସିକ ହୋଇଯାଏ । ସ୍ୱାଧୀନ ରୂପେ କର୍ମ କରିବା ପାଇଁ ଏହା ଅସମର୍ଥ ହୁଏ । ଆମ ସତ୍ତା ଭିତରେ ରାଜସିକ ଗୁଣ ପ୍ରଭାବଶାଳୀ ହେଲେ ଆମେ ଅସ୍ଥିର ଓ କର୍ମପ୍ରବଣ ହୋଇଉଠୁ, ନାନା କାମନା-ବାସନା ଦ୍ୱାରା ବଶୀଭୂତ ହୋଇ ନିଜର ସ୍ୱାଧୀନତା ହରାଇ ବସୁ । ସେହିପରି ସାତ୍ତ୍ୱିକ ଗୁଣର ପ୍ରଭାବରେ ଆମର ବ୍ୟକ୍ତିତ୍ୱ ଜ୍ଞାନସମୃଦ୍ଧ ହୁଏ; ସତ୍ୟ, ଶିବ ଓ ସୁନ୍ଦରର ଆଦର୍ଶକୁ ସେ ଜୀବନରେ ରୂପାୟିତ କରିବାକୁ ଚାହେଁ । ଏହି ଅବସ୍ଥାରେ ମଧ୍ୟ ଅହଂ ଛଦ୍ମ ରୂପରେ ବ୍ୟକ୍ତିତ୍ୱକୁ ବଶୀଭୂତ କରି ରଖିଥାଏ । ସୁତରାଂ ପ୍ରକୃତିର ଗୁଣସମୂହର ପ୍ରଭାବ ଭିତରେ ଥିବା ପର୍ଯ୍ୟନ୍ତ ଯଥାର୍ଥ ସ୍ୱାଧୀନତା ନଥାଏ ।

ଶ୍ରୀଅରବିନ୍ଦଙ୍କ ମତରେ ସ୍ୱାଧୀନତା ଦିଗରେ ପ୍ରଥମ ପଦକ୍ଷେପ ହେଉଛି ଅନ୍ତର୍ମୁଖୀ ହୋଇ ବାସ କରିବା, ବାହ୍ୟ ବିଷୟ ଆଡ଼କୁ ସ୍ୱଭାବତଃ ଅନୁଧାବନ କରୁଥିବା ଇନ୍ଦ୍ରିୟମାନଙ୍କୁ ନିବୃତ୍ତ କରି ରଖିବା । ଇନ୍ଦ୍ରିୟମାନଙ୍କ ଉପରେ ପ୍ରଭୁତ୍ୱ, ଯେଉଁସବୁ ବସ୍ତୁ ପ୍ରତି ସେମାନେ ଲାଳାୟିତ ସେସବୁ ବିନା ରହିପାରିବାର ସାମର୍ଥ୍ୟ – ଏହାହିଁ ହେଉଛି ଯଥାର୍ଥ ଅଧ୍ୟାତ୍ମ ଜୀବନର ପ୍ରଥମ ସର୍ତ୍ତ । ବୁଦ୍ଧିପ୍ରେରିତ ଏହି ସଂଯମ ଅଭ୍ୟାସ ଧୀରେ ଧୀରେ ସାଧକ ଭିତରେ ଆତ୍ମାର ଅନୁଭବ ଆଣିଦିଏ । ସାଧକ ଜାଣିପାରେ ଯେ ତା' ଭିତରେ ଏପରି କିଛି ସତ୍ୟ-ଚେତନା

ରହିଛି ଯାହା ବାହ୍ୟସ୍ପର୍ଶଗୁଡ଼ିକ ଦ୍ୱାରା ମନରେ ସୃଷ୍ଟି ହେଉଥିବା ବିକାରଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଆତ୍ମା ହେଉଛି ସଦା ମୁକ୍ତ, ସ୍ୱପ୍ରତିଷ୍ଠ, ପ୍ରଶାନ୍ତ, ଅକ୍ଷର ଏବଂ ନିଜେ ନିଜର ପ୍ରଭୁ । ସାଧକ ତା'ର ଦୃଢ଼ ଅଭ୍ୟାସ ଦ୍ୱାରା ପ୍ରାକୃତ ସତ୍ତାର ବାସନାମୟ ପ୍ରବୃତ୍ତିରୁ ନିଜକୁ ମୁକ୍ତ କରି ପାରିଲେ ଏହି ଆତ୍ମା ସ୍ୱତଃ ତା'ର ଅନ୍ତର ଭିତରେ ପ୍ରକାଶିତ ହୁଏ ।

ଅହଂ ଓ ବାସନାରୁ ମୁକ୍ତ ହୋଇ କର୍ମ କରିବାକୁ ଗୀତା ଶିକ୍ଷା ଦେଇଛି । ଆମକୁ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ପରିତ୍ୟାଗ କରିବାକୁ ହେବ । ଏହା ଫଳରେ ଆମର ଚିତ୍ତବୃତ୍ତି କ୍ରମଶଃ ଶାନ୍ତ ହୋଇଯିବ ଏବଂ ସକଳ ପରିସ୍ଥିତିରେ ଏକ ପ୍ରଶାନ୍ତ ସମତାଭାବ ପୋଷଣ କରିବାର ସାମର୍ଥ୍ୟ ଆମ ଭିତରେ ସୃଷ୍ଟି ହେବ । ବିଚାରବୁଦ୍ଧିର ଉପଯୋଗ ଦ୍ୱାରା ପ୍ରକୃତିର କର୍ମସବୁକୁ ଦ୍ରଷ୍ଟା ରୂପେ ଦେଖିବାକୁ ହେବ । ନିଜ ଅନ୍ତଃସତ୍ତାର ପବିତ୍ରତାକୁ ଅନୁଭବ କରିବାକୁ ହେବ । ଗୁଣସବୁକୁ ନେଇ ପ୍ରକୃତି ଯେଉଁ ଖେଳ ରଚନା କରିଛି ତା'ର ପଶ୍ଚାତରେ ଏକ ମହତ୍ତର ଶକ୍ତି ରହିଛି ଯାହା ପ୍ରକୃତରେ ସମଗ୍ର ବିଶ୍ୱର ପ୍ରଭୁ । ଆମର କ୍ଷୁଦ୍ର ବ୍ୟକ୍ତିସତ୍ତା ତୁଳନାରେ ତାହା ଅନନ୍ତ ଗୁଣରେ ଅଧିକ ଶକ୍ତିଶାଳୀ । ସେହି ଶକ୍ତି ହାତରେ ଆମର ସକଳ କର୍ମକୁ ସମର୍ପଣ କରିଦେବାକୁ ହେବ । ଇନ୍ଦ୍ରିୟଗୁଡ଼ିକର ଅଧୀନତାରୁ ମକ୍ତ ହୋଇ ମନକୁ ସ୍ଥିର ଓ ନୀରବ କରିପାରିଲେ ଏହି ସମର୍ପଣ କ୍ରିୟା ମଧ୍ୟ ସହଜ ହୋଇଯିବ । ଏହି ସମୁଦାୟ ସାଧନା ପଦ୍ଧତି ପରିଶେଷରେ ସ୍ୱୟଂପୂର୍ଣ୍ଣ ଆନନ୍ଦମୟ ଆତ୍ମାର ଉପଲବ୍ଧି ଆଣିଦେବ ।

ଆମ ଭିତରେ ଆତ୍ମା (self) ପ୍ରକାଶିତ ହେଲେ ଆମର ଅନ୍ତଃପୁରୁଷ (soul) ପ୍ରକୃତିର ନିମ୍ନ ଅବସ୍ଥାରୁ ଉତ୍ତୋଳିତ ହୋଇ ଆତ୍ମାରେ ପୁନଃ ପ୍ରତିଷ୍ଠିତ ହୁଏ । ଏଥିରେ ଯେଉଁ ଶକ୍ତି ସାହାଯ୍ୟ କରେ ତାହା ହେଲା ଶାନ୍ତି, ସମତା ଓ ନୈର୍ବ୍ୟକ୍ତିକତା । ଆମର ଅହଂ ନୈର୍ବ୍ୟକ୍ତିକ ସତ୍ତା ମଧ୍ୟରେ ବିଲୀନ ହୋଇଯିବା ଫଳରେ ଆମେ ସ୍ୱୟଂ ଆତ୍ମା ହୋଇଉଠୁ । ଏହି ଅହଂଶୂନ୍ୟ ଶାନ୍ତି ଓ ନୈର୍ବ୍ୟକ୍ତିକତା ମଧ୍ୟରେ ଯେଉଁ କର୍ମ କରାଯାଏ ତାହା ଆଉ ଆମର କର୍ମ ହୋଇ ରହେ ନାହିଁ, ତାହା ହୋଇଯାଏ ଭଗବାନଙ୍କ କର୍ମ । ଫଳରେ ତାହା ବନ୍ଧନର କାରଣ ହୁଏ ନାହିଁ ।

ତେବେ ପ୍ରଶ୍ନ ଉଠେ ଆମେ ଅକ୍ଷର-ଆତ୍ମସତ୍ତାରେ ପ୍ରତିଷ୍ଠିତ ହେଲା ପରେ କର୍ମର ପ୍ରେରଣା ଆସିବ କେଉଁଠୁ ? କାରଣ ପ୍ରକୃତିରେ ହିଁ କର୍ମ ରହିଛି ଏବଂ ସେହି ପ୍ରକୃତିକୁ ଆମେ ଅତିକ୍ରମ କରି ସାରିଥିବୁ । ଗୀତା ଏହାର ସମାଧାନ କରିବାକୁ ଯାଇ କହିଛି ଯେ ପ୍ରକୃତି ଏକ ସ୍ୱତନ୍ତ୍ର ତତ୍ତ୍ୱ ନୁହେଁ, ତାହା ହେଉଛି ପରମଙ୍କର ହିଁ ଶକ୍ତି ଯାହା ବିଶ୍ୱସୃଷ୍ଟିର ଦାୟିତ୍ୱ ବହନ କରିଛି । ପୁଣି ଅକ୍ଷର ଆତ୍ମାର ଊର୍ଦ୍ଧ୍ୱରେ ରହିଛନ୍ତି ତା'ଠୁ ମହତ୍ତର ଏକ ପରାତ୍ପର ସତ୍ତା ବା ପୁରୁଷୋତ୍ତମ ଯିଏ ହେଉଛନ୍ତି ପ୍ରକୃତିର ଯାବତୀୟ କର୍ମର ଅଧୀଶ୍ୱର । ପୁରୁଷୋତ୍ତମ ହିଁ ତାଙ୍କର ଅକ୍ଷର ଭାବ ନେଇ ପ୍ରକୃତିର ସକଳ କର୍ମକୁ ପରିଚାଳନା କରନ୍ତି । ଅକ୍ଷର ବ୍ରହ୍ମର ସ୍ଥିତି (status of the Immutable self)ରେ ରହି ପୁରୁଷୋତ୍ତମ ବିଶ୍ୱ ସହିତ ସଂଯୋଗ ସ୍ଥାପନ କରନ୍ତି, ବିଶ୍ୱ-ବ୍ୟବସ୍ଥା ଭିତରେ ତଥା ପ୍ରତ୍ୟେକ ବ୍ୟକ୍ତି ଭିତରେ ସେ ନିଜକୁ ବିଭିନ୍ନ ରୂପରେ ଅଭିବ୍ୟକ୍ତ କରନ୍ତି । ସେ ହିଁ ଅବତାର ରୂପେ ମନୁଷ୍ୟ ଜାତି ମଧ୍ୟରେ ଜନ୍ମଗ୍ରହଣ କରି ଦିବ୍ୟଜନ୍ମର ଆଦର୍ଶ ପ୍ରତିଷ୍ଠା କରନ୍ତି । ସେ ସୃଷ୍ଟି ମଧ୍ୟରେ ସକଳ କର୍ମର ଅଧୀଶ୍ୱର ହୋଇ ଥିବାରୁ ତାଙ୍କରି ଉଦ୍ଦେଶ୍ୟରେ ପ୍ରତ୍ୟେକ କର୍ମ ଯଜ୍ଞ ରୂପେ ସମ୍ପାଦନ କରିବା ଉଚିତ ।

କ୍ଷର, ଅକ୍ଷର ଓ ପରାତ୍ପର ପୁରୁଷୋତ୍ତମ ଏଇ ତିନୋଟି ଏକହିଁ ପରମ ସତ୍ତାର ବିଭିନ୍ନ ସ୍ୱରୂପ ବା ସ୍ଥିତି । ଏହା ମଧ୍ୟରେ ଚେତନାର କୌଣସି ଫାଟ ବା ବିଚ୍ଛିନ୍ନତା ନାହିଁ । ଏକହିଁ ପରମଚେତନା ସବୁ କିଛିକୁ ଅବିଚ୍ଛେଦ୍ୟ ସୂତ୍ରରେ ଏକତ୍ର ବାନ୍ଧି ରଖିଛି । ସୁତରାଂ ବ୍ୟକ୍ତି-ଆତ୍ମା ଅକ୍ଷର ବ୍ରହ୍ମ ସ୍ତରରେ ପ୍ରତିଷ୍ଠିତ ହେଲେ କର୍ମର ପ୍ରୟୋଜନୀୟତାରେ ବିରାମ ଘଟେ ନାହିଁ । ଆମେ ସଚେତନ ହେଲେ ଜାଣିପାରିବା ଯେ ସ୍ୱୟଂ ପ୍ରକୃତି ମଧ୍ୟ ନିଜର ସକଳ କାର୍ଯ୍ୟକୁ ପ୍ରକୃତିର ଅଧୀଶ୍ୱର ପରମ ପ୍ରଭୁଙ୍କ ପାଖରେ ଯଜ୍ଞ ରୂପରେ ଉତ୍ସର୍ଗ କରୁଛି ।

କର୍ମର ବ୍ରହ୍ମାର୍ପଣ ଅଭ୍ୟାସ କରି ବ୍ୟକ୍ତି ପୁରୁଷୋତ୍ତମଙ୍କ ସ୍ଥିତିରେ ପହଞ୍ଚିବାକୁ ଚେଷ୍ଟା କରେ । ସାଧକର ବ୍ୟକ୍ତି-ସତ୍ତା ପୁରୁଷୋତ୍ତମଙ୍କ ସହିତ ଯୁକ୍ତ ହେଲେ କର୍ମ ଯେ ଅପ୍ରାସଙ୍ଗିକ ଓ ଅନାବଶ୍ୟକ ହୋଇ ପଡ଼ିବ ଏପରି ଭାବିବା ଭୁଲ୍ । କାରଣ ବ୍ୟକ୍ତିର ଅହଂ ବିଲୁପ୍ତ ହୋଇ ଥିବାରୁ ତା' ମଧ୍ୟରେ ପରମଙ୍କ ଇଚ୍ଛା ଓ ସଂକଳ୍ପ ସର୍ବଦା କାର୍ଯ୍ୟକାରୀ ହୁଏ ।

ଜ୍ଞାନ ଆମକୁ ଅକ୍ଷର ବ୍ରହ୍ମର ସ୍ଥିତିରେ ପ୍ରତିଷ୍ଠିତ କରେ । କ୍ଷରରୁ ଅକ୍ଷର ସ୍ତରକୁ ଉନ୍ନୀତ ହେବା ଦିଗରେ କର୍ମ ଆମକୁ ପ୍ରସ୍ତୁତ କରେ । କିନ୍ତୁ ଭକ୍ତି ଓ ଆତ୍ମ-ସମର୍ପଣ ପ୍ରକୃତିର କ୍ରିୟାଜାଳକୁ ଛିନ୍ନ କରି ଆମକୁ ପୁରୁଷୋତ୍ତମଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସମ୍ବନ୍ଧିତ ଓ ସଂଯୁକ୍ତ କରିଦିଏ ।

ସକଳ କର୍ମର ଅଧୀଶ୍ୱର ପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ଯଜ୍ଞ ରୂପେ କରାଯାଉଥିବା କର୍ମ ଦ୍ୱାରା ଆମେ ଆତ୍ମା ମଧ୍ୟରେ ପ୍ରତିଷ୍ଠିତ ହେଉ । ଏହା ଆମକୁ ପୁରୁଷୋତ୍ତମଙ୍କ ସହିତ ଏକତ୍ୱର ଉପଲବ୍ଧି ଆଣିଦିଏ । ବିଶ୍ୱର ସମସ୍ତ ଜୀବଙ୍କ ସହିତ ମଧ୍ୟ ଆମେ ଏକ ହୋଇଉଠୁ । ସେତେବେଳେ ବ୍ୟକ୍ତିଗତ କର୍ମର ଦ୍ୱନ୍ଦ୍ୱ ବା ସମସ୍ୟାଟି ଦୂର ହୋଇଯାଏ । ଭଗବାନ୍ ଆମକୁ ମାଧ୍ୟମ କରି ସଂସାରରେ 'ଲୋକ ସଂଗ୍ରହ' ଓ 'ଲୋକପାଳନ' ପାଇଁ ଦିବ୍ୟକର୍ମ କରି ଚାଲନ୍ତି ।

ପ୍ରକୃତରେ ଜୀବନରୂପୀ କୁରୁକ୍ଷେତ୍ର ହେଉଛି ଭଗବାନଙ୍କ ଲୀଳାଭୂମି । ସେ ହିଁ ଜୀବନ ମହାଯୁଦ୍ଧର ରଚୟିତା ଓ ମହାନାୟକ, ସେ ହିଁ ଯୋଦ୍ଧା ଓ ସେ ହିଁ ବିଜେତା । ସକଳ କର୍ମ ତାଙ୍କର, କର୍ମଫଳ ବି ତାଙ୍କର । ଶ୍ରୀ, ସିଦ୍ଧି ଓ ବିଜୟ ତାଙ୍କର; ସମସ୍ତ ଯଶ ଓ ମହିମା ବି ତାଙ୍କର । ଆମେ ମନୁଷ୍ୟମାନେ ନିମିତ୍ତ ମାତ୍ର ।

❑❑❑

# ସନ୍ଧିପତ୍ର

## ହୃଷୀକେଶ ପଣ୍ଡା

ସଭିଏଁ ଚାହାଁନ୍ତି ଏବେ ନବ କଳେବର
ଆମ ଚେତନାର, ଆମ ଚରିତ୍ରର
କୂଅ ଉଝୁଳା ହେଲା ପରି
ସଫା କରିବାକୁ ଆବର୍ଜନା
ଆମ ନିଃଶ୍ୱାସର ଆମ ବିଶ୍ୱାସର ।

ଅଳିନ୍ଦ ନିଳୟ, ଶିରା ପ୍ରଶିରାରେ
ସବୁଠି ଏବେ ସଂକ୍ରମଣ
ପଞ୍ଚଭୂତ ଦଶ ଦିଗରେ
ଅହରହ ଯୁଦ୍ଧ ପାଇଁ
ମାନବ ଓ ପ୍ରକୃତିର ବିପୁଳ ଆୟୋଜନ,
ମନ ପାଇଁ, ପ୍ରାଣ ପାଇଁ
ସୁଖ ପାଇଁ, ସ୍ୱପ୍ନ ପାଇଁ
ମଣିଷ ବଶ କରିବ ପ୍ରକୃତିକୁ
ଖୋଜି ଚାଲିଛି ଯୁଦ୍ଧର ସରଞ୍ଜାମ
କ୍ଷଣକୁ କ୍ଷଣ ସଜ କରୁଛି ମଇଦାନ
ଶାସ୍ତ୍ର, ବିଜ୍ଞାନ, ପୂଜା-ପ୍ରବଚନ
ସମସ୍ତେ ଘର୍ମାକ୍ତ ଆଜି
କଷି କଷି ସେ ଯୁଦ୍ଧର ଶେଷ ପରିଣାମ ।

ଏଣେ ମହାମାରୀ ରୂପରେ
ବିଶ୍ୱ ମାନବକୁ ଗୃହବନ୍ଦୀ କରିଛି ପ୍ରକୃତି
ନର ସଂହାରର ତାଣ୍ଡବ ରଚନା କରି
ଜଣାଇ ଦେଇଛି ଚରମ ଚେତାବନୀ,
ସଂକଟର ଏହି ସନ୍ଧିକ୍ଷଣରେ
ଠିଆ ହୋଇଛି ପୃଥିବୀ
ନିର୍ବାକ୍ ଏବଂ ଅସହାୟ ହୋଇ ।

ଶୁଭୁ ନାହିଁ କାହାରିକୁ
ତା' କଣ୍ଠର ଆତୁର ବିଳାପ,
ସେ ଚାହୁଁଛି ଏକ ସୁନ୍ଦର ସହାବସ୍ଥାନ
ଖୋଜୁଛି ଗୋଟେ ମୁକ୍ତ ଆକାଶ
ଶୁଦ୍ଧ ଜଳବାୟୁ, ଶାନ୍ତ ତପୋବନ
ସେଥିପାଇଁ ଆବଶ୍ୟକ
ମଣିଷ ଓ ପ୍ରକୃତି ମଧ୍ୟରେ
ସନ୍ଧିପତ୍ରଟିଏ ''ଦିବ୍ୟପ୍ରେମର'' ।

ମା'ଗୋ ! ତୁମେ ହିଁ ଲେଖିଦିଅ ସେହି ପତ୍ର
ଆଙ୍କିଦିଅ ପୃଥିବୀପୃଷ୍ଠରେ
ପ୍ରେମର ସେ ଅଭୟ ସ୍ୱାକ୍ଷର
ତୁମେ ହିଁ କେବଳ ମା'ଗୋ ସୁବର୍ଣ୍ଣର ସେତୁ
ଏବେ ଏହି ସଙ୍କଟ କାଳର
ଏ ସୃଷ୍ଟିର ନବ କଳେବର ପାଇଁ
ଏହାହିଁ ତ ଏକମାତ୍ର ସମାଧାନ ସୂତ୍ର ॥

❑❑❑

# ରୋଗର ଆକ୍ରମଣକୁ ବୁଝିପାରିବା ଓ ପ୍ରତ୍ୟାଖ୍ୟାନ କରିବା

**ଶ୍ରୀଅରବିନ୍ଦ :** ଆମେମାନେ ଯଦି କେବଳ ବାହ୍ୟ ଶାରୀରିକ ଚେତନାରେ ବାସକରୁ, ରୋଗର ଲକ୍ଷଣଗୁଡ଼ିକ ଶରୀର ମଧ୍ୟରେ ନିଜକୁ ପ୍ରକାଶ ନ କରିବା ପର୍ଯ୍ୟନ୍ତ ଆମେ ଯେ ଅସୁସ୍ଥ ହେବାକୁ ଯାଉଛୁ, ସେକଥା ସାଧାରଣତଃ ଜାଣିପାରୁ ନାହିଁ । କିନ୍ତୁ ଆମେ ଯଦି ଅନ୍ତର୍ମୁଖୀ ଶାରୀରିକ ଚେତନାକୁ ବିକଶିତ କରୁ ତେବେ ଆମେମାନେ ଏକ ସୂକ୍ଷ୍ମ ପରିବେଶାତ୍ମକ ଭୌତିକ ବାତାବରଣ ବିଷୟରେ ଅବଗତ ହୋଇଯାଉ ଏବଂ ଏହା ମଧ୍ୟଦେଇ ରୋଗର ଶକ୍ତିଗୁଡ଼ିକ ଆମ ନିକଟକୁ ଆସିବାର ଅନୁଭବ କରିପାରୁ, ଏପରିକି ଦୂରରୁ ମଧ୍ୟ ସେଗୁଡ଼ିକୁ ଅନୁଭବ କରିପାରୁ ଏବଂ ଯଦି ଆମେ ଏହା କିପରି କରିବାକୁ ହେବ ଶିଖିଥାଉ ତେବେ ଆମେ ଇଚ୍ଛାଶକ୍ତି ଦ୍ୱାରା କିଂବା ଅନ୍ୟ ଉପାୟରେ ସେଗୁଡ଼ିକର ପ୍ରବେଶକୁ ବନ୍ଦ କରି ଦେଇପାରୁ । ଆମର ଚତୁର୍ଦ୍ଦିଗରେ ଏକ ପ୍ରାଣମୟ ଦେହ କିଂବା ସ୍ନାୟବିକ ଆବରଣ ଯାହା ଶରୀରରୁ ବିକୀର୍ଣ୍ଣ ହୁଏ ଏବଂ ଏହାକୁ ରକ୍ଷା କରେ ତାହାକୁ ମଧ୍ୟ ଅନୁଭବ କରିପାରିବୁ । କିଂବା ରୋଗର ଲକ୍ଷଣକୁ, ଉଦାହରଣ ସ୍ୱରୂପ ଜ୍ୱର କିଂବା ସର୍ଦ୍ଦି ସ୍ଥୂଳ ଶରୀରରେ ପ୍ରକାଶିତ ହେବା ପୂର୍ବରୁ ଆମେ ସୂକ୍ଷ୍ମ ଶରୀରର ଆବରଣ ମଧ୍ୟରେ ତାହାକୁ ଅନୁଭବ କରିପାରିବୁ ଏବଂ ଶରୀର ଭିତରେ ସେଗୁଡ଼ିକର ପରିପ୍ରକାଶକୁ ପ୍ରତିରୋଧ କରି ସେଇଠାରେ ହିଁ ସେଗୁଡ଼ିକୁ ଧ୍ୱଂସ କରିପାରିବୁ ।

(SABCL, Vol. 22, p. 350)

*

ସକଳ ରୋଗ ଶରୀର ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ସୂକ୍ଷ୍ମ ଚେତନା ଓ ସୂକ୍ଷ୍ମ ଶରୀରର ସ୍ନାୟବିକ ଆବରଣ କିଂବା ପ୍ରାଣିକ-ଶାରୀରିକ ଆବରଣ ମଧ୍ୟ ଦେଇ ପଶି ଆସନ୍ତି । ଜଣେ ଯଦି ସୂକ୍ଷ୍ମ ଶରୀର ବିଷୟରେ ସଚେତନ ଥାଏ କିଂବା ତା'ର ସୂକ୍ଷ୍ମ ଚେତନା ଥାଏ ତେବେ ସେ ରୋଗକୁ ତା' ଆସିବା ବାଟରେ ବନ୍ଦ କରି ଦେଇପାରିବ ଏବଂ ଭୌତିକ ଶରୀର ମଧ୍ୟରେ ପ୍ରବେଶ କରିବାରୁ ନିବୃତ୍ତ କରିପାରିବ । କିନ୍ତୁ ଏହା ଜଣକର ଅଜାଣତରେ, ଶୋଇବା ଅବସ୍ଥାରେ କିଂବା ଅବଚେତନା ମଧ୍ୟ ଦେଇ ଆସିଥାଇପାରେ । ଅଥବା ଜଣେ ଯେତେବେଳେ ଅସତର୍କ ଥାଏ ଏହା ଅତର୍କିତଭାବେ ଆସିଥାଇପାରେ; ତା'ହେଲେ ଆଗରୁ ଶରୀର ଉପରେ ଏହା ଯେଉଁ ପ୍ରଭାବଟି ପକାଇଛି ତାହାକୁ ସେଇଠି ଯୁଦ୍ଧ କରି ବିତାଡ଼ିତ କରିଦେବା ବ୍ୟତୀତ ଅନ୍ୟ କିଛି କରିବାର ନାହିଁ । ଯୋଗୀମାନଙ୍କ ପରି ଆଭ୍ୟନ୍ତରୀଣ ଉପାୟ ଦ୍ୱାରା ଆତ୍ମ-ପ୍ରତିରକ୍ଷା ଏପରି ଶକ୍ତ ହୋଇଯାଏ ଯେ ଶରୀର ପ୍ରକୃତପକ୍ଷେ ରୋଗ ଆକ୍ରମଣରୁ ମୁକ୍ତ ହୋଇଥାଏ । ତଥାପି ଏହି ''ପ୍ରକୃତପକ୍ଷେ''ଟି ''ସଂପୂର୍ଣ୍ଣଭାବେ'' ବୋଲି ବୁଝାଏ ନାହିଁ । କେବଳ ଅତିମାନସ ରୂପାନ୍ତର ଦ୍ୱାରା ହିଁ ସଂପୂର୍ଣ୍ଣ ରୋଗମୁକ୍ତି ଆସିପାରେ । କାରଣ ଅତିମାନସର ନିମ୍ନସ୍ଥ ଅନେକ ଶକ୍ତି ମଧ୍ୟରୁ ଏହା ଏକ ଶକ୍ତିର କାର୍ଯ୍ୟର ଫଳ ହୋଇପାରେ ଏବଂ ପ୍ରତିଷ୍ଠିତ ସମତା ବ୍ୟାଘାତ ହେଲେ ଏହା ପୁଣି ବିଗିଡ଼ି ଯାଇପାରେ – ଅତିମାନସ ଭିତରେ ଏହା ହେଉଛି ପ୍ରକୃତିର ଏକ ନିୟମ; ଅତିମାନସ-ରୂପାନ୍ତର ଲାଭ କରିଥିବା ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତି ସ୍ୱତଃସ୍ଫୂର୍ତ୍ତ ହେବ ଓ ଏହାର ନୂତନ ସ୍ୱଭାବ ମଧ୍ୟରେ ସହଜାତ ହୋଇଯିବ ।

(SABCL, Vol. 24, p. 1564-65)

*ଯେତେବେଳେ ଶ୍ରୀଅରବିନ୍ଦ କହନ୍ତି ରୋଗ ବାହାରୁ ଆସେ, ପ୍ରକୃତରେ ଏହା କେଉଁ ଜିନିଷ ଯାହା ବାହାରୁ ଆସେ ?*

**ଶ୍ରୀମା :** ଏହା ଏକ ପ୍ରକାର ସ୍ପନ୍ଦନ ଯାହା ମାନସିକ ପ୍ରସ୍ତାବ, ବିଶୃଙ୍ଖଳାର ଏକ ପ୍ରାଣିକ ଶକ୍ତି ଏବଂ କେତେକ ଭୌତିକ ଉପାଦାନ ଯାହାକି ମାନସିକ ପ୍ରସ୍ତାବ ଓ ପ୍ରାଣିକ ସ୍ପନ୍ଦନର ରୂପାୟନ ଦ୍ୱାରା ହିଁ ଗଢ଼ା ହୋଇଥାଏ । ଏବଂ ଏହି ଭୌତିକ ଉପାଦାନଗୁଡ଼ିକ ଜୀବାଣୁ, ସୂକ୍ଷ୍ମାଣୁ, ଏଇଟା, ସେଇଟା ଏବଂ ଅନ୍ୟାନ୍ୟ ବହୁତ କିଛି କଥା ହୋଇ ପାରନ୍ତି, ଯେଉଁ ବିଷୟରେ ସେମାନେ ସମସ୍ତେ ଏକମତ ।

ଯଦି କାହାର ସୂକ୍ଷ୍ମ ଇନ୍ଦ୍ରିୟଗୁଡ଼ିକର ବିଶେଷ ଉନ୍ନତ

ହୋଇଥାଏ ତେବେ ହୁଏତ ଏହା ସହିତ ଏକ ସ୍ପର୍ଶାନୁଭୂତି, ଏକ ସ୍ୱାଦ, ଏକ ଗନ୍ଧ ରହିପାରେ । ରୋଗର ଏହି ସଂଗଠନଗୁଡ଼ିକ ବାୟୁମଣ୍ଡଳକୁ ଏକ ସ୍ୱତନ୍ତ୍ର ଆସ୍ୱାଦନ, ଏକ ସ୍ୱତନ୍ତ୍ର ଗନ୍ଧ କିଂବା ସ୍ୱତନ୍ତ୍ର ଏକ ଛୋଟ ଇନ୍ଦ୍ରିୟାନୁଭୂତି ପ୍ରଦାନ କରିଥାଏ ।

ଲୋକମାନଙ୍କର ଅନେକ ଇନ୍ଦ୍ରିୟ ଅଛି ଯେଉଁଗୁଡ଼ିକ ସୁପ୍ତ । ସେଗୁଡ଼ିକ ଭୟଙ୍କରଭାବେ ତାମସିକ । ସେମାନଙ୍କ ପାଖରେ ଥିବା ସମସ୍ତ ଇନ୍ଦ୍ରିୟ ଯଦି ଜାଗ୍ରତ୍ ହୁଅନ୍ତି ତେବେ ସେମାନେ ଅନେକ ଜିନିଷ ଜାଣି ପାରିବେ ଯେଉଁଗୁଡ଼ିକୁ ନିଃସନ୍ଦେହରେ ଛାଡ଼ି ଦିଆଯାଇଥାଏ ।

ଉଦାହରଣ ସ୍ୱରୂପ ଅନେକଙ୍କର ଏକ ସମୟରେ ନିର୍ଦ୍ଦିଷ୍ଟ ପ୍ରକାର ଇନ୍‌ଫ୍ଲୁଏଞ୍ଜା ହୋଇଛି । ଏହା ଖୁବ୍ ବ୍ୟାପକ । ତେବେ, ଏହା ଯେତେବେଳେ ନିକଟକୁ ଆସେ, ଏହାର ଏକ ସ୍ୱତନ୍ତ୍ର ଆସ୍ୱାଦ, ସ୍ୱତନ୍ତ୍ର ଗନ୍ଧ ଥାଏ ଏବଂ ଏହା ତୁମ ନିକଟକୁ ଏକ ପ୍ରକାରର ସ୍ପର୍ଶ ଆଣେ (ଅବଶ୍ୟ ଏହା ଧକ୍କା ମାରିବା ଭଳି ନୁହେଁ, ଏହା ଟିକିଏ ସୂକ୍ଷ୍ମତର କିଛି ଜିନିଷ) ତାହା ଏକ ପ୍ରକାରର ସ୍ପର୍ଶ ଠିକ୍ ଯେପରି ତୁମେ ଯେତେବେଳେ କୌଣସି ଜିନିଷ ଉପରେ ହାତ ବୁଲାଅ, ହାତ ପଛକୁ ଆଣ... ତୁମେ କେବେ ବି ଏହା କରି ନାହଁ ? ସେହି ବସ୍ତୁର ଗୋଟିଏ ଅଣୁ ଥାଏ । ବୁଝିଲ ! ତୁମେ ଯେତେବେଳେ ଠିକ୍ ଦିଗରେ ହାତ ଚଳାଅ କିଂବା ଏହିପରି ଭାବେ କର (ଇଙ୍ଗିତ), ସେତେବେଳେ ଏହା ତୁମକୁ... ଯେପରି କିଛି ଏହିପରି ଭାବେ ପୁଣି ପଛକୁ ଆଣିଲେ ବି ଲାଗୁଛି ତୁମର ଚର୍ମ ଉପର ଦେଇ ଗତି କରୁଛି । ଅବଶ୍ୟ ମୁଁ ତୁମକୁ କହିପାରେ ଏହା ଟଳମଳ କରି ଦେବା ଭଳି ଏକ ଧକ୍କା ନୁହେଁ । ଏହା ଖୁବ୍ ସୂକ୍ଷ୍ମ କିନ୍ତୁ ବହୁତ ସ୍ପଷ୍ଟ ।...

ସୁରକ୍ଷାର ଏକ ବାତାବରଣ ଦ୍ୱାରା ନିଜକୁ ପୃଥକ୍ କରି ରଖିବାର ଏକ ଉପାୟ ସର୍ବଦା ରହିଥାଏ ଯଦି ଜଣେ ଜାଣେ ଯେ କିପରି ଭାବେ ଖୁବ୍ ଏକ ସ୍ଥିର ସ୍ପନ୍ଦନ ଲାଭ କରିହେବ – ଏତେ ସ୍ଥିର ଯେ ତୁମର ଚାରିପଟେ ଏହା ପ୍ରାୟ ଏକ ପ୍ରକାର ପ୍ରାଚୀର ଗଢ଼ିଦିଏ । କିନ୍ତୁ ସର୍ବଦା, ସବୁସମୟରେ ବାହାରୁ ଆସୁଥିବା ସ୍ପନ୍ଦନର ପ୍ରତ୍ୟୁତ୍ତରରେ ଜଣେ ସ୍ପନ୍ଦିତ ହୁଏ । ତୁମେ ଯଦି ଏ ବିଷୟରେ ସଚେତନ ହୁଅ, ସର୍ବଦା କିଛି ଗୋଟିଏ ଅଛି ଯାହାକି ଏଇଟା, ସେଇଟା, ଏଇଟା (ଇଙ୍ଗିତ) କରି ଚାଲିଛି ଏବଂ ବାହାରୁ ଆସୁଥିବା ସମସ୍ତ ସ୍ପନ୍ଦନକୁ ପ୍ରତ୍ୟୁତ୍ତର ଦେଉଛି । ଏକ ସଂପୂର୍ଣ୍ଣ ସ୍ଥିର ବାତାବରଣ ଯାହା ତୁମଠାରୁ ବିକୀର୍ଣ୍ଣ ହୁଏ, ଅର୍ଥାତ୍ ଭିତରୁ ବାହାରକୁ ଯାଏ – ବାହାରୁ ଭିତରକୁ ଆସେ ନାହିଁ – ଯାହା ତୁମ ଚତୁର୍ଦ୍ଦିଗରେ ଏକ ଆଚ୍ଛାଦନ ଭଳି ରହିଥାଏ, ଖୁବ୍ ସ୍ଥିର, ଏହି ଭାବେ ତୁମେ ଯେଉଁଠାକୁ ଇଚ୍ଛା ସେଠାକୁ ଯାଇପାର ଏବଂ ବାହାରୁ ଆସୁଥିବା ସ୍ପନ୍ଦନଗୁଡ଼ିକ ତୁମ ବାତାବରଣ ଚାରିପଟେ ଏପରି (ଇଙ୍ଗିତ) କରିବା ଲାଗି ଆରମ୍ଭ କରନ୍ତି ନାହିଁ ।

ତୁମେ ଯଦି ସେପ୍ରକାର ନୃତ୍ୟଟି ଦେଖିପାରନ୍ତ – ତୁମ ଚାରିପଟେ ସର୍ବଦା ରହିଥିବା ସେହି ସ୍ପନ୍ଦନର ନୃତ୍ୟକୁ, ତେବେ ତୁମେ ଦେଖିପାରିବ ଓ ଭଲଭାବେ ବୁଝିପାରିବ ଯେ ମୁଁ କେଉଁ ଅର୍ଥରେ କହୁଛି ।...

ଯାହା ଆଶ୍ଚର୍ଯ୍ୟର କଥା, ତାହା ହେଉଛି ଅଚେତନତା ଯାହା ଭିତରେ ମଣିଷମାନେ ଜୀବନ ଅତିବାହିତ କରନ୍ତି; କିପରି ବଞ୍ଚିବାକୁ ହେବ ସେକଥା ସେମାନେ ଜାଣନ୍ତି ନାହିଁ । ଏକ ନିୟୁତ ମଧ୍ୟରେ ଜଣେ ବି ନାହିଁ ଯିଏ ଜାଣେ କିପରି ବଞ୍ଚିବାକୁ ହେବ । ସେମାନେ ସେପରି ବଞ୍ଚନ୍ତି, କୌଣସିମତେ ଯେନତେନ ପ୍ରକାରେଣ ବଞ୍ଚି ଥାଆନ୍ତି, ଏପରି ହେଉ ବା ସେପରି ହେଉ, ଛୋଟେଇ ଛୋଟେଇ, ଚଳେଇ ନେଇ ବା ଚଳେଇ ନ ନେଇ ... ତଥାପି କିପରି ବଞ୍ଚିବାକୁ ହେବ ତାହା ଜଣକୁ ଶିଖିବା ଉଚିତ । ତାହା ହିଁ ହେଉଛି ପ୍ରଥମ କଥା ଯାହା ପିଲାମାନଙ୍କୁ ଶିଖାଇବାକୁ ହେବ : କିପରି ଜୀବନ ବଞ୍ଚିବାକୁ ହେବ ।...

(CWM , Vol. 7, pp. 144 - 146) ❑

ପ୍ରକୃତରେ, ନିଜ ଭିତରକୁ ଯିବାର ସୁଯୋଗ ନେବା ଏବଂ ନିଜେ ଜାଗ୍ରତ୍ ହେବା ତଥା ଏକ ନୂତନ ଚେତନା ଯାହା ଅଧିକ ଆଲୋକିତ ଓ ଅଧିକ ସତ୍ୟ, ତାହା ଭିତରେ ହିଁ ଜନ୍ମନେବା ଅପେକ୍ଷା ଜଣେ ଅସୁସ୍ଥତାର ଆଉ ଅଧିକ ମହତ୍ ଉପଯୋଗ କ'ଣ ବା କରିପାରିବ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୯)

**ଆଶ୍ରମ ଗଠନର ପ୍ରାରମ୍ଭ ପର୍ବ :**

୨୩ ଅଗଷ୍ଟ ୧୯୩୦ରେ ଶ୍ରୀମା ତାଙ୍କ ପୁତ୍ର ଆଁଦ୍ରେଙ୍କୁ ଲେଖିଥିଲେ : ''ଏବେ ଆଶ୍ରମଟି ଅଧିକରୁ ଅଧିକ ଚିତ୍ତାକର୍ଷକ ଅନୁଷ୍ଠାନ ରୂପେ ଗଢ଼ିଉଠୁଛି । ବର୍ତ୍ତମାନ ଆମର ଏକୋଇଶଟି ନିବାସଗୃହ ହୋଇ ଗଲାଣି, ଏକବିଂଶତିତମ ନିବାସଟି ମାତ୍ର ଏବେ ଆମ ଅଧିକାରକୁ ଆସିଛି । ଆଶ୍ରମ-ସଦସ୍ୟମାନଙ୍କର (ପଣ୍ଡିଚେରୀରେ ବାସ କରୁଥିବା ଶ୍ରୀଅରବିନ୍ଦଙ୍କର ଶିଷ୍ୟବର୍ଗ) ସଂଖ୍ୟା ପଞ୍ଚାଶୀରୁ ଶହେ ଭିତରେ ରହିଛି ।... ଆମର ଏବେ ପାଞ୍ଚଟି ମଟରଗାଡ଼ି, ବାରଟି ସାଇକେଲ, ଚାରିଟି ସିଲାଇ ମେସିନ୍, ଡଜନେ ଟାଇପ୍ ରାଇଟାର୍, ଅନେକ ସଂଖ୍ୟକ ଗ୍ୟାରେଜ୍, ଏକ ଅଟୋମୋବାଇଲ୍ ମରାମତି କରିବାର କର୍ମଶାଳା, ବିଦ୍ୟୁତ୍‌ଶକ୍ତି ସରବରାହର ଏକ ବ୍ୟବସ୍ଥା ସଂସ୍ଥା*, ଏକ ଗୃହ ନିର୍ମାଣ ଓ ମରାମତି କରିବା ବିଭାଗ, ପୋଷାକପତ୍ର ଆଦି ସିଲାଇ କରିବାର ବିଭାଗ (ଭାରତୀୟ ଓ ବିଦେଶୀ ଦରଜି, ଛୁଞ୍ଚିସୂତାକୁ ବ୍ୟବହାର କରି ଲୁଗାରେ ଚାରୁକଳାପୂର୍ଣ୍ଣ ସିଲାଇ-କର୍ମ ଇତ୍ୟାଦି ସକାଶେ ନିପୁଣା କର୍ମୀ-ସେବକଗଣ) – ସହସ୍ରାଧିକ ପୁସ୍ତକ ଓ ଗ୍ରନ୍ଥାବଳିରେ ସୁସଜ୍ଜିତ ଏକ ଗ୍ରନ୍ଥାଳୟ ଏବଂ ସେଥିରେ ବସି ଉପଯୁକ୍ତ ପରିବେଶରେ ପଢ଼ାପଢ଼ି କରିବା ସକାଶେ ପ୍ରକୋଷ୍ଠ, ଏକ ଫଟୋଗ୍ରାଫିକ୍ ସର୍ଭିସ୍, ବିଭିନ୍ନ ପ୍ରକାର ଆସବାବପତ୍ର, ପ୍ରାୟ ଫ୍ରାନ୍ସରୁ ଆମଦାନୀ ହୋଇଥିବା ଆସବାବପତ୍ରରେ ଭରପୂର ଏକ ସାଧାରଣ ଗୋଦାମଘର; ଫୁଲ, ଫଳ ଓ ପନିପରିବା ଆଦି ଚାଷ କରିବା ସକାଶେ ଏକ ସୁବିସ୍ତୃତ ବିଶାଳ ବଗିଚା, ଗୋଟିଏ ଗୋଶାଳା, ଗୋଟିଏ ରୁଟି ତିଆରି କାରଖାନା ଇତ୍ୟାଦି – ତୁ ବେଶ୍ ବୁଝି ପାରୁଥିବୁ ଯେ ଏହା ଆଦୌ ଏକ କ୍ଷୁଦ୍ର ବ୍ୟପାର ନୁହେଁ । ଏବଂ ମୋତେ ଏହି ସବୁକିଛିର ଯତ୍ନ ନେବାକୁ ପଡୁଥିବାରୁ, ପ୍ରକୃତରେ କହିପାରିବି ଯେ ମୁଁ ବେଶ୍ କାର୍ଯ୍ୟବ୍ୟସ୍ତ ରହିଛି ।''

ପୁନଶ୍ଚ ଶ୍ରୀମା ୧୦ ଫେବ୍ରୁଆରୀ ୧୯୩୩ରେ ଆଁଦ୍ରେଙ୍କୁ ଲେଖିଛନ୍ତି : ''ବହୁତ ଦିନ ପରେ ମୁଁ ତୋର ୫ ଜାନୁଆରୀର ଚିଠିଟି ପାଇ ଖୁବ୍ ଖୁସୀ ହେଲି, ବିଶେଷ କରି ଯେହେତୁ ତୁ ଭାବିଛୁ ଯେ ପଣ୍ଡିଚେରୀ ହେଉଛି ଏକ ଆଦର୍ଶ ବିଶ୍ରାମସ୍ଥଳ । ଏକଥା ଅବଶ୍ୟ ସତ ଯେ, ଅସ୍ଥିର ମନର ମଣିଷମାନଙ୍କୁ ଆରୋଗ୍ୟଲାଭ କରିବାର ଏକ ଉତ୍କୃଷ୍ଟ ସ୍ଥାନ ପଣ୍ଡିଚେରୀ । – ଯଦି ବି ଏଠାରେ ଜଣେ ନିଜର ଗତିପଥରୁ ବିଚ୍ୟୁତ ବା ଆମୋଦପ୍ରମୋଦ ଆଦି ବିକଳ୍ପ ମାର୍ଗ ଖୋଜି ବାହାର କରିବା ପାଇଁ ସଚେଷ୍ଟ ହୁଏ, ତେବେ ସେ ଏଠାରେ ସେମିତି କିଛି ବି ପାଇବ ନାହିଁ; ପୁନଶ୍ଚ, ଏଠାରେ ସମୁଦ୍ରଟି ଅତ୍ୟନ୍ତ ମନୋହର, ବିସ୍ତୀର୍ଣ୍ଣ ସୁଦୂରପ୍ରସାରୀ ଗ୍ରାମାଞ୍ଚଳ, ଆଉ ସହରଟି ବେଶ୍ ଛୋଟ, ମଟରଗାଡ଼ିରେ ବସି ପାଞ୍ଚ ମିନିଟ୍ ଭିତରେ ତୁ ଏହାର ସୀମାତିକ୍ରମ କରିଯିବୁ; ଏବଂ ଏସବୁର ଠିକ୍ କେନ୍ଦ୍ରସ୍ଥଳରେ ଆଶ୍ରମଟି ହେଉଛି ଶକ୍ତିଶାଳୀ, ଉତ୍ସାହପ୍ରଦାନକାରୀ ଓ ସକ୍ରିୟ ଶାନ୍ତିର ଏକ ଘନୀଭୂତ ପୀଠ । ଏହାର ସ୍ପନ୍ଦନ ଏତେ ତୀବ୍ର ଓ ହୃଦୟସ୍ପର୍ଶୀ ଯେ ବାହାରୁ ଆସୁଥିବା ଦର୍ଶନାର୍ଥୀଗଣ ଏହା ଭିତରେ ପ୍ରବେଶ କରିବା ମାତ୍ରେ ସ୍ପଷ୍ଟ ଅନୁଭବ କରନ୍ତି ଯେପରି ସେମାନେ ଭିନ୍ନ ଏକ ଜଗତରେ ଅଛନ୍ତି । ଯଥାର୍ଥରେ

---

* ''ଆଶ୍ରମର ସେଇ ପ୍ରାରମ୍ଭିକ ଗଠନ ସମୟର ସମସ୍ତ ପ୍ରଚେଷ୍ଟାର ପଶ୍ଚାତରେ ଥିବା ଆନ୍ତର ମନୋଭାବ (spirit) ସମ୍ବନ୍ଧେ ଏକ ଘଟଣା ଉଲ୍ଲେଖଯୋଗ୍ୟ । ଆଶ୍ରମର ଅନ୍ତେବାସୀଙ୍କର ସମବେତ ଜୀବନଧାରାରେ ଖାଦ୍ୟ, ପାନୀୟ, ବିଦ୍ୟୁତ୍ ସରବରାହ, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାର ଉନ୍ନତି ସାଧନ ଆଦି ଅପରିହାର୍ଯ୍ୟ କର୍ମସଂସ୍ଥାର ଆରମ୍ଭ କରାଯାଇଥିଲା, କହିବାକୁ ଗଲେ ସ୍ୱତଃ ଗଢ଼ି ଉଠିଥିଲା । ଏସବୁ ସଂସ୍ଥାକୁ ବିଭାଗ (department)ରେ ନାମିତ କରାଯିବାର ପ୍ରସ୍ତାବ ଅଣାଯାଇ ଶ୍ରୀଅରବିନ୍ଦଙ୍କୁ ଏ ସମ୍ବନ୍ଧେ ଜଣାଇବାରୁ ସେ ଏକ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଲେ – department ପରିବର୍ତ୍ତେ 'service' ('ସେବା' ବା 'ସେବା ବ୍ୟବସ୍ଥା') ।''

('Sri Aurobindo' : Builders of Modern India, p 304) – ମାଧବ ପଣ୍ଡିତ

ଆଶ୍ରମଟି କେତେକାଂଶରେ ଏକ ଭିନ୍ନ ଜଗତ୍ । ଏହା ଏପରି ଏକ ଜଗତ୍ ଯେଉଁଠି ବ୍ୟକ୍ତିସତ୍ତାର ଆନ୍ତର ଜୀବନ ତା'ର ବାହ୍ୟ ଜୀବନକୁ ବିଧିସଙ୍ଗତ ଭାବରେ ନିୟନ୍ତ୍ରଣ କରେ, ପରିଚାଳିତ କରେ – ଏହା ଏପରି ଏକ ଜଗତ୍ ଯେଉଁଠି ବ୍ୟକ୍ତିର ଅତ୍ୟାବଶ୍ୟକ ପାର୍ଥିବ ବସ୍ତୁସକଳ ମିଳି ଯାଇଥାଏ । ଯେଉଁଠି ଏକ ବ୍ୟକ୍ତିଗତ ଉଦ୍ଦେଶ୍ୟ ନୁହେଁ, କିନ୍ତୁ ଏକ ମହାନ୍ ଆଦର୍ଶର ଉପଲବ୍ଧି ସକାଶେ କର୍ମସବୁ ସମ୍ପାଦିତ ହୁଏ । ଆମେମାନେ ଏଠାରେ ଯେଉଁ ଜୀବନ ଯାପନ କରୁଛୁ, ତାହା ବୈରାଗ୍ୟ-ପ୍ରଣୋଦିତ ଯାବତୀୟ ପରିବର୍ଜନରୁ ବହୁଦୂରରେ ରହିଛି, ମନୁଷ୍ୟକୁ ଶକ୍ତିହୀନ କରି ପକାଉଥିବା ଯାବତୀୟ ଆରାମ ଓ ବ୍ୟସନରୁ ମଧ୍ୟ ବହୁଦୂରରେ ରହିଛି । ଏଠାରେ ସରଳତା ହେଉଛି ଜୀବନର ମାର୍ଗ, ମାତ୍ର ଏହି ସରଳତା ମଧ୍ୟରେ ବୈଚିତ୍ର୍ୟସବୁ ପରିପୂର୍ଣ୍ଣ ହୋଇ ରହିଛି । ଏଠାରେ କେତେ କେତେ ପ୍ରକାରର କାର୍ଯ୍ୟ କରାହେଉଛି । କେତେ ରୁଚି, ପ୍ରବୃତ୍ତି ଓ ପ୍ରକୃତି ଲାଗି ଅବକାଶ ରହିଛି । ନିଜର ପସନ୍ଦ ଅନୁସାରେ ଜୀବନଟିଏ ସଙ୍ଗଠିତ କରି ଆଣିବା ଲାଗି ସମସ୍ତଙ୍କର ସ୍ୱାଧୀନତା ରହିଛି ।... ଯୋଗ ଦ୍ୱାରା ପ୍ରେରିତ ଜୀବନ-ଲକ୍ଷ୍ୟର ଉପଲବ୍ଧିରେ ବାଧକ ହେଉଥିବା ଯାବତୀୟ କାର୍ଯ୍ୟରୁ ମୁକ୍ତ ରହି ପାରିବା ଲାଗି ଯେତିକି ଶୃଙ୍ଖଳା ରହିବା ଏକାନ୍ତ ଆବଶ୍ୟକ,ଏଠାରେ ଶୃଙ୍ଖଳା କହିଲେ ମାତ୍ର ସେତିକିକୁ ହିଁ ବୁଝାଉଛି ।

''ଏବେ ତୁ କହ, ଆମର ଏହି ସଙ୍ଗଠନଟି ସମ୍ବନ୍ଧେ ତୋର କି ଧାରଣା ? ଏହା ଆକର୍ଷଣୀୟ ବା ଲୋଭନୀୟ ନୁହେଁ କି ? ତୋର କ'ଣ କେବେ ସମୟ ହେବ ବା କେବେ ସମ୍ଭବପର ହେବ ଏଠାକୁ ଆସିବାକୁ ? ଆଶା କରୁଛି ଥରଟିଏ ଆସି ଦେଖିଯାଆ ।*

''ତୁ ଆସିଲେ ମୁଁ ତୋତେ ଆମର ଏହି 'ପ୍ରତିଷ୍ଠାନ' ('establishment')ଟିକୁ ଦେଖାଇ ଦିଅନ୍ତି, ଏହା ସମ୍ବନ୍ଧେ ବେଶ୍ ଭଲ ଭାବରେ ବୁଝାଇ ଦିଅନ୍ତି । ଏବେ ଚାରିଟି ବାସଭବନକୁ ଆମେ ନିଜର କରିପାରିଛୁ, ଯାହାକୁ ଆଇନସମ୍ମତ ପ୍ରୟୋଗାତ୍ମକ ଧାରାସବୁରେ ସରଳ ସୁବୋଧ କରିବା ଦୃଷ୍ଟିରୁ ମୋ ନାମରେ ଖରିଦ କରିଛୁ; କିନ୍ତୁ କହିବା ନିଷ୍ପ୍ରୟୋଜନ ଯେ ସେସବୁ ମୋର ବ୍ୟକ୍ତିଗତ ସମ୍ପତ୍ତି ରୂପେ ବ୍ୟବହାର କରିବା ସକାଶେ ନୁହେଁ । ମୋର ମନେହୁଏ ମୁଁ ତୋତେ ଇତିପୂର୍ବରୁ ଏଠାକାର ପରିସ୍ଥିତି ସମ୍ବନ୍ଧେ ବୁଝାଇ କହିଛି ଏବଂ ଉପରୋକ୍ତ ବିଷୟଟି ସମ୍ବନ୍ଧେ ତୋତେ ସୂଚାଇ ସେଇ ପରିସ୍ଥିତିଟି ସମ୍ବନ୍ଧେ ସ୍ମରଣ କରିଦେଉଛି ମାତ୍ର । ଆଶ୍ରମର ସମସ୍ତ ଭୂସମ୍ପତ୍ତି ଓ ଅସ୍ଥାବର ସମ୍ପତ୍ତିର ସ୍ୱତ୍ୱାଧିକାରୀ ହେଉଛନ୍ତି ଶ୍ରୀଅରବିନ୍ଦ ଏବଂ ତାଙ୍କରି ଅର୍ଥସମ୍ପଦ ହିଁ ଆଶ୍ରମର ଅସମ୍ଭବ ଭାବରେ କଷ୍ଟସାଧ୍ୟ, ଦୁର୍ଜୟ ଯାବତୀୟ ଖର୍ଚ୍ଚ ତୁଲାଇବାରେ ସକ୍ଷମ କରାଇଛି; (ଆମର ବର୍ଷକୁ ଆୟବ୍ୟୟର ଅଟକଳ ହାରାହାରି ଲକ୍ଷେ ଟଙ୍କା, ଯାହାକି ଫରାସୀ ମୁଦ୍ରାରେ ଛ'ଶହ ପଚାଶ ହଜାର ଫ୍ରାଙ୍କସ୍ ହେବ); ଏବଂ ଯଦି ମୋ ନାମ କେବେ (ବ୍ୟାଙ୍କ୍ ଏକାଉଣ୍ଟରେ, ବାସଭବନ ବା ମଟରଗାଡ଼ି ଇତ୍ୟାଦି ଖରିଦ କରିବାରେ) ଲେଖା ଯାଇଥାଏ, ତେବେ ମୁଁ ତୋତେ ଇତିପୂର୍ବରୁ କହି ରଖୁଛି ଯେ ଏହା ହେଉଛି ଆଇନଗତ କାଗଜପତ୍ର ଓ ଦସ୍ତଖତରେ ସହଜରେ ବ୍ୟବହାରଯୋଗ୍ୟ ହୋଇଉଠିବ, ଯେହେତୁ ମୁଁ ସବୁକିଛିର ଦାୟିତ୍ୱରେ ବା ପରିଚାଳନାରେ ରହିଛି । କିନ୍ତୁ ବ୍ୟକ୍ତିଗତ ଭାବରେ ସେସବୁର ସ୍ୱତ୍ୱାଧିକାରୀ ହିସାବରେ ନୁହେଁ । ଏସବୁ କଥା ମୁଁ ତୋତେ ବାର ବାର କାହିଁକି କହୁଛି, ତୁ ସେକଥା ନିଶ୍ଚୟ ବୁଝିପାରିବୁ । ଆବଶ୍ୟକ ସମୟରେ ତୁ ଏହି କଥାଟିକୁ ମନେ ରଖିଥିବୁ ବୋଲି ମୁଁ ତୋତେ ଏକଥା କହୁଛି ।''

(MCW. Vol. 16, pp. 5, 7 - 8)

*

## ସାଧକମାନଙ୍କୁ ସାଧାରଣ ଜ୍ଞାନପ୍ରଦ ଉପଦେଶାବଳି

(କେବେ କେବେ, ବିଶେଷ କରି ଆଶ୍ରମର ସେଇ ପ୍ରାରମ୍ଭିକ କାଳରେ, ଶ୍ରୀଅରବିନ୍ଦ ଅନ୍ତେବାସୀମାନଙ୍କୁ ସାଧାରଣ ଜ୍ଞାନପ୍ରଦ ଉପଦେଶମାନ ଲିଖିତ ଆକାରରେ ପ୍ରଦାନ କରୁଥିଲେ । ନିମ୍ନରେ ତନ୍ମଧ୍ୟରୁ କେତୋଟି ।)

''ଏହା ଏକ ଅତ୍ୟାବଶ୍ୟକ ବୋଲି ଜ୍ଞାତ ହୋଇଛି ଯେ ଇତିପୂର୍ବରୁ ଆଶ୍ରମର ଅନ୍ତେବାସୀମାନଙ୍କର ବାହ୍ୟ ଗତିବିଧି ଏବଂ

* ପ୍ରକାଶ ଥାଉ କି ଶ୍ରୀମା'ଙ୍କର ପୁତ୍ର ଆଁଦ୍ରେ ମୋରିସେତ୍ (୨୩ ଅଗଷ୍ଟ ୧୮୯୮ - ୨୯ ମାର୍ଚ୍ଚ ୧୯୮୨) ଆଶ୍ରମକୁ ୪ ନଭେମ୍ବର ୧୯୪୯ରେ ଆସି ଗୋଲକୁଣ୍ଡରେ ବନ୍ଦୋବସ୍ତ ହୋଇଥିବା ଏକ କକ୍ଷରେ ଶ୍ରୀମା'ଙ୍କୁ ସାକ୍ଷାତ୍ କରିଥିଲେ ।
('ଚମ୍ପକଲାଲ କହନ୍ତି' : ପୃ. ୧୨୧ ଏବଂ 'Mother India', May, 1982, PP. 301-06 ଦ୍ରଷ୍ଟବ୍ୟ)

ବ୍ୟକ୍ତିଗତ ତଥା ସାମଗ୍ରିକ ସାଧନା ସକାଶେ ନିୟମକାନୁନ ଓ ପଦ୍ଧତିସବୁରେ କିଛି ପରିବର୍ତ୍ତନ ଆଣିବା ଉଚିତ । ଏହା ବିଶେଷ କରି ଭୋଜନ, ସାମୂହିକ ଧ୍ୟାନ ଏବଂ ଶ୍ରୀମା'ଙ୍କ ସହିତ ସାଧକର ବ୍ୟକ୍ତିଗତ ସମ୍ପର୍କ ସମ୍ବନ୍ଧରେ ପବିତ୍ର ମନରେ ନିଜକୁ ଉତ୍ସର୍ଗ କରିବା ସମ୍ବନ୍ଧରେ । ଯେଉଁ ନିୟମ-ଶୃଙ୍ଖଳାସବୁ ଏବେ ରହିଛି, ସେସବୁକୁ ମୂଳତଃ ଶ୍ରେଣୀବଦ୍ଧ କରାଯାଇଥିଲା ଯଦ୍ଦ୍ୱାରା ଆଶ୍ରମର ଭୌତିକ ଓ ବାହ୍ୟସ୍ତରର ଜୀବନଧାରାରେ ଏକ ଆଧ୍ୟାତ୍ମିକ ଓ ଚୈତ୍ୟିକ ସମ୍ପର୍କ ସ୍ଥାପନ କରିବା ସମ୍ଭବପର ହେବ, ଯଦ୍ଦ୍ୱାରା ବିଭିନ୍ନ ଶକ୍ତିର ପରସ୍ପର ମଧ୍ୟରେ ବିନିମୟ ଘଟି ପାରିବ, ଭୌତିକ ସ୍ତରରେ ଊର୍ଦ୍ଧ୍ୱତର ଚେତନାର ନିରବଚ୍ଛିନ୍ନ ଅଭିବୃଦ୍ଧି ଲାଭ ହେବ, ସାଧକମାନଙ୍କର ବାହ୍ୟ ସ୍ୱଭାବ ବା ପ୍ରକୃତିର ଅଧିକରୁ ଅଧିକ ଦ୍ରୁତଗତିରେ ପରିବର୍ତ୍ତନ ଆସିବ ଏବଂ ପରେ ପାର୍ଥିବ ଜଗତରେ ଅତିମାନସ ଆଲୋକ ଓ ଶକ୍ତିର ଅଧିକରୁ ଅଧିକ ଅବତରଣ ଘଟିବ ।

''କେବଳ ବୁଧବାର ଓ ଶୁକ୍ରବାର ବ୍ୟତୀତ ସପ୍ତାହର ସବୁଦିନରେ ସନ୍ଧ୍ୟା ୭ଟା ସମୟରେ ସମବେତ ଧ୍ୟାନ; ମଙ୍ଗଳବାର ଓ ଗୁରୁବାର ପୁଷ୍ପ ଅର୍ପଣ; ଶନିବାର, ରବିବାର ଓ ସୋମବାରରେ କୌଣସି କାର୍ଯ୍ୟକ୍ରମ ନାହିଁ ।

''ଶ୍ରୀମା'ଙ୍କୁ ସାକ୍ଷାତ୍ କରିବାରେ ସାଧକମାନଙ୍କର ସମସ୍ତ ନିର୍ଦ୍ଧାରିତ ସମୟ ବା ପ୍ରତିଦିନର ସମୟ ସ୍ଥଗିତ ରହିଲା । କେବଳ ପ୍ରତିଦିନ ଶ୍ରୀମା ନିଜେ ଚାହୁଁଥିବା ସାଧକଙ୍କୁ ଦେଖା କରିବାକୁ ଡାକିବେ । ଅନ୍ୟମାନେ ଯେଉଁମାନେ ମା'ଙ୍କୁ ସାକ୍ଷାତ୍ କରିବାକୁ ଚାହାଁନ୍ତି, ସେମାନେ କ'ଣ ପାଇଁ ମା'ଙ୍କୁ ସାକ୍ଷାତ୍ କରିବାକୁ ଚାହାଁନ୍ତି ବା ମା'ଙ୍କୁ ଅନୁରୋଧ କରୁଛନ୍ତି — ଏ ସମ୍ବନ୍ଧେ ଲିଖିତ ଆକାରରେ ସେହିଦିନ ସକାଳେ ବା ପୂର୍ବଦିନ ରାତିରେ ନଳିନୀଙ୍କୁ ଜଣାଇବେ । ଏଥିରେ ମା'ଙ୍କର ସମ୍ମତି ବା ପରିସ୍ଥିତି ତଥା ସମ୍ଭାବନାଦିକୁ ବିଚାରକୁ ନେଇ ପଦକ୍ଷେପ ନିଆଯିବ ।

''ସନ୍ଧ୍ୟାରେ ଶ୍ରୀଅରବିନ୍ଦ ହାଉସ୍ (ଲାଇବ୍ରେରି ହାଉସ୍)ର ତଳ ମହଲା ବାରଣ୍ଡାରେ ସୁପ୍ ବିତରଣ କରାଯିବ । ଯେଉଁମାନେ ଏହାର ସ୍ୱାଦ ଚାଖିଛନ୍ତି ବା ମହତ୍ତ୍ୱ ହୃଦୟଙ୍ଗମ କରିଛନ୍ତି, ସେମାନେ ନିଶ୍ଚିତ ରୂପେ ସାଢ଼େ ଆଠଟାରେ ଉପସ୍ଥିତ ଥିବେ ଏବଂ ମା'ଙ୍କ ଆଗମନ ପର୍ଯ୍ୟନ୍ତ ନୀରବରେ ବସି ରହିବେ । ବିତରଣ-କ୍ରିୟା ଆରମ୍ଭ ହେବା ପୂର୍ବରୁ କିଛି ସମୟ ସକାଶେ ସମସ୍ତେ ଏକାଗ୍ର ହେବେ ।

''କିଛିଦିନ ସକାଶେ ରାତ୍ରି-ଧ୍ୟାନ ସ୍ଥଗିତ ରହିଲା ।

''ପ୍ରତି ମାସର ପହିଲାରେ ଷ୍ଟୋର-ରୁମ୍ (ପ୍ରସ୍ପରିଟି ଷ୍ଟୋର)ରୁ ମା'ଙ୍କ ଉପସ୍ଥିତିରେ ହିଁ ରାତି ଆଠଟାରେ 'ପ୍ରସ୍ପରିଟି' ବିତରଣ କରାଯିବ ।''

("Champaklal's Treasures" : pp. 118 - 19)

*

## ଆଶ୍ରମର ନିୟମ-କାନୁନ

୧. ସର୍ବଦା ଏପରି ବ୍ୟବହାର କର ଯେପରି ମା ତୁମ ଉପରେ ତାଙ୍କର ସତର୍କ ଦୃଷ୍ଟି ରଖିଛନ୍ତି, କାହିଁକି ନା ସେ ପ୍ରକୃତରେ ସର୍ବଦା ଓ ସର୍ବତ୍ର ବିଦ୍ୟମାନ ଥା'ନ୍ତି ।

୨. ସମସ୍ତ ନବାଗତ ଆଶ୍ରମବାସୀ ଏବଂ ସେମାନଙ୍କ ସହିତ ସମ୍ପୃକ୍ତ ବ୍ୟକ୍ତିଗଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ ବାହାରୁ ଆଶ୍ରମକୁ ନୂତନ କରି ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ସମ୍ବନ୍ଧେ ସେହି ସମାନ ଦିନ (ଯଦି ସମ୍ଭବ ସେହି ମୁହୂର୍ତ୍ତରେ) ପୁରାଣୀଙ୍କୁ ଖବର ଦିଆଯିବା ଉଚିତ, ତଦ୍ଦ୍ୱାରା ସ୍ଥାନୀୟ ପୁଲିସଙ୍କୁ ବ୍ୟକ୍ତିଟି ସମ୍ବନ୍ଧେ ବିବରଣ ଯୋଗାଇ ଦିଆଯାଇ ପାରିବ ।

୩. ଏବେ, ଏଇ ଅଳ୍ପ ଦିନ ଭିତରେ ବେଶ୍ କେତୋଟି ଘଟଣା ଘଟିଛି ଯେଉଁଥିରେ ଆଶ୍ରମକୁ ନୂଆ କରି ଆସିଥିବା ବ୍ୟକ୍ତିଗଣଙ୍କର ନାମ ରେଜିଷ୍ଟ୍ରୀ କରିବାକୁ ସ୍ଥାନୀୟ (ଫରାସୀ) ପୁଲିସ ଆଶ୍ରମକୁ ପ୍ରବେଶ କରିବା ସମୟରେ ଆଶ୍ରମର ଅନ୍ତେବାସୀମାନେ ତାଙ୍କ ସହିତ ନିଜର କର୍ତ୍ତୃତ୍ୱ ବିସ୍ତାରପୂର୍ବକ ଅତ୍ୟନ୍ତ ଅଶାଳୀନ ଭାବରେ ବ୍ୟବହାର କରିଛନ୍ତି । ଏହି ଧରଣର କଦର୍ଯ୍ୟ ବ୍ୟବହାର ସକାଶେ କୌଣସି ସମ୍ଭାବ୍ୟ କୈଫିୟତ ବା କ୍ଷମା ମାଗିବା ଆଦୌ ଚଳିବ ନାହିଁ, ବିଶେଷ କରି ପୁଲିସ କର୍ତ୍ତୃପକ୍ଷଗଣ ଉପରୋକ୍ତ ନଥିପତ୍ରଯୁକ୍ତ ପ୍ରକ୍ରିୟାରେ ଆମର ପ୍ରଦତ୍ତ ପ୍ରସ୍ତାବରେ ରାଜି ହୋଇଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ଖବରକୁ ନଥିଭୁକ୍ତ କରିବା କାର୍ଯ୍ୟରେ ସାହାଯ୍ୟ କରିବା ଦାୟିତ୍ୱକୁ ଆମେ ନିଜେ ହାତକୁ ନେଇଛୁ ।

ପୁଲିସ କର୍ତ୍ତୃପକ୍ଷଙ୍କ ସହିତ ଏଇ ଧରଣର କଦର୍ଯ୍ୟ ବ୍ୟବହାର କରି ଆଶ୍ରମରେ ଅପ୍ରୀତିକର ପରିସ୍ଥିତି ନ ଉପୁଜାଇବା ସମ୍ବନ୍ଧେ ଇତିପୂର୍ବରୁ ଶ୍ରୀଅରବିନ୍ଦ ଏକ ଚେତାବନୀ ଦେଇଛନ୍ତି : ଏହାର ପୁନରାବୃତ୍ତି ଘଟାଇବାର କୌଣସି ଯୌକ୍ତିକତା ନାହିଁ ।

ଅଧୁନାତନ ଯେତେବେଳେ ବାହାରୁ ଅଧିକରୁ ଅଧିକ ବ୍ୟକ୍ତି ଆଶ୍ରମକୁ ଆସୁଛନ୍ତି ସେତେବେଳେ ଆମମାନଙ୍କୁ ବିଶେଷ

ସତର୍କତା ଅବଲମ୍ବନ କରିବାକୁ ହେବ । ଯଦି ପୁଲିସମାନେ କିଛି ତଥ୍ୟ ଜାଣିବା ସକାଶେ ଆଶ୍ରମକୁ ଆସନ୍ତି, ସେମାନଙ୍କ ସହିତ ରୁକ୍ଷ ବ୍ୟବହାର କରି ତଡ଼ିଦେବା ଆଦୌ ଶୋଭନୀୟ ନୁହେଁ; ସେମାନଙ୍କୁ ଭଦ୍ର ଭାବରେ ଅପେକ୍ଷା କରିବାକୁ କହିବା ଉଚିତ ଏବଂ ତୁରନ୍ତ ପୁରାଣୀଙ୍କୁ ଖବର ପଠାଇଲେ ସେ ଏସବୁ ବ୍ୟାପାରରେ ସେମାନଙ୍କ ସହିତ କଥାବାର୍ତ୍ତା କରିବେ ।

୪. ଆଶ୍ରମରେ ଭୋଜନ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସେହିମାନଙ୍କୁ ଯୋଗାଇ ଦିଆଯାଇଛି ଯେଉଁମାନେ ସର୍ବାନ୍ତଃକରଣରେ ସେମାନଙ୍କର ସବୁକିଛି ଶ୍ରୀମା'ଙ୍କୁ ଅର୍ପଣ କରିଛନ୍ତି ଏବଂ ଶ୍ରୀମା ଯାହା ଦିଅନ୍ତି କେବଳ ସେତିକି ସନ୍ତୁଷ୍ଟ ମନରେ ଗ୍ରହଣ କରନ୍ତି । ଯଦି ଆଶ୍ରମର କେହି ଅନ୍ତେବାସୀ ବାହାରୁ ଟଙ୍କା ପାଏ ଏବଂ ସେସବୁକୁ ନିଜର ବ୍ୟବହାର ସକାଶେ ସଞ୍ଚୟ କରି ନିଜ ପାଖରେ ରଖେ, ତା'ହେଲେ ଏଥିରୁ ବୁଝାପଡ଼ୁଛି ଯେ ସେ ନିଜେ ନିଜ ସମ୍ବନ୍ଧରେ ଆତ୍ମ-ନିର୍ଭରଶୀଳ ହୋଇ ଏଠାରେ ରହିବାକୁ ଚାହେଁ ଏବଂ ଆଶ୍ରମରୁ କୌଣସି କିଛି ନେବାକୁ ଚାହେଁ ନାହିଁ । ଏଥିସକାଶେ ତଦନୁଯାୟୀ ବନ୍ଦୋବସ୍ତ କରାଯିବ ।

୫. ଅସ୍ଥାୟୀ ବା ସାମୟିକ ଅନ୍ତେବାସୀଙ୍କର ବ୍ୟକ୍ତିଗତ ବ୍ୟବହାର ସକାଶେ ଖରିଦ କରାଯାଇଥିବା ଆସବାବପତ୍ରସବୁ ସେ ଏଠାରୁ ଚାଲିଯିବା ପରେ ଆଶ୍ରମର ସମ୍ପତ୍ତି ହୋଇ ରହିବ । ସେ ଯିବା ସମୟରେ ନିଜ ସାଥିରେ ସେସବୁକୁ ନେଇ ପାରିବେ ନାହିଁ କି ପୁଣି ଆଶ୍ରମକୁ ଆସି ରହିବା ସମୟରେ ସେଇ ନିର୍ଦ୍ଦିଷ୍ଟ ସାମଗ୍ରୀସବୁକୁ ନିଜର ବୋଲି ଦାବି କରି ପାରିବେ ନାହିଁ ।

୬. ଏଠାରୁ କୌଣସି ଅନ୍ତେବାସୀଙ୍କର ଲେଖା (ସମ୍ବାଦପତ୍ର, ପତ୍ରିକା ବା ପୁସ୍ତକ ଆଦିରେ) ପ୍ରକାଶ କରିବାକୁ ଦେବା ପୂର୍ବରୁ ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ନିବେଦନ ନ କରି ଏବଂ ତାଙ୍କର ସ୍ୱୀକୃତି ପ୍ରାପ୍ତ ନ ହୋଇ କେବେହେଲେ ବାହାରକୁ ପଠାଇବା ଉଚିତ ନୁହେଁ ।

୭. ଆଶ୍ରମରେ ଶ୍ରୀଅରବିନ୍ଦଙ୍କର କ୍ରିୟାକଳାପ ହେଉଛି ସମ୍ପୂର୍ଣ୍ଣ ରୂପେ ଆଧ୍ୟାତ୍ମିକ । ଆଶ୍ରମକୁ ଆସି ଅନୁମତି ପ୍ରାପ୍ତ ହୋଇ ଏହାର ଜଣେ ସଦସ୍ୟ ହୋଇ ରହିବାକୁ ହେଲେ ରାଜନୈତିକ ସମ୍ପର୍କ ଏବଂ ସେହି ଧରଣର କ୍ରିୟାକଳାପଠାରୁ ନିଶ୍ଚିତ ରୂପେ ନିବୃତ୍ତ ରହିବା ବିଧେୟ ।

୮. ଆଶ୍ରମ ଜୀବନଧାରାରେ ପ୍ରବେଶ କରି ଯୋଗ-ସାଧନାକୁ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରିବା ମୁହୂର୍ତ୍ତରୁ ହିଁ ସାଧକ କୌଣସି ସମ୍ପ୍ରଦାୟର, ଜାତି ତଥା ଗୋଷ୍ଠୀର ହୋଇ ଆଉ ରହେ ନାହିଁ; ସେ ସେହି ମୁହୂର୍ତ୍ତରୁ ଶ୍ରୀଅରବିନ୍ଦଙ୍କର ଶିଷ୍ୟବର୍ଗଙ୍କ ମଧ୍ୟରେ ଅନ୍ୟତମ ହୋଇଉଠେ ଏବଂ ଏତତ୍ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଗୋଷ୍ଠୀଗତ କୁସଂସ୍କାର, ଜାତିଗତ ମନୋବୃତ୍ତି, ସାମ୍ପ୍ରଦାୟିକ ଆତ୍ମାଭିମାନ କିଂବା ଅନ୍ୟାନ୍ୟ ଧର୍ମ ସମ୍ବନ୍ଧେ ତାଚ୍ଛଲ୍ୟ ମନୋଭାବ – ଏସବୁର ସ୍ଥାନ ଏଠାରେ ନାହିଁ । ପ୍ରତ୍ୟେକ ସାଧକ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବା ବେଳେ ନିଜର ଚିନ୍ତାଧାରାରେ, କଥାବାର୍ତ୍ତାରେ ଓ ଆଚାର-ବ୍ୟବହାରରେ ଉପରୋକ୍ତ କଥାସବୁ ସ୍ମରଣରେ ରଖିବା ଉଚିତ ।

୯. ଅନୁମତି ପ୍ରାପ୍ତ ନ ହୋଇ ବାହାରୁ ଆସୁଥିବା ଦର୍ଶନାର୍ଥୀମାନଙ୍କୁ ସାଧକମାନେ ଗ୍ରହଣ ବା ସ୍ୱାଗତ କରିବା ଉଚିତ ନୁହେଁ, କେବଳ ବିଶେଷ ପରିସ୍ଥିତିରେ ଏବଂ ଅନୁମତି ପ୍ରାପ୍ତ ହୋଇ ସାଧକମାନେ ଏହା କରିପାରିବେ । ଏହି ନିୟମର ଉଲଂଘନ ଫଳରେ ଆଶ୍ରମର କର୍ମଧାରାରେ ବେଶ୍ ଅସୁବିଧାଜନକ ପରିସ୍ଥିତି ଉପୁଜି ପାରେ ।

୧୦. ସାଧକମାନେ ଶ୍ରୀମା'ଙ୍କଠାରୁ ବିଶେଷ ଅନୁମତି ପ୍ରାପ୍ତ ନ ହୋଇ ବାହାରୁ ଆସୁଥିବା ଲୋକମାନଙ୍କୁ ଆଶ୍ରମର କାର୍ଯ୍ୟକଳାପ ସମ୍ପର୍କରେ କିଛି କହିବା ଉଚିତ ନୁହେଁ ।

୧୧. ଆଶ୍ରମର କୌଣସି ବାସଭବନର ହତା ମଧ୍ୟକୁ ବାହାରୁ ଆସୁଥିବା ବ୍ୟକ୍ତିଙ୍କର ପ୍ରବେଶ ଅଧିକାର ନାହିଁ । ଯଦି କେହି ଆଶ୍ରମ ଦେଖିବାକୁ ଚାହେଁ, ତେବେ ଶ୍ରୀମା'ଙ୍କଠାରୁ ବିଶେଷ ଅନୁମତି ପ୍ରାପ୍ତ ହେବା ପରେ ହିଁ ଏହା ସମ୍ଭବ ।

୧୨. ନିୟମ ନମ୍ବର ୪ଟି କେବଳ ଆଶ୍ରମର ସ୍ଥାୟୀ ଅନ୍ତେବାସୀଙ୍କ ସକାଶେ ପ୍ରଯୁଜ୍ୟ । ଯେଉଁମାନେ ଅଳ୍ପ ଦିନ ସକାଶେ ଆଶ୍ରମରେ ରହିବାକୁ ଆସିଛନ୍ତି ସେମାନେ ମା'ଙ୍କ ଦ୍ୱାରା ସ୍ଥିରୀକୃତ ମାସିକ ଖର୍ଚ୍ଚ ବାବଦକୁ ସେତକ ନିଶ୍ଚିତ ରୂପେ ଅର୍ପଣ କରିବେ ।

୧୩. ଆଶ୍ରମର ସ୍ଥାୟୀ ଅନ୍ତେବାସୀଗଣ ଏହି ଅନୁଷ୍ଠାନଟିକୁ ତିଷ୍ଠି ରହିବା ସକାଶେ ଏବଂ ଏହାର ଉଚିତ ରକ୍ଷଣାବେକ୍ଷଣ ନିମିତ୍ତ କିଛି ନା କିଛି କାମ ହାତକୁ ନେବା ଉଚିତ । କି ପ୍ରକାରର କାମ ହାତକୁ ନେବେ ସେସବୁ ଶ୍ରୀମା'ଙ୍କ ଦ୍ୱାରା ସ୍ଥିରୀକୃତ ହେବ । ଯେଉଁମାନେ ଅସ୍ଥାୟୀ ଭାବରେ, ଅଳ୍ପ ଦିନ ସକାଶେ ଆସି ଆଶ୍ରମରେ ରହୁଛନ୍ତି ସେମାନେ ମଧ୍ୟ ଏଠାରେ ରହଣି କାଳରେ କାମରେ ସାହାଯ୍ୟ କରିପାରନ୍ତି ।

୧୪. ଏହି ଆଶ୍ରମ, ପ୍ରାୟ ଶହେ ବ୍ୟକ୍ତିଙ୍କର ଭରଣ-ପୋଷଣ କରୁଛି, ତେଣୁ ଏହାକୁ ସକ୍ରିୟ ଅବସ୍ଥାରେ ଚାଲୁ ରଖିବା ବହୁ ବ୍ୟୟସାପେକ୍ଷ; ଏଥିସକାଶେ ଏକ ଆପୋଷ ବୁଝାମଣା ହୋଇଛି ଯେ ଯେଉଁମାନଙ୍କର (କହିବାକୁ ଗଲେ ବେଶୀ ଭାଗ) କିଛି ବି ସମ୍ବଳ ନାହିଁ, ସେମାନଙ୍କୁ ଅବାଧରେ ଗ୍ରହଣ କରାଯାଇଛି ଏବଂ ସେମାନଙ୍କଠାରୁ କିଛି ବି ପାଇବା ପାଇଁ ଦାବି କରାଯାଏ ନାହିଁ । ସମ୍ବଳ ଥିବା ଅଳ୍ପ କେତେକଙ୍କଠାରୁ କିଛି ଆଶା କରାଯାଏ, ସେମାନଙ୍କର ଯାହା କିଛି ଅଛି ଅର୍ପଣ କରି ଦେବାକୁ ଆଶା କରାଯାଇଥାଏ । ଆମେମାନେ ସେମାନଙ୍କର ସମଗ୍ର ଆଧ୍ୟାତ୍ମିକ ଓ ଭୌତିକ ଭବିଷ୍ୟତର ସବୁକିଛି ଭାର ଗ୍ରହଣ କରି ନେଇଛୁ ବୋଲି ଯଦି ସେମାନେ ଆଶାପୋଷଣ ବା ବିଶ୍ୱାସ କରନ୍ତି ତେବେ ଏହା ଅନ୍ତତଃ ନ୍ୟାୟସଙ୍ଗତ ଯେ ସେମାନଙ୍କର ଯାହା କିଛି ସମ୍ବଳ ଅଛି ସେସବୁକୁ ଆମମାନଙ୍କୁ ଅର୍ପଣ କରିଦେବା ଉଚିତ ।

("Champaklal's Treasures", pp. 116 - 18)

*

''ସାଧକମାନଙ୍କ ପାଇଁ କାର୍ଯ୍ୟ କରିବା କ'ଣ ତୁମ ସକାଶେ ଅସମ୍ମାନଜନକ ? ଏହା ସମ୍ପୂର୍ଣ୍ଣ ଭାବରେ ଏକ ଅହଂମୂଳକ ମନୋଭାବ ଏବଂ ସାଧକ ପକ୍ଷରେ ଏକେବାରେ ଅସଙ୍ଗତ । ଭୋଜନଶାଳା, ନିର୍ମାଣ ବିଭାଗ, ଭଣ୍ଡାର ଘର, କାଠକାମ ବିଭାଗ, କାରଖାନା ଓ କମାରଶାଳାର ସମସ୍ତ ବ୍ୟକ୍ତି ସାଧକମାନଙ୍କ ପାଇଁ କର୍ମ କରୁଛନ୍ତି ।

''ସାରାଦିନ ଧରି ଶ୍ରୀମା ନିଜେ ସାଧକମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି; ଏହି ଉତ୍ତର ଲେଖିବା ବେଳେ ମୁଁ ଜଣେ ସାଧକ ପାଇଁ କାର୍ଯ୍ୟ କରିବାରେ ମୋ ସମୟ ଦେଉଛି । ଭୋଜନାଳୟର କର୍ମୀମାନେ ଯଦି କହନ୍ତି ଯେ 'ସାଧକମାନଙ୍କ ଲାଗି ଆମେ ଖାଦ୍ୟ ପ୍ରସ୍ତୁତ କରିବୁ ନାହିଁ କି ସେମାନଙ୍କୁ ପରିବେଷଣ କରିବୁ ନାହିଁ । ଏହା ଆମ ସମ୍ମାନଠାରୁ ନିମ୍ନ ସ୍ତରର ଅଟେ, ଆମେ କେବଳ ମା'ଙ୍କ ସକାଶେ ରାନ୍ଧି ଦେବାକୁ ରାଜି ହେବୁ ।' — ଏପରି ଭାବିବା ବା କହିବା କ'ଣ ସଙ୍ଗତ ବୋଲି ତୁମେ ମନେ କରୁଛ ? ତୁମେ କ'ଣ ଚାହଁ ଯେ ମୁଁ ତୁମ ଚିଠିର ଉତ୍ତରସବୁ ଲେଖିବାକୁ ବନ୍ଦ କରିବି, କେବଳ ଏହି ଯୁକ୍ତି ନେଇ ଯେ ମୁଁ ଜଣେ ସାଧକ ପାଇଁ କର୍ମ କରୁଛି ଏବଂ କେବଳ ମା'ଙ୍କ ପାଖକୁ ଉତ୍ତର ଲେଖିବି, ଆଉ କାହାରି ପାଖକୁ ନୁହେଁ ?... ଏପରି ଧାରଣାସବୁ ଯଥାର୍ଥରେ ମୂର୍ଖତା-ପ୍ରସୂତ । ଶ୍ରୀମା ଯାହାକୁ ଯେଉଁ କାର୍ଯ୍ୟ କରିବାକୁ ଦେଇଥା'ନ୍ତି ସେସମସ୍ତ କାର୍ଯ୍ୟ ଶ୍ରୀମା'ଙ୍କ ପାଇଁ ହିଁ କରାଯାଇଥାଏ ।''

(ନଭେମ୍ବର ୧୯୩୮) — ଶ୍ରୀଅରବିନ୍ଦ

(''ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'', ପୃ. ୨୮୮)

*

''ଆଶ୍ରମର କାର୍ଯ୍ୟକୁ ଯଥାଯଥ ଭାବରେ କରିବାକୁ ହେଲେ ତୁମ ସମସ୍ତଙ୍କୁ ପଶ୍ଚାତରୁ ଅନବରତ ସାହାଯ୍ୟ ଓ ସମର୍ଥନ କରିଚାଲିଥିବା ଅସରନ୍ତି କାର୍ଯ୍ୟକାରିଣୀ ଶକ୍ତିକୁ ବିନିଯୋଗ କରିବା ସମ୍ବନ୍ଧେ ଜ୍ଞାତସାରରେ ସଜାଗ ରହିବା ସକାଶେ ତୁମକୁ ଯଥେଷ୍ଟ ଦୃଢ଼, ଶକ୍ତ ଓ ନମନୀୟ ରହିବାକୁ ହେବ ।

''ମୁଁ ଆଶା କରୁଛି ଏଠାରେ ପ୍ରତ୍ୟେକେ ଅଧୁନାତନ ପରିସ୍ଥିତି ବା ଅବସ୍ଥାର ଅତ୍ୟାବଶ୍ୟକ ଚାହିଦାର ଚରମ ସୀମାକୁ ଉନ୍ନୀତ ହେବା ଉଚିତ ।

''ଯଦି ଆମେ ଏପରିକି ଏତକ କରିବାକୁ ସକ୍ଷମ ନ ହେଉ, ତା'ହେଲେ ଆମେ ଦିବ୍ୟସତ୍ୟର ଦିବ୍ୟାଲୋକ ଯେତେବେଳେ ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବାକୁ ଅବତରଣ କରିବ ସେତେବେଳେ ନିଜକୁ ପ୍ରସ୍ତୁତ ରଖିଛୁ ବୋଲି ଆଶା କରିପାରିବୁ କି ?...'' — ଶ୍ରୀମା

("Champaklal'S Treasures"; pp. 236)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଯଥାର୍ଥ ନିଷ୍କ୍ରିୟତା ହେଉଛି ଉଚ୍ଚତର ଶକ୍ତି ପ୍ରତି ଉନ୍ମୀଳନ । ଏହା ଜଡ଼ତା ନୁହେଁ ।
— ଶ୍ରୀଅରବିନ୍ଦ

କାହାଣୀ :

# ମଣିକୁଣ୍ଡଳର ତୀର୍ଥଯାତ୍ରା

## ମନୋଜ ଦାସ

ଗୋଟିଏ ଗାଁର ଦୁଇଟି ତରୁଣ । ଜଣକ ନାମ ଗୌତମ, ଅନ୍ୟଟିର ନାମ ମଣିକୁଣ୍ଡଳ ।

ମଣିକୁଣ୍ଡଳର ବାପାଙ୍କର କିଛି ବ୍ୟବସାୟ ଥିଲା । ମଣିକୁଣ୍ଡଳ ତାଙ୍କୁ ସେଥିରେ ସାହାଯ୍ୟ କରୁଥାଏ । ବାପା ଓ ପୁଅ ଉଭୟେ ଥିଲେ ସାଧୁ ଓ ସଚ୍ଚୋଟ । ତେଣୁ ବ୍ୟବସାୟରେ ବେଶ୍ ଉନ୍ନତି ହୋଇଥିଲା ।

କିନ୍ତୁ ଗୌତମ କଥା ଅଲଗା । ଅସାଧୁ ଉପାୟରେ ହଠାତ୍ ଧନୀ ହୋଇ ଯିବାକୁ ତା'ର ପ୍ରବଳ ଆକାଂକ୍ଷା । ପ୍ରଥମେ ସେଥିରେ ସେ ସଫଳ ହେଲା । କିନ୍ତୁ ଯେତେବେଳେ ଲୋକେ ତା'ର ସ୍ୱଭାବ ଚରିତ୍ର ବୁଝିଗଲେ ସେତେବେଳେ ନିଜ ବ୍ୟବସାୟରେ ସେ କାହାରି ସହଯୋଗ ପାଇଲା ନାହିଁ ।

ମଣିକୁଣ୍ଡଳର ବାପାଙ୍କର ମୃତ୍ୟୁ ହେଲା । ପରେ ପରେ ମାଆ ମଧ୍ୟ ଗତ ହେଲେ । ବହୁଦିନରୁ ତା'ର ଇଚ୍ଛା ଥିଲା ଥରେ ସେ ତୀର୍ଥ ଭ୍ରମଣରେ ଯିବ । ନିଜର ଦୁଇଜଣ ବିଶ୍ୱସ୍ତ କର୍ମଚାରୀଙ୍କ ଉପରେ ବ୍ୟବସାୟର ଦାୟିତ୍ୱ ଦେଇ ସେ ଦିନେ ଶୁଭ ମୁହୂର୍ତ୍ତରେ ଘରୁ ବାହାରି ଗଲା ।

ଗୌତମ ମଣିକୁଣ୍ଡଳର ଯୋଜନା ବିଷୟରେ ସବୁ ଖବର ରଖିଥାଏ । ସେ ଗାଁ ବାହାରେ ଠିଆ ହୋଇଥାଏ । ମଣିକୁଣ୍ଡଳକୁ ଦେଖି କିଛି ନ ଜାଣିଲା ପରି ପଚାରିଲା, ''ତୁମେ କୌଣସି ଦୂର ସ୍ଥାନକୁ ଯାଉଛ କି ? ମୁଁ ବି ଯାଉଛି ସହରକୁ । ଭଲ ହେଲା; ସାଥୀ ହୋଇ ଯିବା ।''

''ହଁ, କିଛି ବାଟ ତ ଏକତ୍ର ଯାଇହେବ । ତେବେ ମୁଁ ସହରକୁ ଯାଉ ନାହିଁ । ଯାଉଛି ଭିନ୍ନ ଭିନ୍ନ କେତୋଟି ତୀର୍ଥକୁ ।'' ମଣିକୁଣ୍ଡଳ ଜଣାଇଲା ।

ଦୁହେଁ ଗପସପ କରି ବାଟ ଚାଲିଲେ । ଗୌତମ ମଣିକୁଣ୍ଡଳକୁ ବାରଂବାର କହୁଥାଏ, ''ଆରେ ଭାଇ, ତୀର୍ଥ ଦର୍ଶନ ପାଇଁ ତ ଜୀବନରେ ବହୁତ ସମୟ ଅଛି । ଚାଲ ସହରକୁ । ମୁଁ କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବି । ତୁମେ ଅଂଶୀଦାର ହେଲେ ଭଲ ହୁଅନ୍ତା ।''

ଗୌତମ ବୁଝୁଥାଏ ମଣିକୁଣ୍ଡଳ ଉପରେ ଲୋକଙ୍କର ଆସ୍ଥା ବିପୁଳ । ତା' ଉପରେ କାହାରି ଆସ୍ଥା ନାହିଁ । ମଣିକୁଣ୍ଡଳ ସହ ଏକାଠି ବ୍ୟବସାୟ କଲେ ତା'ର ବହୁତ ସୁବିଧା ହେବ ।

କିନ୍ତୁ ମଣିକୁଣ୍ଡଳ କହୁଥାଏ, ''ନା ଭାଇ, ମୋର ଆଉ କୌଣସି ନୂଆ ବ୍ୟବସାୟ ପାଇଁ ଆଗ୍ରହ ନାହିଁ । ବାପାଙ୍କ ବ୍ୟବସାୟକୁ ଚାଲୁ ରଖିପାରିଲେ ହେଲା । ତେବେ ତୀର୍ଥ ଭ୍ରମଣ ପାଇଁ ମୁଁ ବହୁଦିନରୁ ମନେ ମନେ ପ୍ରସ୍ତୁତ ହୋଇଛି । ସେଥିରୁ ଓହରିବା ଉଚିତ ନୁହେଁ ।''

ଗୌତମ ତ ଚିରଦିନ ମଣିକୁଣ୍ଡଳକୁ ଈର୍ଷା କରୁଥାଏ । ସେ ଈର୍ଷା ବର୍ତ୍ତମାନ ତା' ଭିତରେ ଭୀଷଣ ରୂପ ନେଲା । ରାତିରେ ଦୁହେଁ ଗଙ୍ଗା କୂଳରେ ଗୋଟାଏ ଚଟି ଘରେ ବିଶ୍ରାମ ନେଲେ । ସକାଳେ ଦୁହେଁ ଦୁଇ ଅଲଗା ବାଟରେ ଯିବା କଥା । ଗୌତମ ଯିବ ସହରକୁ; ମଣିକୁଣ୍ଡଳ ଯିବ ତୀର୍ଥକୁ ।

ଗୌତମ ପାଖରେ ରଖିଥାଏ ଗୋଟାଏ ବିଷାକ୍ତ ଚୂର୍ଣ୍ଣ । ସେଥିରୁ ସାମାନ୍ୟ ଧୂଳି ଭଳି ଯଦି କିଛି କାହାରି ଆଖି ଭିତରକୁ ଯାଏ ତେବେ ସେ ଲୋକ ଅଳ୍ପ କିଛି ସମୟ ପରେ ଅନ୍ଧ ହୋଇଯିବ ।

ରାତି ଅଧ । ମଣିକୁଣ୍ଡଳ ନିଘୋଡ଼ ନିଦରେ ଶୋଇଥାଏ । ଗୌତମ ତା'ର ଦୁଇ ଆଖି ଉପରେ ସେ ଭୟଙ୍କର ଗୁଣ୍ଡ ଓଜାଡ଼ି ଦେଲା । ମଣିକୁଣ୍ଡଳର ନିଦ ଭାଙ୍ଗିଗଲା । ସେ ପଚାରିଲା, ''କ'ଣ କରୁଛ ବନ୍ଧୁ ?''

''ଆରେ ଭାଇ, ଜଣେ ମହାପୁରୁଷ ମୋତେ କିଛି ଯାଦୁ ଚୂର୍ଣ୍ଣ ଦେଇଥିଲେ । ଆଖିରେ ପକାଇ ଶୋଇଲେ ଭଲ ସ୍ୱପ୍ନ ଦେଖିହୁଏ ।''

ଭୋର ହେଲା । ମଣିକୁଣ୍ଡଳ ଆଖି ଖୋଲିବା ମାତ୍ରେ ଆଖିପତା ଉପରେ ଥିବା ଚୂର୍ଣ୍ଣରୁ ଆହୁରି କିଛି ଭିତରକୁ ଚାଲିଗଲା । ତାକୁ ବଡ଼ ଅସ୍ୱସ୍ତି ଲାଗିଲା । ସେ କହିଲା, ''ଭାଇ ଗୌତମ, ତୁମେ ବିଶ୍ରାମ କରୁଥାଅ । ମୁଁ ଟିକିଏ ଗଙ୍ଗାରେ ଯାଇ ସ୍ନାନ କରିଆସେ । ମୋ ଆଖି କାହିଁକି ବଡ଼ କଷ୍ଟ ଦେଉଛି । ମନେହୁଏ ବିଷାକ୍ତ କିଛି ପଡ଼ିଯାଇଛି । ଗଙ୍ଗା ଜଳରେ ଧୋଇ ହେଲେ ସବୁ ଠିକ୍ ହୋଇଯିବ ।''

''ସତେ ? କାଲି ସନ୍ଧ୍ୟାରେ ତ ଖୁବ୍ ଜୋର୍ ପବନ ବହୁଥିଲା । କିଛି ଉଡ଼ି ଆସି ତୁମ ଆଖିରେ ପଡ଼ିଥିବା ଅସମ୍ଭବ ନୁହେଁ । ଠିକ୍ ଅଛି । ତୁମେ ଆସ । ତା'ପରେ ଆମେ ପରସ୍ପର ବିଦାୟ ନେବା । ଏହା ଭିତରେ ମୁଁ କିଛି ଜଳଖିଆର ବ୍ୟବସ୍ଥା କରୁଛି ।'' ସହାନୁଭୂତି ଦେଖାଇ କହିଲା ଗୌତମ ।

ସେ ଜାଣିଥିଲା ଗଙ୍ଗାନଦୀରେ ଆସିଛି ଭୀଷଣ ବନ୍ୟା । ନଦୀରେ ପଶିବା ପରେ ପରେ ମଣିକୁଣ୍ଡଳ ହୋଇଯିବ ଅନ୍ଧ । ଭାସିଯିବ କୁଆଡ଼େ ।

ଗୌତମ ପାଖରେ କିଛି ପଇସାପତ୍ର ନଥିଲା । ମଣିକୁଣ୍ଡଳର ଥଳିରେ ଥିଲା ପ୍ରଚୁର ଅର୍ଥ । ଥଳିଟି ଧରି ଗୌତମ ସହର ଅଭିମୁଖେ ପ୍ରସ୍ଥାନ କଲା ।

ମଣିକୁଣ୍ଡଳ ଗଙ୍ଗା କୂଳରେ ପହଞ୍ଚିବା ବେଳକୁ ତା' ଆଖିର କଷ୍ଟ ବହୁତ ବଢ଼ିଗଲାଣି । ବନ୍ୟା ପ୍ରତି ଭ୍ରୁକ୍ଷେପ ନ କରି ସେ ଜଳରେ ପଶିଗଲା । ତା'ର ବହୁତ ଆଶା, ସେ ପବିତ୍ର ଜଳ ତା' ଆଖିକୁ କ୍ଲେଶମୁକ୍ତ କରିବ ।

କିନ୍ତୁ ସେ ବୁଡ଼ ଦେଇ ଉଠିବା ବେଳକୁ କିଛି ଦେଖାଗଲା ନାହିଁ । ସେ ଆଶ୍ଚର୍ଯ୍ୟ ହେଲା । ଆଖିରେ ବାରଂବାର ପାଣିଛାଟ ଦେଲା । କିନ୍ତୁ ତାହା ହେଲା ନିଷ୍ଫଳ । ସେ ବୁଝିଲା ଯେ ସେ ଅନ୍ଧ ହୋଇ ଯାଇଛି ଏବଂ ତାହାର କାରଣ ଗୌତମ ପକାଇଥିବା ଚୂର୍ଣ୍ଣ । ତେଣେ ବନ୍ୟାଜଳର ପ୍ରଖର ସୁଅ ତାକୁ ଭସାଇ ନେଇ ଚାଲିଥାଏ । ସେ ନିଜକୁ କହିଲା, ''ଏମିତି ଅବସ୍ଥାରେ ବଞ୍ଚି ରହିବି କେମିତି ? ବରଂ ମାଆ ଗଙ୍ଗା ହିଁ ମୋ ଜୀବନକୁ ନେଇ ଯାହା କରିବାର କରନ୍ତୁ ।''

ସେ ନିଜକୁ ଭସାଇ ରଖିଥାଏ । ସ୍ରୋତ ତାକୁ ତୀବ୍ର ଗତିରେ କୁଆଡ଼େ ନେଇ ଚାଲିଥାଏ । ପ୍ରହର ପ୍ରହର ବିତିଗଲା, ସେ ସମୟ ବୁଝିପାରୁ ନଥାଏ । ହଠାତ୍ ତା' ପାଟିରେ ଆସି କିଛି ଗୋଟାଏ ଲାଗିଲା । ମନେ ହେଲା ଫଳଟିଏ । ତାକୁ ସେତେବେଳକୁ ପ୍ରବଳ କ୍ଷୁଧା । ସେ ଫଳଟିକୁ ଆସ୍ୱାଦନ କଲା । ଅତି ମଧୁର । ସେ ତାକୁ ପୂରା ଖାଇଦେଲା ।

ସ୍ରୋତ ତାକୁ ଗୋଟାଏ ପଥର ଉପରେ ପହଞ୍ଚାଇ ଦେଲା । ସେ ବଡ଼ ହାଲିଆ ହୋଇ ଯାଇଥାଏ । ଦରାଣ୍ଡି ଦରାଣ୍ଡି ସେ ପଥର ଉପରକୁ ଉଠିଗଲା । କ୍ଳାନ୍ତିରେ ତାକୁ ନିଦ ଆସିଗଲା ।

ଯେତେବେଳେ ନିଦ ଭାଙ୍ଗିଲା, ସେ ନିଜ ଅଭ୍ୟାସ ଅନୁସାରେ ଆଖି ଖୋଲିଲା । ଇଏ କ'ଣ ? ସୂର୍ଯ୍ୟୋଦୟ ହେଉଛି । ସବୁ ତାକୁ ପରିଷ୍କାର ଦିଶୁଛି । ସେ ବୁଝିଲା ଫଳଟି ହିଁ ତାକୁ ଦୃଷ୍ଟିଶକ୍ତି ଫେରାଇ ଦେଇଛି ।

ଚାରିଆଡ଼େ ଅନାଇ ଦେଖିଲା, ସେ ପହଞ୍ଚିଛି ଅତି ଛୋଟ ଗୋଟାଏ ଦ୍ୱୀପରେ । ଗୋଟିଏ ଟିକି ପାହାଡ଼ ହିଁ ସେ ଦ୍ୱୀପ । ତା'ର ମନେ ପଡ଼ିଲା ଯାହା ସେ ପିଲାବେଳେ ଶୁଣିଥିଲା । ହନୁମାନ ହିମାଳୟକୁ ଔଷଧପୂର୍ଣ୍ଣ ଗୋଟାଏ ପାହାଡ଼ ବହନ କରି ନେଇ ଯାଇଥିଲେ ରାମଙ୍କ ଶିବିର ପାଖକୁ – ଲଙ୍କା ଅଭିଯାନ ବେଳେ । ପରେ ପୁଣି ସେ ପାହାଡ଼ ହିମାଳୟକୁ ଫେରସ୍ତ ନେଲା ବେଳେ ସେଥିରୁ କିଛି ଅଂଶ ଗଙ୍ଗାନଦୀରେ ଖସି ପଡ଼ିଥିଲା । ଏହା ସେହି ପାହାଡ଼ର ଅଂଶ ନିଶ୍ଚୟ ।

ସେ ନିଜ ପାଖରେ ଦେଖିଲା ଗୋଟାଏ ଛୋଟ ଗଛ । ସେଥିରେ ଫଳଟିଏ ଫଳିଛି । ତଳେ ଗୋଟିଏ ପଡ଼ିଛି । ପଡ଼ିଥିବା ଫଳଟିକୁ ଖାଇ ସେ ବୁଝିଲା, ସେ ଦୃଷ୍ଟିଶକ୍ତି ଫେରି ପାଇଥିଲା ଯେଉଁ ଫଳଟି ଖାଇ ତାହା ସେହି ଫଳରୁ ଗୋଟିଏ ।

ଗଛରେ ଥିବା ଏକମାତ୍ର ଫଳଟିକୁ ତୋଳି ନେଇ ସେ ସନ୍ତରଣ କରି କରି କୂଳରେ ଉଠିଲା । ପାଖରେ ସେ ରାଜ୍ୟର ରାଜଧାନୀ । ରାଜାଙ୍କ ରତୁଆଳ ଢୋଲ ପିଟି ଘୋଷଣା କରୁଛି, ରାଜକନ୍ୟା ହଠାତ୍ ଅନ୍ଧ ହୋଇ ଯାଇଛନ୍ତି । ଯିଏ ତାଙ୍କୁ ଭଲ କରିଦେବ, ସିଏ ପାଇବ ପ୍ରଚୁର ପୁରସ୍କାର ।

ମଣିକୁଣ୍ଡଳ ସିଧାସଳଖ ଯାଇ ରାଜପ୍ରାସାଦରେ ପହଞ୍ଚିଲା । ଲୁଗାପଟା ଓଦା । କିନ୍ତୁ ସେଥିପ୍ରତି ତା'ର ଦୃଷ୍ଟି ନଥାଏ କି ରାଜା ଓ ପୁରପରିଜନମାନେ ରାଜକନ୍ୟାଙ୍କ ଦୁରବସ୍ଥା ଯୋଗୁଁ ଏତେ ଚିନ୍ତିତ ଥା'ନ୍ତି ଯେ ସେମାନଙ୍କ ଦୃଷ୍ଟି ବି ମଣିକୁଣ୍ଡଳ ଉପରେ ନଥାଏ । ସେ ରାଜକନ୍ୟାଙ୍କୁ ଫଳଟି ଖୁଆଇ ଦେଲା । ''ଜେମା ! ତୁମେ ଆଖି ଖୋଲିବାକୁ ଚେଷ୍ଟା କର ।'' ସେ ପରାମର୍ଶ ଦେଲା ।

ଜେମା ଆଖି ଖୋଲି ଆନନ୍ଦରେ କାନ୍ଦି ପକାଇଲେ । କାରଣ ସେ ଦୃଷ୍ଟିଶକ୍ତି ଫେରି ପାଇଥିଲେ ।

ରାଜା ଆନନ୍ଦରେ ମଣିକୁଣ୍ଡଳକୁ କୁଣ୍ଢାଇ ପକାଇବା ପରେ ଯାଇ ବୁଝିଲେ ଯେ ତରୁଣଟିର ସର୍ବାଙ୍ଗ ଓଦା । ''ଆରେ, ପାଟଲୁଗା ଆଣ ।'' ସେ ତାଙ୍କ ପରିଚାରକକୁ ଆଦେଶ ଦେଲେ । ଆସିଲା ପାଟଲୁଗା, ରେଶମ ଚଦର । ମଣିକୁଣ୍ଡଳ ଯେମିତି ରାଜାରାଣୀଙ୍କର ସନ୍ତାନ ।

ସେ ରାଜପ୍ରାସାଦର ଅତିଥି ଭବନରେ ରହିଲା । ରାଜା କ୍ରମେ କ୍ରମେ ତା' ସ୍ୱଭାବ ଚରିତ୍ର ଜାଣି ମୁଗ୍ଧ ହେଲେ । ରାଜାଙ୍କ

ପୁଅ ନଥିଲା । ତାକୁ ସେ ଜାମାତା ରୂପେ ବରଣ କଲେ । ଯଥା ସମୟରେ ସେ ସିଂହାସନ ଆରୋହଣ କଲା – ଅର୍ଥାତ୍ ରାଜାଙ୍କ ଅନ୍ତେ ।

ଦିନେ ସେ ରାଜ୍ୟ ପରିକ୍ରମା କରୁଛି, ଦେଖିଲା ଗୋଟିଏ ମନ୍ଦିର ଆଗରେ ବସିଛି ଭିଖାରିଟାଏ । ମୁହଁ ଚିହ୍ନା । ରାଜ-କର୍ମଚାରୀମାନେ ସେ ଲୋକଟିକୁ ରାଜା – ଅର୍ଥାତ୍ ମଣିକୁଣ୍ଡଳ ପାଖକୁ ଧରି ଆଣିଲେ ।

''ତୁମ ନାମ ଗୌତମ ?'' ପଚାରିଲା ମଣିକୁଣ୍ଡଳ ।

ଭୟରେ କାକୁସ୍ଥ ହୋଇ ଭିଖାରି କହିଲା, ''ଆଜ୍ଞା ହଁ, ମଣିମା ।''

ରାଜାଙ୍କ ନିର୍ଦ୍ଦେଶରେ ତାକୁ ଅନାଥାଶ୍ରମରେ ସ୍ଥାନ ଦିଆଗଲା । ସେ ରାଜାଙ୍କୁ ଅଶେଷ ଧନ୍ୟବାଦ ଦେଉଥାଏ – କିନ୍ତୁ ଜାଣୁ ନଥାଏ ରାଜା କିଏ ।

ରାଣୀ ଅର୍ଥାତ୍ ରାଜକନ୍ୟା ସ୍ୱାମୀଙ୍କଠୁଁ ସବୁ ଶୁଣିଥିଲେ । ସେ ପଚାରିଲେ, ''ଲୋକଟି ତୁମ ପ୍ରତି ଯେଉଁ ଆଚରଣ କରିଥିଲା ସେଥିରେ ତୁମେ ତା' ପ୍ରତି ଏଡ଼େ ସଦୟ ହେଲ କେମିତି ?''

''ଜେମା ! ସେ ମୋ ପ୍ରତି ସେମିତି ଆଚରଣ କରି ନଥିଲେ ମୋର ଏଡ଼େ ବଡ଼ ସୌଭାଗ୍ୟ ହୋଇଥା'ନ୍ତା କି ?'' ଉତ୍ତର ଦେଲା ମଣିକୁଣ୍ଡଳ । ''ତୀର୍ଥଯାତ୍ରାରେ ବାହାରି ରାଜକନ୍ୟାଙ୍କ ବିବାହ ବେଦୀରେ ପହଞ୍ଚନ୍ତି କେତେ ଜଣ ?'' ସେ ହସି ହସି କହିଲା ।

''ଚାଲ, ଆମେ ଏକତ୍ର ଯିବା ତୀର୍ଥଯାତ୍ରା !'' କହିଲେ ରାଜକନ୍ୟା ।

''ନିଶ୍ଚୟ !'' ଏତକ ମନ୍ତବ୍ୟ ଦେଇ ଗମ୍ଭୀର କଣ୍ଠରେ ମଣିକୁଣ୍ଡଳ କହିଲା, ''ଆମେ ଯଦି ସାରା ଜୀବନକୁ ଏକ ତୀର୍ଥଯାତ୍ରା ଭାବରେ ଦେଖି ପାରନ୍ତୁ ତେବେ କେତେ ଅର୍ଥପୂର୍ଣ୍ଣ ହୁଅନ୍ତା ଜୀବନର ପ୍ରତି ଘଟଣା, ପ୍ରତି ଅଭିଜ୍ଞତା !''

ଗଙ୍ଗାନଦୀର ଯେ ପାହାଡ଼ିଆ ଟାପୁ ଉପରେ ସେଇ ବିଚିତ୍ର ଔଷଧ ଗଛ ଥିଲା, କାଳକ୍ରମେ ସେ ଟାପୁ ହୁଏତ ଧୀରେ ଧୀରେ ଅପସରି ଯାଇ ସମୁଦ୍ର ଗର୍ଭରେ ବିଲୀନ ହୋଇଗଲା । କିନ୍ତୁ ଯେଉଁ ଘାଟରେ ମଣିକୁଣ୍ଡଳ କୂଳକୁ ଉଠିଥିଲା, ସେ ସ୍ଥାନରେ ମନ୍ଦିରଟିଏ ତୋଳି ବହୁଦିନ ଯାଏ ଲୋକେ ତାକୁ 'ଚକ୍ଷୁତୀର୍ଥ' ବୋଲି କହୁଥିଲେ ।

(ଉତ୍ସ : କିଂବଦନ୍ତି)

❑❑❑

## ଭଗବାନଙ୍କ ଉପରେ ବିଶ୍ୱାସ

ଜୀବନର ସକଳ ପରିସ୍ଥିତି ଆମକୁ ଶିକ୍ଷା ଦେବା ଲାଗି ବ୍ୟବସ୍ଥିତ ହୋଇ ରହିଛି ଯେ ମନର ଊର୍ଦ୍ଧ୍ୱରେ, ଭଗବତ୍ କରୁଣା ଉପରେ ବିଶ୍ୱାସ ହିଁ, ଆମମାନଙ୍କ ଜୀବନର ସମସ୍ତ ପରୀକ୍ଷା ମଧ୍ୟଦେଇ ଯିବା ଲାଗି, ସମସ୍ତ ଦୁର୍ବଳତା ଉପରେ ବିଜୟ ହାସଲ କରିବା ଲାଗି ଓ ଦିବ୍ୟଚେତନା ସହ ସଂଯୋଗ ଲାଭ କରିବାକୁ ଶକ୍ତି-ସାମର୍ଥ୍ୟ ଦିଏ ଏବଂ ଭଗବତ୍ ଚେତନା ଯେ ଆମକୁ ଶାନ୍ତି, ଆନନ୍ଦ କେବଳ ଦିଏ, ତା' ନୁହେଁ, କିନ୍ତୁ ତା' ସଙ୍ଗେ ସଙ୍ଗେ ଶାରୀରିକ ସଙ୍ଗତି ଓ ଉତ୍ତମ ସ୍ୱାସ୍ଥ୍ୟ ବି ଦେଇଥାଏ ।

*

ମୁଁ **ଯଥାର୍ଥଭାବେ** ଜିନିଷଗୁଡ଼ିକୁ କିପରି ଦେଖେ, ତୁମେ ଯଦି ତାହା ଜାଣିବାକୁ ଚାହଁ, ତା'ହେଲେ ମୁଁ ନିଶ୍ଚୟ କହିବି ଯେ ଭଗବତ୍ କରୁଣା ଉପରେ ବିଶ୍ୱାସ ଓ ନିର୍ଭରତାର ପୂରା ଏକ ପାନ (dose) ପୃଥିବୀରେ ଥିବା ସମସ୍ତ ବଟିକା ଓ ଇନ୍‌ଜେକ୍‌ସନ୍ ଅପେକ୍ଷା ଅଧିକ ଉତ୍ତମ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୪)

## ମହେନ୍ଦ୍ରନାଥ ସ୍ୱାଇଁ

**ତମିସ୍ରା ବିଧ୍ୱଂସକାରୀ ସୂର୍ଯ୍ୟ :**

ଭଗବାନଙ୍କର ଏହି ସୃଷ୍ଟି ସମ୍ଭବପର ହୋଇଛି ଏବଂ ତିଷ୍ଠି ରହିଛି କେବଳ ଦିବ୍ୟପ୍ରେମ ନିମନ୍ତେ । ଦିବ୍ୟପ୍ରେମ ଏହାକୁ ସୁରକ୍ଷିତ ଭାବେ ଧରି ରଖିଅଛି । ଦିବ୍ୟପ୍ରେମର ସଂଜ୍ଞା ଓ ସ୍ୱରୂପକୁ ଦିବ୍ୟଜନନୀ ଶ୍ରୀମା ଅଗଷ୍ଟ ୧୬, ୧୯୧୩ ପ୍ରାର୍ଥନାଟିରେ ଉଲ୍ଲେଖ କରିଛନ୍ତି, ତାହା ଏହିପରି –

"O LOVE, divine Love, Thou fillest my whole being and overflowest on every side. I am Thyself even as Thou art I, and I see Thee in each being, each thing, from the soft breath of the passing breeze to the glorious sun which gives us light and is a symbol of Thee.

"O Thou whom I cannot understand, in the silence of the purest devotion I adore Thee."

(Prayers and Meditations, p. 29)

''ହେ ପ୍ରେମ, ହେ ଦିବ୍ୟପ୍ରେମ, ଆପଣ ମୋର ସମଗ୍ର ସତ୍ତାକୁ ପୂର୍ଣ୍ଣ କରି ଦେଇଛନ୍ତି ଏବଂ ସତ୍ତାର ଚତୁଃପାର୍ଶ୍ୱରେ ତାହା ଉଛୁଳି ପଡୁଛି । ମୁଁ ନିଜେ 'ଆପଣ' ହୋଇଯାଇଛି ଏବଂ ଆପଣ 'ମୁଁ' ହୋଇ ଯାଇଛନ୍ତି, ଏବଂ ପ୍ରତ୍ୟେକ ସତ୍ତା ଭିତରେ, ପ୍ରତ୍ୟେକ ବସ୍ତୁ ଭିତରେ ମୁଁ ଆପଣଙ୍କୁ ଦେଖୁଛି ପ୍ରବାହିତ ମନ୍ଦ ମଳୟର ହାଲୁକା ନିଃଶ୍ୱାସଠାରୁ ଆହୁରି ଗୌରବୋଜ୍ଜ୍ୱଳ ସୂର୍ଯ୍ୟଙ୍କ ପର୍ଯ୍ୟନ୍ତ, ଯିଏ ଆମକୁ ଆଲୋକ ପ୍ରଦାନ କରୁଛନ୍ତି ଏବଂ ଆପଣଙ୍କ ପ୍ରତୀକ ଅଟନ୍ତି ।

''ହେ ପ୍ରଭୁ, ଆପଣଙ୍କୁ ବୁଝିବାର କ୍ଷମତା ମୋର ନାହିଁ, ବିଶୁଦ୍ଧତମ ଭକ୍ତି ନିବେଦନପୂର୍ବକ ମୁଁ ଆପଣଙ୍କର ସ୍ତୁତିଗାନ କରୁଛି ।''

ଏହି ଦୃଶ୍ୟ ଜଗତ୍ ଦିବ୍ୟପ୍ରେମର ଶକ୍ତି ଦ୍ୱାରା ତିଷ୍ଠି ରହିଛି । ପ୍ରେମ ହିଁ ଜଗତର ଆଧାର । ଜୀବନ-ଯନ୍ତ୍ରଣାର ନିରବଚ୍ଛିନ୍ନ ପ୍ରବାହ ଏବଂ ଏହାର ଲକ୍ଷ ଲକ୍ଷ ତୀକ୍ଷ୍ଣ ଦନ୍ତୁରିତ ଧାର ଯାହା ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେଉଥିବା ଲାଭା ସଦୃଶ ସକଳ ହୃଦୟକୁ ଜାଳି ପୋଡ଼ି ବିଦୀର୍ଣ୍ଣ କରୁଅଛି – ସେ ସମସ୍ତ ପ୍ରଶମିତ ହୁଏ କେବଳ ସୁଶୀତଳ ଦିବ୍ୟପ୍ରେମର ବାରିଧାରା ଦ୍ୱାରା । 'ଧ୍ୟାନ ଓ ପ୍ରାର୍ଥନା'ରେ ଦିବ୍ୟଜନନୀ ଶ୍ରୀମା ଅଧିକାଂଶ ସ୍ଥଳରେ ଦିବ୍ୟପ୍ରେମର ସ୍ୱରୂପ ବର୍ଣ୍ଣନା କରି ତା'ର ସ୍ୱତନ୍ତ୍ର ସ୍ୱାଦ ବାରି ପାରିବାର ଉପାୟଟିକୁ ମଧ୍ୟ ନିରୂପଣ କରିଛନ୍ତି । ଅଗଷ୍ଟ ୧୬, ୧୯୧୩ ପ୍ରାର୍ଥନାଟିରେ ମା ଲେଖନ୍ତି, ''O Love, divine Love...'' ଅର୍ଥାତ୍ ପରମ ଦିବ୍ୟ-ପ୍ରେମିକଙ୍କ ସହିତ ଦିବ୍ୟଜନନୀଙ୍କର ଏହା ଏକ ଦିବ୍ୟମୁହୂର୍ତ୍ତ । ଦିବ୍ୟ-ପ୍ରେମଧାରାକୁ ଧାରଣ କରିବାର କ୍ଷମତା କେବଳ ହୃଦୟର ହିଁ ରହିଛି । ହୃଦୟ ଯେତେବେଳେ ଏହି ଧାରାରେ ପରିପୂର୍ଣ୍ଣ ହୋଇଯାଏ, ଉଦ୍‌ବୃତ୍ତ ପ୍ରେମଧାରା ହୃଦୟ-ପାତ୍ର ମଧ୍ୟରୁ ଉଛୁଳି ପଡ଼େ ଏବଂ ଚତୁଃପାର୍ଶ୍ୱକୁ ବୋହିଯାଏ ସେତେବେଳେ ଯାଇଁ ସାଧକଟିଏ, ଭକ୍ତଟିଏ ପରମପ୍ରଭୁଙ୍କ ସହ ଏକାତ୍ମ ହୋଇଥାଏ ଏବଂ ପ୍ରତ୍ୟେକ ଘଟରେ ପ୍ରଭୁଙ୍କୁ ହିଁ ଦର୍ଶନ କରେ, ପ୍ରତ୍ୟେକ ଜଡ଼ବସ୍ତୁ ଭିତରୁ କିଏ ଯେପରି ନିଜର ସୁନ୍ଦର ଚମତ୍କାର ଚକ୍ଷୁଦ୍ୱୟକୁ ଉନ୍ମୀଳିତ କରି ତନ୍ମଧ୍ୟରୁ ସ୍ମିତହାସ୍ୟର ଆଲୋକରେଖାଟିଏ ବାହାରକୁ ବିଚ୍ଛୁରିତ କରି ଚାହୁଁଥିବାର ଅପୂର୍ବ ଅନୁଭୂତି ଲାଭ କରିଥାଏ ।

ପୁନଶ୍ଚ ସୁଶୀତଳ ମଳୟର ଧୀର ପ୍ରବାହ ନିଃଶ୍ୱାସ ଓ ପ୍ରଶ୍ୱାସରେ ସେହି ପ୍ରବାହ-ସ୍ପର୍ଶର ହାଲୁକା ହାଲୁକା ସ୍ୱାଦଠାରୁ ଆରମ୍ଭ କରି ଦୀପ୍ତିମାନ୍, ତେଜସ୍ୱୀ, ଗୌରବାନ୍ୱିତ ଜ୍ୟୋତିର୍ମୟ ସୂର୍ଯ୍ୟଙ୍କର ସୁବର୍ଣ୍ଣ କିରଣର ସ୍ପର୍ଶ ପର୍ଯ୍ୟନ୍ତ ସବୁର ସୃଷ୍ଟିକର୍ତ୍ତା ହିଁ ସେହି ପରମ ପୁରୁଷ ଦିବ୍ୟ-ପ୍ରେମାସ୍ପଦ । ସୂର୍ଯ୍ୟ ହିଁ ଅତିମାନସର ପ୍ରତୀକ । ସୁତରାଂ ସେହି ତମିସ୍ରା ବିଧ୍ୱଂସକାରୀ ସୂର୍ଯ୍ୟ ହିଁ ସ୍ୱୟଂ ଦିବ୍ୟ-ପୁରୁଷ ପରମପ୍ରଭୁ, ଅଚିନ୍ତନୀୟ, ଅବର୍ଣ୍ଣନୀୟ, ଅଜ୍ଞେୟ ତଥା ଅଦ୍ୱିତୀୟ ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଦିବ୍ୟଜନନୀ ଶ୍ରୀମା ସ୍ୱୟଂ ଦିବ୍ୟପ୍ରେମର ଅବତାର ଏବଂ ସେ ତାଙ୍କର ଏହି ଦିବ୍ୟଭାବକୁ ପରମପ୍ରଭୁଙ୍କ ସହିତ ଏକାକାର ହୋଇଯାଇ ପ୍ରାପ୍ତ ହୋଇଛନ୍ତି ।

ଏହି ପ୍ରାର୍ଥନାଟିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ସୂର୍ଯ୍ୟ – ଏକ ଗୌରବୋଜ୍ଜ୍ୱଳ ଚମତ୍କାର ସୂର୍ଯ୍ୟ । ସ୍ୱୟଂ ଶ୍ରୀମା ସୂର୍ଯ୍ୟଙ୍କର ଉଷ୍ଣତା, ଶକ୍ତି ତଥା ଆଲୋକକୁ ଅତ୍ୟନ୍ତ ଭଲ ପାଆନ୍ତି । ମା ଅଧିକାଂଶ ସମୟରେ କହନ୍ତି ସୂର୍ଯ୍ୟ ହେଉଛନ୍ତି ପୃଥିବୀ ନିମନ୍ତେ ପରମ ପ୍ରଭୁଙ୍କର ଏକ ଚମତ୍କାର ଉପହାର ଏବଂ ଆମେ ସୂର୍ଯ୍ୟଙ୍କ ସହିତ ମିତ୍ରତା ସ୍ଥାପନା କରିବା ଉଚିତ । ମା ପୁନଶ୍ଚ କହନ୍ତି, ''ସୂର୍ଯ୍ୟାଲୋକରେ ଗୋଟିଏ ଘଣ୍ଟା କାମ କରିବା ହେଉଛି ରକ୍ତହୀନତା ରୋଗ ନିମନ୍ତେ ଏକ ଅମୋଘ ଔଷଧ; ଏକଥା ଆମେ ଭାରତୀୟମାନେ କରିପାରୁ ନାହୁଁ । ଆମେ କେତେ ଭାଗ୍ୟବାନ୍ ଯେ ପ୍ରଚୁର ପରିମାଣରେ ସୂର୍ଯ୍ୟାଲୋକ, ଉଷ୍ଣତା, ଶକ୍ତି ପ୍ରାପ୍ତ ହେଉଛେ । ମୁଁ ଭାରତକୁ ଆସିବା ପୂର୍ବରୁ ପ୍ରକୃତରେ ଏତେ ପରିମାଣରେ ଉଷ୍ଣତା ଅନୁଭବ କରି ନଥିଲି'' ।

ଏକଥା ସତ୍ୟ ଯେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ବହୁଦିନ ପୂର୍ବରୁ ୧୯୧୩ ଅଗଷ୍ଟ ମାସରେ ମା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି, ''...the glorious sun which gives us light and is a symbol of Thee.'' ମା ସୂର୍ଯ୍ୟଙ୍କୁ ପରମପ୍ରଭୁଙ୍କ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ସେହି ଚିରଭାସ୍ୱର ଜାଜ୍ୱଲ୍ୟମାନ ସୂର୍ଯ୍ୟ ହିଁ ପ୍ରଭୁ ଶ୍ରୀଅରବିନ୍ଦ । ପ୍ରାର୍ଥନାଟିର ଶେଷରେ ମା ଲେଖିଛନ୍ତି, ''O Thou whom I cannot understand, in the silence of the purest devotion I adore Thee.'' ''ଆପଣଙ୍କୁ ଜାଣିବାର ସାମର୍ଥ୍ୟ ମୋର ନାହିଁ, କେବଳ ଗୋଟିଏ ମାତ୍ର ଉପାୟ ଅଛି 'ନୀରବତା', ବିଶୁଦ୍ଧ ପବିତ୍ରତମ ଭକ୍ତିରୁ ଉତ୍‌ଥିତ ନୀରବତା ମାଧ୍ୟମରେ ଆପଣଙ୍କର ଆରାଧନା କରୁଛି, ସ୍ତୁତିଗାନ କରୁଛି ।''

ଅଖଣ୍ଡ ନୀରବତା ଓ ତତ୍ ମଧ୍ୟରେ ସ୍ଥିତ ଅଖଣ୍ଡ ଶକ୍ତି ସମ୍ବନ୍ଧରେ ପ୍ରଭୁ ଶ୍ରୀଅରବିନ୍ଦ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀରେ ଉଲ୍ଲେଖ କରିଛନ୍ତି : –

''In absolute silence sleeps an absolute Power.
Awaking, it can wake the trance-bound soul
And in the ray reveal the parent sun:
It can make the world
a vessel of Spirit's force,
It can fashion in the clay God's perfect shape.''
(Savitri, p. 311 - 312)

''ଅନନ୍ତ ଅଖଣ୍ଡ ନୀରବତା ମଧ୍ୟେ ଶୋଇଛି ଅନନ୍ତ ଶକ୍ତି ।
ଜାଗ୍ରତ ହେଲେ, ସେ ଧ୍ୟାନମଗ୍ନ ଆତ୍ମା ଚକ୍ଷୁ ଖୋଲି ଦେଇଥା'ନ୍ତି
ସେହି ଜ୍ୟୋତିରେଖା ମୂଳ ସୂର୍ଯ୍ୟ ମୁଖୁ
ପରଦାଟି ଖୋଲିଦିଏ :
ମାତାପିତା ରୂପେ ଯେଉଁ ସୂର୍ଯ୍ୟ ଏଠି ସକଳଙ୍କ ଯତ୍ନ ନିଏ
ଏହି ଜଗତକୁ କରିପାରେ ସିଏ ଆତ୍ମ-ଶକ୍ତି ପୂର୍ଣ୍ଣ ପୋତ,
ମାଟି ପିଣ୍ଡୁଳାରେ ଈଶ୍ୱରଙ୍କ ମୂର୍ତ୍ତି ଗଢ଼ିପାରେ ପୁଣି ସେ ତ ।''

ଏହା ହିଁ ନୀରବତା ମଧ୍ୟରେ ସୁପ୍ତ ଅଖଣ୍ଡ ଶକ୍ତି, ମାତୃଶକ୍ତି । ଥରେ ମାତୃଶକ୍ତି ଜାଗ୍ରତ ହେଲେ ମା'ଙ୍କ କରୁଣା, କୃପା ଓ ଅଭୟ ହସ୍ତ ସର୍ବଦା ପ୍ରସାରିତ ହୋଇ ତାଙ୍କର ସନ୍ତାନମାନଙ୍କୁ ଆଶୀର୍ବାଦ କରୁଥାଏ, ସୁରକ୍ଷା ପ୍ରଦାନ କରୁଥାଏ । ଅଖଣ୍ଡ ନୀରବତା ଭିତରେ ଏହି ଶକ୍ତି କିପରି ସନ୍ତାନମାନଙ୍କ ସାଥେ ସାଥେ ରହିଥାଏ ଏବଂ ସୁରକ୍ଷା ପ୍ରଦାନ କରୁଥାଏ ତାହା ନିମ୍ନ ଘଟଣାଟିରୁ ଅନୁମାନ କରିହୁଏ –

ଆଶ୍ରମରେ ପନ୍ଦର ବର୍ଷ ରହିଲା ପରେ ଜନୈକା ସାଧିକା ଏବଂ ତାଙ୍କର ଭଉଣୀମାନେ କାଶ୍ମୀର ଭ୍ରମଣରେ ଯିବା ପାଇଁ ଇଚ୍ଛା କରି ମା'ଙ୍କର ଅନୁମତି ନିମନ୍ତେ ଦରଖାସ୍ତଟିଏ ନିବେଦନ କଲେ । ସେତେବେଳେ ମା'ଙ୍କ ଦେହ ଖରାପ ଥାଏ, ତାଙ୍କୁ ଦର୍ଶନ କରିବା ମାସକ ପାଇଁ ବାରଣ କରାଯାଇଥାଏ । କିନ୍ତୁ ପିଲାମାନଙ୍କର ଆବେଦନଟି ମା'ଙ୍କ ପାଖରେ ଉପସ୍ଥାପନା କରାଗଲା ଏବଂ ମା ଖୁସି ହୋଇ ଅନୁମତି ଦେଇ ଦେଲେ ।

ପିଲାମାନେ ଦିଲ୍ଲୀରୁ ଉତ୍ତରାଖଣ୍ଡର ବଦ୍ରିନାଥଧାମ ଓ ହିମାଳୟ କୋଳରେ ସ୍ଥିତ ଅନ୍ୟ କେତେକ ତୀର୍ଥସ୍ଥଳ ତଥା ଦର୍ଶନୀୟ ସ୍ଥଳ ଭ୍ରମଣ କଲାପରେ କାଶ୍ମୀର ଗଲେ । ସେଠାରେ ପହଞ୍ଚି ସ୍ଥିର କଲେ ଯେ ''ଅମରନାଥ'' ଯାତ୍ରା କରିବେ । କିନ୍ତୁ ଅମରନାଥ ଯାତ୍ରା ନିମନ୍ତେ ସେଇ ସମୟ ଅନୁକୂଳ ନଥିଲା । ଅମରନାଥ ମନ୍ଦିର ଏବଂ ତା'ର ଆଖପାଖ ଅଞ୍ଚଳରେ ବରଫପାତ ଆରମ୍ଭ ହୋଇ ଯାଇଥିଲା । ମନ୍ଦିରକୁ ଯାଇଥିବା ରାସ୍ତା ବରଫରେ ପୋତି ହୋଇ ଯାଇଥିଲା । ଯେଉଁ ଯାତ୍ରୀମାନେ ଦୁଃସାହସ କରି ଯାତ୍ରାରେ ବାହାରି ଯାଇଥିଲେ ସେମାନେ ସମ୍ମୁଖୀନ ହେଉଥିବା ଘଟଣା-ଦୁର୍ଘଟଣାର ଖବରମାନ ଆସି ପହଞ୍ଚୁ ଥାଏ । ପର୍ଯ୍ୟଟକମାନଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି (guide)ମାନଙ୍କ ମଧ୍ୟରୁ କେହି ବି ସେମାନଙ୍କ ଜୀବନ ଏବଂ ତାଙ୍କର ଟଟ୍ଟୁଘୋଡ଼ାମାନଙ୍କର ଜୀବନକୁ ବିପନ୍ନ କରିବାକୁ ରାଜି ହେଉ ନଥା'ନ୍ତି । କିନ୍ତୁ ପିଲାମାନଙ୍କର ଏକାଜିଦ୍ ''ମା ଆମକୁ

ଅନୁମତି ଦେଇଛନ୍ତି, ଆମେ ନିଶ୍ଚୟ ଯିବୁ ।'' ଯେତେ ଅଧିକ ଦୁର୍ଘଟଣାମାନଙ୍କର ଖବର ଆସି ପହଞ୍ଚୁ ଥାଏ ପିଲାମାନଙ୍କର ଉତ୍ସାହ ସେତେ ସେତେ ଉପରକୁ ବଢୁଥାଏ । ଯାହା ହେଉ ନା କାହିଁକି ସେମାନେ 'ଅମରନାଥ' ଦର୍ଶନ କରିବେ ।

କିଛି ସମୟ ଆଲୋଚନା ପର୍ଯ୍ୟାଲୋଚନା ପରେ ଚାରିଜଣ ଗାଇଡ୍ ରାଜି ହେଲେ ଅଧିକ ଅର୍ଥ ବିନିମୟରେ ସେମାନଙ୍କ ଘୋଡ଼ାମାନଙ୍କୁ ନେଇ ଯାତ୍ରାରେ ସାହାଯ୍ୟ କରିବା ପାଇଁ । ପିଲାଙ୍କ ଭିତରୁ ଜଣେ ନିକଟସ୍ଥ ପୋଷ୍ଟ ଅଫିସକୁ ଯାଇ ମା'ଙ୍କ ପାଖକୁ ଗୋଟିଏ ଟେଲିଗ୍ରାମ ପଠାଇ ଦେଲେ ।

ଓଠରେ ମାତୃନାମ ଜପି ଜପି ଉପରକୁ ମସୃଣ ବରଫଖଣ୍ଡ ଉପରେ ପାଦ ଦେଇ, ଦଉଡ଼ି ଧରି 'ଶେଷନାଗ'ରୁ ସେମାନେ ଯାତ୍ରା ଆରମ୍ଭ କଲେ 'ଅମରନାଥ'ଙ୍କ ପାଖକୁ । ବରଫପାତ ହେଉଥିବାରୁ 'ଶେଷନାଗ'ରୁ 'ଅମରନାଥ' ମଧ୍ୟରେ ଥିବା ସମସ୍ତ କ୍ୟାମ୍ପ୍ ବନ୍ଦ କରି ଦିଆ ଯାଇଥାଏ । ବହୁତ ସାବଧାନତାର ସହ ସେମାନେ ପାଦେ ପାଦେ ଆଗକୁ ବଢୁ ଥାଆନ୍ତି । ଶେଷରେ ଅମରନାଥ ଗୁମ୍ଫା ଦ୍ୱାର ସମ୍ମୁଖରେ ପହଞ୍ଚିଲେ । ଆଶ୍ଚର୍ଯ୍ୟର କଥା ଏକମାତ୍ର ଜଣେ ସାଧୁ କେଉଁଠୁ ଆସି ପିଲାମାନଙ୍କୁ ଦେଖି ଭାରି ଖୁସି ହେଲେ ଏବଂ ଦର୍ଶନ ଓ ପୂଜାସବୁ ସେ ନିଜେ କରାଇ ଦେଲେ ।

ସାଙ୍ଗେ ସାଙ୍ଗେ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଲା, କାରଣ ଗାଇଡ଼ମାନେ ଆଉ ସେଠାରେ ରହିବା ପାଇଁ ରାଜି ହେଲେ ନାହିଁ । ପାଗ ଅଧିକରୁ ଅଧିକ ଖରାପ ହେବାର ସୂଚନା ସେମାନେ ପାଇ ସାରିଥିଲେ । ଫେରିଲା ବେଳେ 'ଶେଷନାଗ' ଆଉ ଏକ କିଲୋମିଟର ଅଛି କେଉଁଠି ଥିଲା କଳାବାଦଲ ସେମାନଙ୍କୁ ଢାଙ୍କିଦେଲା । ଗାଇଡ୍‌ମାନେ କହିଲେ 'ଏବେ ବରଫପାତ ଆରମ୍ଭ ହୋଇଯିବ, ଶୀଘ୍ର ଏ ସ୍ଥାନ ଛାଡ଼ିଦେବା' । କିନ୍ତୁ ପିଲାମାନଙ୍କର ଏକାଜିଦ୍ ''ଆମେ ବରଫପାତ ଦେଖି ନାହୁଁ ଏଠାରେ ହିଁ ଦେଖିବୁ'' ।

ତତ୍ପରେ ସେଠାରେ ଏକ ଚମତ୍କାର ଘଟଣା ଘଟିଲା, କେତୋଟି ମିନିଟ ପାଇଁ ଅସରାଏ ବର୍ଷା, ତା'ପରେ ତୁଳା ଛିଞ୍ଚିଲା ପରି ମେଞ୍ଚା ମେଞ୍ଚା ବରଫପାତ ଓ ଝଲକାଏ ପବନ । ତା'ପରେ ସବୁ ବନ୍ଦ, ଚାରିଆଡ଼ ନିସ୍ତବ୍ଧ – ଦୁଇ ବରଫ ଶୃଙ୍ଗ ଫାଙ୍କରୁ ସୂର୍ଯ୍ୟ ଦେଖାଦେଲେ ଏବଂ ତାଙ୍କର ଉଜ୍ଜ୍ୱଳ ଓ ଉଷ୍ମ କିରଣରେ ସମସ୍ତଙ୍କୁ ଆପ୍ୟାୟିତ କରିବାକୁ ଲାଗିଲେ । ଭୟଭୀତ ଗାଇଡ୍‌ମାନଙ୍କ ହୃଦୟରୁ ଏକାଥରକେ ଦୀର୍ଘଶ୍ୱାସ ବାହାରି ଆସିଲା । ''ଓଃ ! ମା ରକ୍ଷା କରି ଦେଲେ'' – ସମସ୍ୱରରେ ବାହାରି ଆସିଲା ସମସ୍ତଙ୍କ ପାଟି ଭିତରୁ ।

ପଣ୍ଡିଚେରୀ ଫେରିଲା ପରେ ପିଲାମାନେ ମା'ଙ୍କ ନିକଟକୁ ଯାଇ ସେମାନଙ୍କର ଅନୁଭୂତିମାନ କହିଲେ । ସବୁ ଶୁଣି ସାରିଲା ପରେ ମା କହିଲେ, ''Yes I know. I was with you all the time. Oh, it was so cold, I was shivering !'' ''ହଁ, ମୁଁ ଜାଣିଛି । ମୁଁ ତୁମମାନଙ୍କ ସହ ସର୍ବଦା ରହିଥିଲି । ଓଃ, କି ଥଣ୍ଡା, ମୁଁ ଥରି ଯାଉଥିଲି ।''

(How they came to Sri Aurobindo and The Mother, p. 230)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations – The Mother

(୨) Musing on the Mother's Prayers and Meditations – Shyam Kumari

(୩) How they came to Sri Aurobindo and the Mother – Shyam Kumari

ଆମେ ନିଶ୍ଚିତଭାବେ କେବଳ ଭଗବତ୍ କୃପା ଉପରେ ଆସ୍ଥା ସ୍ଥାପନ କରିବାକୁ ଏବଂ ସବୁ ପରିସ୍ଥିତିରେ ଏହାର ସାହାଯ୍ୟ ସକାଶେ ଆହ୍ୱାନ କରିବାକୁ ଶିଖିବା ଉଚିତ; ତା'ହେଲେ ଏହା ଅବିରତ ଭାବେ ଅଲୌକିକ କାଣ୍ଡରାଜି ଘଟାଇ ଚାଲିବ ।

– ଶ୍ରୀମା

# ଜୀବନର ଅର୍ଥହିଁ ବିକାଶ

## ରାମକୃଷ୍ଣ ଦାସ

ମନୁଷ୍ୟର ଜୀବନ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀ ମନୁଷ୍ୟ-ଶରୀରରେ । ମନୁଷ୍ୟ ସକାଶେ ଉର୍ଦ୍ଧ୍ୱ ବିକାଶ ଏବଂ ଅଧଃ ପତନ ଏହି ଉଭୟ ମାର୍ଗ ସର୍ବଦା ଉନ୍ମୁକ୍ତ ଥାଏ । ମନୁଷ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରି ଉଚିତ ମାର୍ଗରେ ଉନ୍ନତିର ପ୍ରଯତ୍ନ କରି ପାରିଲେ ସେ ନିଜର ସର୍ବାଙ୍ଗୀଣ ବିକାଶ କରିପାରେ; ନିଜେ ପରମ ସୁଖ, ପରମ ଶାନ୍ତିରେ ବାସ କରିପାରେ; ଏବଂ ସଂସାରରୁ ଅସତ୍ୟ, ଅନ୍ୟାୟ, ଦୁଃଖ, ଦ୍ୱନ୍ଦ୍ୱ ଦୂର କରି ସତ୍ୟ, ନ୍ୟାୟ ପ୍ରତିଷ୍ଠା କରିପାରେ । ଏହାର ବିପରୀତ ଆଚରଣରେ ଅଧଃପତନ ହୁଏ । ବର୍ତ୍ତମାନ ମହାନ୍ ଉନ୍ନତିର ସମୟ ଆସିଛି । ମା'ଙ୍କର ୧୯୬୮ ସାଲ ବାଣୀରୁ ସ୍ପଷ୍ଟ ରୂପେ ଏହାର ସୂଚନା ମିଳୁଛି ।

"Remain young, never stop striving towards perfection."

01.01.68 – The Mother

''ତରୁଣ ରୁହ, ପୂର୍ଣ୍ଣତାର ସାଧନାରୁ କଦାପି ବିରତ ହୁଅ ନାହିଁ ।''

୦୧.୦୧.୬୮ – ଶ୍ରୀମା

ବ୍ୟକ୍ତିର ବିକାଶ ବା ଉନ୍ନତିର ମାର୍ଗ ଉନ୍ମୁକ୍ତ ଥାଏ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । ଉନ୍ନତିର ଆଶା ରଖି ବ୍ୟକ୍ତି ଯେପର୍ଯ୍ୟନ୍ତ ଉନ୍ନତି ସକାଶେ ପ୍ରଯତ୍ନ କରେ ସେପର୍ଯ୍ୟନ୍ତ ସେ ଯୁବକ । ଏପରି ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତି ବହୁ ପରିମାଣରେ ରୋଗ ତଥା ବୃଦ୍ଧତ୍ୱରୁ ମୁକ୍ତ ରହି ଥାଆନ୍ତି । ସେମାନଙ୍କର ବୃଦ୍ଧି ହୁଏ ଧୈର୍ଯ୍ୟ, ସାହସ, ଉତ୍ସାହ । ତୁଳନାତ୍ମକ ରୂପେ କମ୍ ପରିମାଣରେ ହ୍ରାସ ହୁଏ ଶରୀର-ଶକ୍ତି । ଏହାର ବିପରୀତ ଭୋଗନ୍ତି ନିରାଶାବାଦୀ, ଭଗ୍ନ-ମନୋରଥ, କର୍ମବିମୁଖ, ପ୍ରଯତ୍ନରହିତ ବ୍ୟକ୍ତି । ଏମାନେ ଯୁବାବସ୍ଥାରେ ବୃଦ୍ଧ, ଜୀବନ ଥିବା ଅବସ୍ଥାରେ ମୃତ । ଜୀବନ କେବଳ ବିକାଶ ସକାଶେ । ବିକାଶ ସ୍ଥଗିତ ହେଲେ ଜୀବନ ହୁଏ ନିରର୍ଥକ । ଏପରି ବ୍ୟକ୍ତିର ଉତ୍ପନ୍ନ ହୁଏ ନାନା ପ୍ରକାର ରୋଗ, ମନରେ ଆସେ ଦୁର୍ଶ୍ଚିନ୍ତା, ଅଶାନ୍ତି, ପ୍ରାଣ ହୁଏ ଅସ୍ଥିର, ଉଦ୍‌ବେଗପୂର୍ଣ୍ଣ, ଜୀବନ ହୁଏ ଭାରସ୍ୱରୂପ । ଆଶାବାଦୀ ପ୍ରଯତ୍ନଶୀଳ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ବୃଦ୍ଧି ହୁଏ, ଆତ୍ମା ଜାଗ୍ରତ୍ ହୁଏ । ନିରାଶାବାଦୀ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଶକ୍ତି ହ୍ରାସ ହୁଏ, ଆତ୍ମା ଆବୃତ ହୁଏ । ପ୍ରତ୍ୟେକ ବ୍ୟକ୍ତି ପ୍ରଯତ୍ନଶୀଳ ଏବଂ ଆଶାବାଦୀ ହେବା ଉଚିତ । ଏହା ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତି ସକାଶେ ଆବଶ୍ୟକ । କିନ୍ତୁ ଛାତ୍ରଛାତ୍ରୀମାନଙ୍କ ସକାଶେ ଆଶାବାଦୀ ହେବା ଏକାନ୍ତ ଅନିବାର୍ଯ୍ୟ । ଛାତ୍ରଛାତ୍ରୀମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଆଶାବାଦୀ ହେବା । ଦ୍ୱିତୀୟରେ ନିଜ ମନ, ପ୍ରାଣ, ଶରୀର ତଥା ଆତ୍ମବିକାଶର ଯଥାର୍ଥ ପ୍ରଯତ୍ନ କରିବା । ଏହା ହୋଇ ପାରେ ଛାତ୍ରଜୀବନରେ ।

ମନ, ପ୍ରାଣ ତଥା ଆତ୍ମା ସ୍ଥୂଳ ଶରୀରରେ ଏକତ୍ରିତ ହେଲେ ବ୍ୟକ୍ତି ଜୀବନ-ପ୍ରାପ୍ତ କରି ସଂସାରରେ କର୍ମ କରେ । ଜୀବନ ତଥା କର୍ମର ଆଧାର ଶରୀର । ଶରୀର ଦୃଢ଼ ହେଲେ ବ୍ୟକ୍ତି ରୋଗଗ୍ରସ୍ତ ହୁଏ ନାହିଁ, ଶାରୀରିକ କାର୍ଯ୍ୟ କରିପାରେ; ପ୍ରାଣ ଦୃଢ଼, ବିକଶିତ ତଥା ଶୁଦ୍ଧ ହେଲେ ଶରୀର ସାହାଯ୍ୟରେ ଆଶ୍ଚର୍ଯ୍ୟଜନକ କର୍ମ କରିପାରେ; ମନ ଓ ବୁଦ୍ଧି ଦୃଢ଼, ଶୁଦ୍ଧ, ନମନୀୟ, ବିକାଶୋନ୍ମୁଖୀ ହେଲେ କର୍ମର କୌଶଳ ବୃଦ୍ଧିପାଏ – ଶରୀର ତଥା ପ୍ରାଣକୁ ବହୁ ଅଂଶରେ ନିୟନ୍ତ୍ରଣ କରେ । ଆତ୍ମବିକାଶ ହେଲେ ସେ ଶରୀରର ନେତା ହୁଏ । ମନ, ପ୍ରାଣ, ଶରୀରକୁ ଶୁଦ୍ଧ କରେ, ନିୟନ୍ତ୍ରଣ କରେ ଏବଂ ସର୍ବାଙ୍ଗୀଣ ଉନ୍ନତିର ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହି ଚାରି ସତ୍ତା ମଧ୍ୟରୁ ଗୋଟିକୁ ବାଦ୍ ଦେଲେ ଜୀବନ ଅପୂର୍ଣ୍ଣ ହୁଏ । କିନ୍ତୁ ସମସ୍ତ ସତ୍ତାର ବିକାଶ ହୋଇଥିବା ସତ୍ତ୍ୱେ ଯଦି ଆତ୍ମବିକାଶ ବାଦ୍ ଦିଆହୁଏ ତେବେ ବ୍ୟକ୍ତିର ଅନ୍ୟାନ୍ୟ ବିକଶିତ ସତ୍ତାସବୁ ବ୍ୟକ୍ତିକୁ ବିପରୀତ ମାର୍ଗରେ ନେଇ ଅଧଃପତନ କରାନ୍ତି । ଏହି ଚାରି ସତ୍ତାର ବିକାଶ ଓ ପୂର୍ଣ୍ଣତା ପ୍ରାପ୍ତ ହୁଏ ଅଧ୍ୟାତ୍ମ ସତ୍ୟ ଆଧାରରେ – ନିୟମିତ ଶାରୀରିକ ବ୍ୟାୟାମ, ବିଦ୍ୟାଧ୍ୟୟନ ତଥା ଯଥାର୍ଥ ପ୍ରଣାଳୀରେ ଶାରୀରିକ କର୍ମ କରିବାରେ । ଜୀବନର ଏହି ସର୍ବାଙ୍ଗୀନ ଉନ୍ନତିର ଶିକ୍ଷା ଦେବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି ଏବଂ ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ସ୍ଥାପନ କରିଛନ୍ତି । ଆମ୍ଭେମାନେ ତାଙ୍କରି ଆଦର୍ଶ ଗ୍ରହଣ କଲେ ସହଜରେ ପୂର୍ଣ୍ଣ ଜୀବନ ପ୍ରାପ୍ତ କରିପାରିବା ।

(*ଅବଶିଷ୍ଟାଂଶ ୩୫ ପୃଷ୍ଠାରେ ଦେଖନ୍ତୁ*)

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୨)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ 'ଭ'ର ସେଠାକୁ ଯାଇ ଖୁବ୍ ଭଲ ହିଁ କରିଛ – ଏହିସବୁ ଘଟଣାରୁ ପ୍ରାଣ (vital)ମୁକ୍ତ ହେବା ମାତ୍ରେ ଏହା ହିଁ କରିବା କଥା । ତୁମେ ନିଖୁଣଭାବେ ଦେଖିଛ ଯେ କେଉଁ ବାଧାକୁ ପ୍ରଥମେ ତ୍ୟାଗ କରିବାକୁ ହେବ, ତାହା ହେଉଛି ଅହଂକାର ଯାହାକୁ ତୁମେ ପୋଷଣ କରିବ ନାହିଁ । ଏହିସବୁ ବିଷୟ ସାଧାରଣ ଏବଂ ଆଧାତ୍ମିକ ଦୃଷ୍ଟିଭଙ୍ଗୀ ଭିନ୍ନ ପ୍ରକାରର ହେବାକୁ ହିଁ ହେବ, ଏବଂ ଅହଂକାରକୁ ପ୍ରତିଷ୍ଠିତ ହେବାକୁ ନ ଦେବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏବଂ ଅନ୍ୟମାନଙ୍କର ଦୋଷ, ଅପରାଧ ଇତ୍ୟାଦି ସମ୍ବନ୍ଧେ ଆଲୋଚନା – ନିଜ ସମ୍ବନ୍ଧରେ ହେଉ ଅଥବା ଅନ୍ୟମାନଙ୍କ ସମ୍ବନ୍ଧରେ ହେଉ – ସେସବୁ ନେଇ ନିଜକୁ ବ୍ୟାପୃତ ନ ରଖିବା ନିଶ୍ଚିତ ରୂପେ ସଠିକ ସଂକଳ୍ପ । ତୁମର ଗତିବିଧିରେ କୌଣସି ଭୁଲ୍ ଅବା ପ୍ରାଣିକ (Vital) କିଛି ଆତ୍ମଗୋପନ କରି ନଥିଲା ।

(୦୩.୦୯.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଅବଶ୍ୟ ଏହା ଅତୀତର ସେଇ ପୁରାତନ ପ୍ରାଣିକ ପ୍ରତିରୋଧ ଯାହା ପୁନରାୟ ମୁକ୍ତି ପାଇ ସୃଷ୍ଟି କରୁଛି ଏଇ ଉତ୍ତେଜନା ଏବଂ ଶ୍ରୀମା'ଙ୍କର ଅସନ୍ତୋଷ ସମ୍ବନ୍ଧରେ ଏଇସବୁ ନାନା କଳ୍ପନା-ଜଳ୍ପନା । କାହିଁକି ନା ପ୍ରକୃତ ପକ୍ଷେ ମା'ଙ୍କ ମନରେ ତୁମ ବିରୋଧରେ କୌଣସି ଅସନ୍ତୋଷ ନାହିଁ, ଏବଂ ସଚରାଚର ଏଇ ଧାରଣା ବିରୋଧୀ ଶକ୍ତିଙ୍କଠାରୁ ସାଧକମାନଙ୍କ ମନକୁ ଆସେ – ଯେଉଁ ଶକ୍ତି ସାଧକମାନଙ୍କ ମନରେ ସୃଷ୍ଟି କରିବାକୁ ଚାହେଁ ଏଠାରୁ ଚାଲିଯିବାର ଇଚ୍ଛା ଅଥବା କୌଣସି ପ୍ରକାରର ଅତୃପ୍ତି ବା ଅବସାଦ । ଏହା ଏକ ଅଦ୍ଭୁତ ଧରଣର ପ୍ରବଞ୍ଚନା ଯାହା ଆଶ୍ରମ ପରିବେଶରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଛି ଏବଂ ଏହାକୁ କୌଣସି ବ୍ୟକ୍ତିଗତ ପ୍ରାଣ ସେତେଟା ପୋଷଣ କରୁ ନାହିଁ ଯେତେଟା କରୁଛନ୍ତି ବିରୋଧୀ ଶକ୍ତିମାନେ ଏମାନଙ୍କ ଉପରେ କାର୍ଯ୍ୟ କରି, ଯଦି ସାଧନା ଭଙ୍ଗ କରିବା ସମ୍ଭବ ହୁଏ ତାହା ପାଇଁ । ଏହାକୁ ଆଦୌ ତୁମ ମଧ୍ୟରେ ସ୍ଥାନ ଦେବ ନାହିଁ, ସୁଯୋଗ ଦେଲେ ଏହା ସୃଷ୍ଟି କରିବ ନାନା ପ୍ରକାର ଦୁଃଖ-କଷ୍ଟ ଯାହାର ଅନ୍ତ ନ ଥିବ । ପ୍ରୟୋଜନୀୟ ନିଦ୍ରାର ଅଭାବ ସାଧାରଣତଃ ସମସ୍ତ ସ୍ନାୟୁରେ ଏକ ପ୍ରକାର କ୍ଲାନ୍ତିକର ଅବସ୍ଥା ଆଣେ ଯାହା ଏଇ ବିଷୟସବୁକୁ ପ୍ରବେଶ କରାଇବାରେ ସାହାଯ୍ୟ କରେ – କାରଣ ଶାରୀର-ଚେତନା ମଧ୍ୟ ଦେଇ ହିଁ ସେମାନେ ଆକ୍ରମଣ କରନ୍ତି ଏବଂ ଯଦି ସେମାନେ କୌଣସି ଉପାୟରେ ସେଇ ଚେତନାକୁ ତାମସିକ କରି ପାରନ୍ତି ତା'ହେଲେ ସେମାନଙ୍କର ପ୍ରବେଶ କରିବା ଆହୁରି ସହଜ ହୁଏ ।

(୧୫.୦୯.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ପରିବର୍ତ୍ତନ ସକାଶେ ଯାହା ପ୍ରୟୋଜନ ଏବଂ ନବଜୀବନ ସମ୍ବନ୍ଧରେ ତୁମର ଯେଉଁ ମୌଳିକ ଭାବଧାରା ତାହା ଅତି ଉତ୍ତମ । ଶାନ୍ତ ସଜାଗତା ଏବଂ ମର୍ମପୀଡ଼ାହୀନ ଅଧ୍ୟବସାୟରେ ଏହା କରି ପାରିବାଟା ହିଁ ହେଉଛି ସବୁଠାରୁ ଉତ୍ତମ ଉପାୟ ।

ଆନ୍ତର ସାନ୍ନିଧ୍ୟ ପୁନଃ ପ୍ରତିଷ୍ଠିତ କରିବାକୁ ହେଲେ ପ୍ରଶାନ୍ତିକୁ ଆହୁରି ଅଧିକ ଗଭୀରତର ହେବାକୁ ହେବ ଯେଉଁଥିରେ ଚୈତ୍ୟସତ୍ତା ପ୍ରକଟ ହୋଇ ଶରୀର ମଧ୍ୟକୁ ଆସିପାରେ ଯେପରି ସେ ସତ୍ତାର ଅନ୍ୟାନ୍ୟ ଊର୍ଦ୍ଧ୍ୱାଂଶରେ କରିଥିଲା ।

(୨୮.୦୯.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ହେଉଛି ଏକ ଅତ୍ୟନ୍ତ ଚରମ ସାକ୍ଷାତ୍ ଅନୁଭୂତି ଏବଂ ଉପଲବ୍ଧି – ପ୍ରଥମତଃ ମନର – (ମସ୍ତିଷ୍କର) ଊର୍ଦ୍ଧ୍ୱ ଭାଗରେ ଆଧାତ୍ମିକ ସ୍ତରକୁ ଆରୋହଣ । ଏହିଠାରେ ହିଁ ଉପଲବ୍ଧି କରାଯାଏ ଏବଂ ମୁକ୍ତି ମିଳିଥାଏ ଅନନ୍ତର ବିଶାଳତା, ସ୍ଥିରତା, ନିସ୍ତବ୍ଧତା, ସ୍ୱାଧୀନତା, ଶାନ୍ତି ଓ ଆନନ୍ଦ ମଧ୍ୟରେ ଏବଂ ଜାଣିହୁଏ ବିଶ୍ୱଗତ ଆତ୍ମା ଓ ଭଗବାନଙ୍କୁ । ଏହି ଉପଲବ୍ଧି ହେଉଛି ଭିତ୍ତି (ଯେତେବେଳେ ଏଇ ଉପଲବ୍ଧିର ସ୍ଥିତି ହୁଏ ଏବଂ ଶରୀର ଛାଡ଼ି ସର୍ବଦା ରହିଥାଏ ଊର୍ଦ୍ଧ୍ୱରେ, ଅନନ୍ତ ସତ୍ତାର ପ୍ରସାରତାରେ) ଆଧାତ୍ମିକ ଅବସ୍ଥାର ଏବଂ ପ୍ରକୃତିର ଆଧାତ୍ମିକ ରୂପାନ୍ତରର ସୂଚନା । ଏପର୍ଯ୍ୟନ୍ତ ତୁମର ଯାହାସବୁ

ହେଉଥିଲା ତାହା ହେଉଛି ଚୈତ୍ୟିକ ପରିବର୍ତ୍ତନ । ଯେତେବେଳେ ଚୈତ୍ୟିକ ଏବଂ ଆଧ୍ୟାତ୍ମିକ ଏକ ସଙ୍ଗେ ଯୁକ୍ତ ହୁଏ ସେତେବେଳେ ରୂପାନ୍ତର ସମ୍ପୂର୍ଣ୍ଣ ହୁଏ । ଏଥି ସକାଶେ ପ୍ରୟୋଜନ ଉର୍ଦ୍ଧ୍ୱରୁ ଅବତରଣର ଏବଂ ସେଇଟି ହେଉଛି ଦ୍ୱିତୀୟ ବିଷୟ ଯାହା ତୁମେ ଅନୁଭବ କରୁଛ ଉର୍ଦ୍ଧ୍ୱସ୍ତରର । ଆଧ୍ୟାତ୍ମିକ ଅବା ଭାଗବତ ଚେତନା ସକଳ ଏବଂ ପ୍ରାଣଶକ୍ତି ସମସ୍ତ ଦେହଯନ୍ତ୍ର ପ୍ରଣାଳୀ ଧାରା ମଧ୍ୟରେ ତଥା ଗଭୀରରେ ଏପରିକି ମେରୁଦଣ୍ଡର ଶେଷ ପର୍ଯ୍ୟନ୍ତ ଅବତରି ଆସେ ଯେଉଁଠି ଅଛି ମୂଳାଧାର ଅବା ଶରୀର ଚେତନାର କେନ୍ଦ୍ର । ପ୍ରାଣଶକ୍ତି ଅବତରଣ କରେ ସମସ୍ତ ସ୍ତର ଏବଂ କେନ୍ଦ୍ର ମଧ୍ୟ ଦେଇ – ମନୋମୟ କେନ୍ଦ୍ର, ପ୍ରାଣମୟ କେନ୍ଦ୍ର, ଶାରୀରିକ କେନ୍ଦ୍ର ଏବଂ ସମସ୍ତ ଶରୀରରେ ଭରିଦିଏ ଉର୍ଦ୍ଧ୍ୱର ସାକ୍ଷାତ୍-ଅନୁଭୂତି ଓ ଚେତନା ଦେଇ । ଉର୍ଦ୍ଧ୍ୱାରୋହଣ ହେଉଛି ମୁକ୍ତି ଏବଂ ଏହି ଭାବେ ଯେତେବେଳେ ଉର୍ଦ୍ଧ୍ୱାରୋହଣ କରା ହୋଇଥାଏ ସେତେବେଳେ ସେଇ ଦୈହିକ ଚେତନା ମୁକ୍ତ ହୁଏ; ସେତେବେଳେ ଶରୀରକୁ ଆଉ କୌଣସି ଆକାର ବୋଲି ମନେ ହୁଏନା, ମନେ ହୁଏନା ଯେ ଶରୀର ତାକୁ ଧାରଣ କରିଛି, ବରଂ ପ୍ରସାରିତ ହୋଇଯାଏ ନିରାକାର ଭାଗବତ ବିଶାଳତାରେ । କିଂବା କେବେ କେବେ ଶରୀରକୁ ମନେହୁଏ ସେଇ ବିଶାଳତା ମଧ୍ୟରେ ଅତି କ୍ଷୁଦ୍ର ପଦାର୍ଥ । ଅବତରଣ ସମୟରେ ସେତେଟା ସୀମାବଦ୍ଧ ଆକାରରେ ଶରୀରବୋଧ ନଥାଏ ଯେତେଟା ଥାଏ ଯନ୍ତ୍ର ଏବଂ ଆଧାର-ସ୍ୱରୂପ ଏଇ ବୃହତ୍ତର ଚେତନା ନିମନ୍ତେ । ତୁମର ଏଇ ଉପଲବ୍ଧିର ବିବରଣୀ ଏକେବାରେ ଅଭ୍ରାନ୍ତ । ବର୍ତ୍ତମାନ ଯାହା ହେବାକୁ ହେବ ତାହା ହେଉଛି ଉର୍ଦ୍ଧ୍ୱର ବିସ୍ତାର, ସ୍ୱାଧୀନତା, ସ୍ଥିରତା ଏବଂ ଉର୍ଦ୍ଧ୍ୱଚେତନାର ପ୍ରଶାନ୍ତି ମଧ୍ୟରେ ସ୍ଥିତି ଲାଭ କରିବା ଏବଂ ଅବତରଣ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବା । ଯେତେଦିନ ପର୍ଯ୍ୟନ୍ତ ସତ୍ତାର ଉର୍ଦ୍ଧ୍ୱଶକ୍ତି ନିମ୍ନର ସକଳ ସ୍ତରରେ ସ୍ଥାୟୀ ଭାବେ ସ୍ଥାପିତ ନ ହୋଇଛି – ଶରୀର ମଧ୍ୟରେ, ଶରୀରର ନିମ୍ନରେ ସ୍ଥିତ ଅବଚେତନା ମଧ୍ୟରେ ଏବଂ ଶରୀରର ଚତୁଃପାର୍ଶ୍ୱରେ ମଧ୍ୟ ଘେରି ନଯାଇଛି, ଯେଉଁଥିରେ କି ସେଇ ନୂତନ ଚେତନା ଓ ସତ୍ତାର ଆଚ୍ଛାଦନ ମଧ୍ୟରେ ବାସ କରାଯାଏ ।

(୧୩.୧୧.୩୬)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

---

(*ପୃଷ୍ଠା ୩୩ ର ଅବଶିଷ୍ଟାଂଶ*)

ସୃଷ୍ଟିର କ୍ରମବିକାଶ ଚାଲିଛି ଜଡ଼ରୁ ମନ ପର୍ଯ୍ୟନ୍ତ ଅଜ୍ଞାନ ସ୍ତରରେ । ଏହି ଅଜ୍ଞାନତା ଯୋଗୁଁ ଆମ୍ଭେମାନେ ଜୀବନର ସର୍ବାଙ୍ଗୀନ ବିକାଶ ସମ୍ବନ୍ଧେ ସଚେତନ ହୋଇପାରି ନ ଥିଲୁ । ବର୍ତ୍ତମାନ ମନର ବିକାଶ ଶେଷ ଅବସ୍ଥାରେ । ଏହାପରେ ପୃଥିବୀରେ ପ୍ରତିଷ୍ଠା ହେବ ଅତିମାନସ ବିଜ୍ଞାନ-ଚେତନା । ବିକାଶ ଗତି କରିବ ଅଜ୍ଞାନରୁ ବିଜ୍ଞାନ ସ୍ତରରେ । ତା'ର ସମୟ ଆସିଛି । ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ରୂପାନ୍ତର ହେବ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମାର ନେତୃତ୍ୱରେ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହିମାନେ ହେବେ ନୂତନ ସତ୍ୟଯୁଗର ଅଗ୍ରଦୂତ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ଦ୍ୱିତୀୟ ଖଣ୍ଡ, ପୃଷ୍ଠା : ୯୯ - ୧୦୦) ❑

ଯଥାଯଥ ଆନ୍ତର ଭାରସାମ୍ୟ ଅନ୍ତରରେ ତଥା ବାହାରେ ନୀରବତା, ବିଶ୍ୱାସ, ଶ୍ରୀମାଙ୍କ ପ୍ରତି ଏବଂ ତାଙ୍କର ଦିବ୍ୟଶକ୍ତି ପ୍ରତି ଶରୀର ଚେତନାର ଉନ୍ମୀଳନ ହେଉଛି ସର୍ବଦା ଆରୋଗ୍ୟ ପ୍ରାପ୍ତିର ଯଥାର୍ଥ ଉପାୟ – ଅନ୍ୟାନ୍ୟ ଜିନିଷ ସାମାନ୍ୟ ମାତ୍ର ସହାୟତା ଓ ଗୌଣ ଉପାୟ ହୋଇପାରେ ।

– ଶ୍ରୀଅରବିନ୍ଦ

# କବି ନିଶିକାନ୍ତ

## (୩)

ଏଇ ଅଧ୍ୟାୟରେ ଆମେ କବି ନିଶିକାନ୍ତଙ୍କ ଜନ୍ମ, ବାଲ୍ୟ-ଜୀବନ ଓ ବଂଶ-ବୃତ୍ତାନ୍ତ ଆଦି ସମ୍ପର୍କରେ କିଞ୍ଚିତ ଆଲୋକପାତ କରିବାକୁ ପ୍ରୟାସ କରୁଛୁ ।

ପିତା ବିଜୟଶଙ୍କର ରାୟଚୌଧୁରୀ ଓ ମାତା ସୌଦାମିନୀ ଦେବୀଙ୍କ ଔରସରୁ ନିଶିକାନ୍ତ ୨୪ ମାର୍ଚ୍ଚ ୧୯୦୯ରେ ତାଙ୍କ ମାମୁଁ ଘର ବରିଶାଲର ଉଜିରପୁର ଗ୍ରାମରେ ଜନ୍ମଗ୍ରହଣ କରନ୍ତି । ସେତେବେଳେ ତାଙ୍କ ପରିବାରରେ ଥିଲେ ଅଗ୍ରଜ ସୁଧାକାନ୍ତ ଓ ଭଗିନୀ ଉଷାମୟୀ ।

ନିଜର ଓକିଲାତି ପେସାରେ ପ୍ରତିଷ୍ଠିତ ଥିଲେ ବିଜୟ ଶଙ୍କର । ରବୀନ୍ଦ୍ରନାଥଙ୍କ ଉକ୍ତିରେ 'ସେ ଏକାଧାରରେ ଶ୍ରୁତିଧର ଓ ସ୍ମୃତିଧର ଥିଲେ ।' ବିଜୟଶଙ୍କର ସପରିବାରରେ ଉତ୍ତର ପ୍ରଦେଶର ଉନାଓ ସହରରେ ବସବାସ କରୁଥିଲେ । ରାୟ ଚୌଧୁରୀ ବଂଶର ପୈତୃକ ବାସଭୂମି ଥିଲା କଲିକତାର ଚବିଶ-ପ୍ରଗଣା ଜିଲ୍ଲାର ବସିରହାଟ ସବ୍‌ଡିଭିଜନର ଶିବହାଟି ଗ୍ରାମରେ, ଇଛାମତୀ ନଦୀର ଧାରେ । ଶଶିଭୂଷଣ ରାୟଚୌଧୁରୀ (ସ୍ୱନାମଖ୍ୟାତ ଶିକ୍ଷାବିଦ୍), ଭୁଜଙ୍ଗଧର ରାୟ ଚୌଧୁରୀ (ପ୍ରସିଦ୍ଧ ବିପ୍ଳବୀ) ପ୍ରଭୃତି ଥିଲେ ଏଇ ବଂଶର ପୂର୍ବତନ ଜ୍ୟୋତିଷ୍କ ।

ବିଜୟଶଙ୍କରଙ୍କ ପ୍ରଥମ ପତ୍ନୀ ତିନୋଟି ପୁତ୍ର ଓ କନ୍ୟା ରତ୍ନଟିଏ ଜନ୍ମ ଦେଇ ପରଲୋକ ଗମନ କରନ୍ତି । ପ୍ରଥମ ପୁତ୍ର ନିଃସନ୍ତାନ ଅବସ୍ଥାରେ ମୃତ୍ୟୁମୁଖରେ ପଡ଼ନ୍ତି । ତୃତୀୟ ପୁତ୍ର ଡାକ୍ତରୀ ପଢୁ ପଢୁ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏକମାତ୍ର କନ୍ୟା ମଧ୍ୟ ତିନୋଟି କନ୍ୟା ସନ୍ତାନ ଜନ୍ମ ଦେଇ ଶେଷ ନିଃଶ୍ୱାସ ତ୍ୟାଗ କରନ୍ତି । କେବଳ ସୁସ୍ଥ ରହିଥିଲେ ପୁତ୍ର ସୁଧାକାନ୍ତ ।

ଯକ୍ଷ୍ମା ରୋଗରେ ଆକ୍ରାନ୍ତ ପୁତ୍ରର ଏବଂ ମାତୃହୀନା ତିନିଟି ଶିଶୁ-କନ୍ୟାଙ୍କର ସେବା-ଶୁଶ୍ରୂଷା କରିବା ସକାଶେ ଶୋକସନ୍ତପ୍ତ ବିଜୟଶଙ୍କର ଅନନ୍ୟୋପାୟ ହୋଇ ଦ୍ୱିତୀୟ ବିବାହ କରନ୍ତି ବରିଶାଲର ଉଜିରପୁର ଗ୍ରାମର ସୌଦାମିନୀ ଦେବୀଙ୍କୁ ।

ନିଶିକାନ୍ତ ଓ ଉଷାମୟୀଙ୍କର ଜନ୍ମ ପରେ ବିଜୟ ଶଙ୍କର ସପରିବାରରେ ଉନାଓ ସହରରେ ଥାଆନ୍ତି । ଯକ୍ଷ୍ମାରୋଗରେ ପୀଡ଼ିତ ପୁତ୍ରର ସେବା-ଯତ୍ନ କରୁ କରୁ ପୁତ୍ରଟି ତାଙ୍କୁ ଛାଡ଼ି ମୃତ୍ୟୁମୁଖରେ ପଡ଼ନ୍ତି ଏବଂ ଏହାର ଅବ୍ୟବହିତ ପରେ ନିଜେ ସୌଦାମିନୀ ଦେବୀ ଦୁଃଖରେ ମ୍ରିୟମାଣ ଅବସ୍ଥାରେ ସେହି ସମାନ ରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ଶେଷ ନିଃଶ୍ୱାସ ତ୍ୟାଗ କରନ୍ତି । ଏଥିରେ ବିଜୟଶଙ୍କର ମର୍ମାହତ ହୋଇ ଚିରଦିନ ସକାଶେ ଉନାଓ ସହରରୁ ବିଦାୟ ନେଇ ନିଜର ଜନ୍ମସ୍ଥାନ ଶିବହାଟିକୁ ଚାଲି ଆସନ୍ତି । ନିଶିକାନ୍ତଙ୍କୁ ସେତେବେଳେ ଚାରି ବର୍ଷ ।

କହିବାକୁ ଗଲେ ଆଜନ୍ମରୁ ନିଶିକାନ୍ତ ଓ ଛୋଟ ଭଉଣୀ ଉଷାମୟୀ ଦୁହେଁ ମାତୃସ୍ନେହରୁ ବଞ୍ଚିତ । କାରଣ ତାଙ୍କ ମାଆ ଯେତେବେଳେ ଜାଣି ପାରିଲେ ଯେ ସେ ନିଜେ ସେହି ମାରାତ୍ମକ ରୋଗରେ ଆକ୍ରାନ୍ତା, ତେଣୁ ବଂଶର ଆଉ କାହାରି ମଧ୍ୟରେ – ବିଶେଷ କରି ଦୁଇଟି ଶିଶୁ-ସନ୍ତାନଙ୍କ ମଧ୍ୟରେ ଯେପରି ଏଇ ରୋଗ ପ୍ରବିଷ୍ଟ ନ ହୁଏ, ସେଇଥିପାଇଁ ସେ ସକଳ ସମ୍ପର୍କରୁ ଦୂରରେ, ବାସଭବନର ଏକ ସ୍ୱତନ୍ତ୍ର କୋଠରିରେ ନିଜକୁ ବନ୍ଦିନୀସ୍ୱରୂପ ରଖି କାଳଯାପନ କରୁଥିଲେ । ମୃତ୍ୟୁପଥଯାତ୍ରୀ ମାଆ, ସନ୍ତାନ ଦୁଇଟିକୁ ଅସହାୟ ଅବସ୍ଥାରେ ଦୂରରୁ କେବଳ ଦୃଷ୍ଟିଝରା ଭଲପାଇବା ଦେଇ ଆବେଷ୍ଟିତ କରି ରଖିଥିଲେ ଜୀବନର ଶେଷ-ନିଃଶ୍ୱାସ ପର୍ଯ୍ୟନ୍ତ ।

ଉନାଓ ସହରରେ ଶୈଶବରୁ ନିଶିକାନ୍ତଙ୍କର ମନୋଯୋଗ ଆକର୍ଷଣ କରିଥିଲେ ତାଙ୍କ ପିତାଙ୍କର ଘନିଷ୍ଠ ବନ୍ଧୁ ମତିବାବୁ । ମତିବାବୁ ପ୍ରାୟ ନିତି ତାଙ୍କ ଘରକୁ ଆସୁଥିଲେ ଏବଂ ପିତାଙ୍କ ସହିତ ସାହିତ୍ୟ, ରାଜନୀତି ଓ ଓକିଲାତି ଆଦି ବିଭିନ୍ନ ବିଷୟରେ ବେଶ୍ ଆଲୋଚନା କରୁଥିଲେ । ଅବୋଧ ଶିଶୁ ନିଶିକାନ୍ତ ସେସବୁ ଗୁରୁଗମ୍ଭୀର ଆଲୋଚନାକୁ କୌତୂହଳର ସହିତ ବେଶ୍ ମନୋଯୋଗୀ ହୋଇ ଶୁଣୁଥିଲେ । ପରବର୍ତ୍ତୀ କାଳରେ ନିଶିକାନ୍ତଙ୍କ ମଧ୍ୟରେ ବରାବର ଏହି ପ୍ରବଣତା ଅକ୍ଷୁଣ୍ଣ ରହିଥିଲା । ସେ ବଡ଼ମାନଙ୍କର ଆଲୋଚନା କେବଳ ମନ ଦେଇ ଶୁଣୁ ନଥିଲେ, ସେଥିରୁ ସଦର୍ଥକ ଓ ଆଗ୍ରହୋଦ୍ଦୀପକ କିଛି ଆବିଷ୍କାର ବି କରୁଥିଲେ । ପରିଣତ ବୟସରେ ତାଙ୍କର ଏହି ସନ୍ଧିତ୍ସାର ଭିତ୍ତିଭୂମି ବହୁଳାଂଶରେ ଦୃଢ଼ ହୋଇ ଉଠିଥିଲା ।

ଦିନେ ମତିବାବୁଙ୍କ ସହିତ ବିଜୟଶଙ୍କରଙ୍କର ଦୀର୍ଘ

ଆଲୋଚନା ହୁଏ ଯିଶୁଖ୍ରୀଷ୍ଟଙ୍କ ଉପରେ । ସେହି ଆଲୋଚନାର ପରିପ୍ରେକ୍ଷୀରେ ଏବଂ ନିତି ମତିବାବୁଙ୍କର ବେଶଭୂଷାକୁ ଲକ୍ଷ୍ୟ କରି ସେହିଦିନ ହିଁ ଶିଶୁ ନିଶିକାନ୍ତ ବୁଝି ପାରିଥିଲେ ଯେ ପିତାଙ୍କ ସହିତ ମତିବାବୁଙ୍କର ଏକ ପାର୍ଥକ୍ୟ ରହିଛି – ମତିବାବୁ ହେଉଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ ଓ ଉନାଓ ସହରର ଧର୍ମଯାଜକ ପାଦ୍ରି ଏବଂ ନିଜ ପିତା ହିନ୍ଦୁ ଧର୍ମାବଲମ୍ବୀ । ଆଲୋଚନା ସମୟରେ ପିତା ମଝିରେ ମଝିରେ ପାଦ୍ରି ସାହେବଙ୍କୁ 'ମତିବାବୁ' ବୋଲି ସମ୍ବୋଧନ କରୁଥିଲେ । ସେମିତି ରବୀନ୍ଦ୍ରନାଥ ଠାକୁରଙ୍କର ପ୍ରସଙ୍ଗ ଉଠିଲେ କହୁଥିଲେ 'ରବିବାବୁ' । ଏହା ଶୁଣି ଶୁଣି ଶିଶୁ ନିଶିକାନ୍ତ କଳ୍ପନା କରି ନେଇଥିଲେ ଯେ ମତିବାବୁଙ୍କ ସଦୃଶ ଏହି ରବିବାବୁଙ୍କର ମଧ ସମାନ ଚେହେରା ଓ ବେଶଭୂଷା ହୋଇଥିବ । କିନ୍ତୁ ପରବର୍ତ୍ତୀ କାଳରେ ସେ ଯେତେବେଳେ ରବିବାବୁଙ୍କୁ ଚାକ୍ଷୁଷରେ ଦେଖିଲେ ସେତେବେଳେ ତାଙ୍କର କଳ୍ପନା ପ୍ରସୂତ ଚେହେରା ନଥିଲା ସତ, କିନ୍ତୁ ତା' ସ୍ଥାନରେ ରବିବାବୁ ସେତେବେଳେ ଅନ୍ୟ ଏକ କଳ୍ପନାର ମୂର୍ତ୍ତରୂପ – 'ହାରୁଣ୍-ଅଲ୍-ରଶିଦ୍' !

ନିଶିକାନ୍ତଙ୍କ ପିତା ବିଜୟଶଙ୍କରଙ୍କୁ ଜୀବନରେ ବହୁ ଶୋକତାପ ସହ୍ୟ କରିବାକୁ ହୋଇଥିଲା । ବାର ବାର ରୋଗଗ୍ରସ୍ତ ହୋଇ ତାଙ୍କର ଦୁଇଟି ଚକ୍ଷୁ ପ୍ରାୟ ନଷ୍ଟ ହୋଇ ଯାଇଥିଲା । ଓକିଲାତି କରୁଥିବା ସମୟରେ ସେ ଜଣେ 'ମୋହରିର'କୁ ରଖିଥିଲେ । କନିଷ୍ଠ ପୁତ୍ର ନିଶିକାନ୍ତଙ୍କର ଜନ୍ମ ସମୟରେ ତାଙ୍କର ବୟସ ହୋଇଥିଲା ପଞ୍ଚଷଠି । ପୁତ୍ର ଜନ୍ମ ହେବା ପୂର୍ବରୁ ସେ 'ଡାଏବେଟିକ୍ କୋମା'ରେ ଆକ୍ରାନ୍ତ ହୋଇଥିଲେ । ଏହି ରୋଗରୁ ଆରୋଗ୍ୟ ଲାଭ ପରେ ପରେ ହିଁ ସେ ପୁତ୍ର ଲାଭର ସୁସମ୍ବାଦ ପାଇଥିଲେ ।

ସେ ଯାହା ହେଉ ବିଜୟଶଙ୍କର ଜନ୍ମଭୂମି ଶିବହାଟିକୁ ସ୍ଥାୟୀ ଭାବରେ ଚାଲି ଆସିବା ପରେ ନିଶିକାନ୍ତଙ୍କର ସ୍ୱାସ୍ଥ୍ୟର କ୍ରମଶଃ ଅବନତି ଘଟେ । ମାତୃହରା ହେଲେ ବି ଗ୍ରାମରେ ନିଶିକାନ୍ତ ଓ ତାଙ୍କ ଭଉଣୀ ଉଷାମୟୀ ପାଇଲେ ଅନେକ ଆତ୍ମୀୟସ୍ୱଜନ । ଠାକୁମା, ପିଉସୀ, କକା-କାକୀଙ୍କର ସ୍ନେହ-ସହାନୁଭୂତିର ଉଷ୍ଣତା ତାଙ୍କୁ ସର୍ବକ୍ଷଣ ଘେରି ରହିଥିଲା । କିନ୍ତୁ ସମସ୍ୟା ଉପୁଜିଲା ତାଙ୍କର ଶରୀରକୁ ନେଇ । କହିବାକୁ ଗଲେ ନିଶିକାନ୍ତ ପିତାଙ୍କ ପାଖରୁ ଉତ୍ତରାଧିକାରୀ ସୂତ୍ରରେ ମ୍ୟାଲେରିଆ, ଟାଇଫଏଡ୍, ଡବଲ୍ ନିମୋନିଆ, କଳାଜ୍ୱର ଆଦି ବହନ କରିଥିଲେ । ଉତ୍ତର ପ୍ରଦେଶର ସହରୀ ଜଳବାୟୁରେ ବଢ଼ି ଉଠିଥିବା ହୃଷ୍ଟପୁଷ୍ଟ ବାଳକ ଚବିଶ ପ୍ରଗଣାର ଏକେବାରେ ମଫସଲ ଅଞ୍ଚଳର ଜଳବାୟୁକୁ ସହ୍ୟ କରି ପାରିଲେ ନାହିଁ । ମ୍ୟାଲେରିଆରୁ ଆରମ୍ଭ କରି ଗୋଟିଏ ପରେ ଗୋଟିଏ ବ୍ୟାଧିରେ ସେ କ୍ରମଶଃ ଦୁର୍ବଳ, କ୍ଷୀଣକାୟ ହୋଇ ଉଠିଲେ । ସେହି ସମୟରେ ସ୍ୱାସ୍ଥ୍ୟୋନ୍ନତି ସକାଶେ ସ୍ଥାନୀୟ ବୈଦ୍ୟର ପରାମର୍ଶରେ ତାଙ୍କୁ ନିତି ଛେଳି ଦୁଧ ପିଇବାକୁ ଦିଆଗଲା । ପରବର୍ତ୍ତୀ କାଳରେ ପିଲାଟିର କୌଣସି ଉଦ୍ଭଟ ଆଚରଣରେ ବିରକ୍ତ ହୋଇ ପିତା ବା ଅଗ୍ରଜ ଗାଳି ଦେଇ କହୁଥିଲେ, 'ଏମିତି କାଣ୍ଡ କାହିଁକି ଘଟାଇଲୁ ? ତୋ'ର ବୁଦ୍ଧିଟା ଦେଖୁଛି ଠିକ୍ ଛେଳି ସଦୃଶ !' ତତ୍‌କ୍ଷଣାତ୍ ବାଳକ ନିଶିକାନ୍ତ ଉତ୍ତର ଦିଅନ୍ତି, 'ସେମିତି ହେବନି ? ପିଲାବେଳେ ତ ମୋତେ ନିତି ଜବରଦସ୍ତି ଛେଳି ଦୁଧ ଖୁଆଇଛ କି ନା ? ଛେଳି ଭଳିଆ ବୁଦ୍ଧି ହେବନି ତ ଆଉ କାହା ଭଳିଆ ହେବ ?' – ନିଶିକାନ୍ତଙ୍କର ଏହି ପ୍ରତ୍ୟୁତ୍ପନ୍ନମତିତା ବାଲ୍ୟକାଳରୁ ବେଶ୍ ପ୍ରସ୍ଫୁଟିତ ।

କିନ୍ତୁ ନିଶିକାନ୍ତଙ୍କୁ ତାଙ୍କ ଶରୀରର ଦୁର୍ବଳତା ଆଜୀବନ ବିବ୍ରତ କରିଛି । ତାଙ୍କର ମନନ କ୍ରିୟା ବା ସୃଜନ କ୍ରିୟା ଯେତେ ଯେତେ ତୀବ୍ରତର ହୋଇଉଠିଛି, ତାଙ୍କର ଶରୀର ତାଙ୍କୁ ସମ୍ମୁଖୀନ କରାଇଛି ନୂତନ ନୂତନ ପରୀକ୍ଷା । ବାଲ୍ୟକାଳରୁ ନିତ୍ୟ ସହଚର ଶରୀରର ଏହି ରୁଗ୍ଣତା ବିଧିବଦ୍ଧ ପଢ଼ାଶୁଣାରେ ଅବ୍ୟାହତ ଭାବରେ ମନୋଯୋଗୀ ହୋଇ ଉଠିବାକୁ ଆଦୌ ସୁଯୋଗ ଦେଇନି । ଏତେ ବ୍ୟାଧି ସତ୍ତ୍ୱେ ଶଯ୍ୟାଶାୟୀ ରୁଗ୍ଣ ବାଳକ କହିଲେ ଆଖି ଆଗରେ ଯେଉଁ ଚେହେରାଟି ଭାସିଉଠେ, ନିଶିକାନ୍ତ କିନ୍ତୁ କସ୍ମିନ୍ କାଳେ ସେପରି ନଥିଲେ । ତାଙ୍କ ବୁଦ୍ଧିର ଶୋଭନୀୟ ବିକାଶ ସହିତ ଦୁଷ୍ଟାମିର ମାତ୍ରାଧିକ୍ୟ ବିକାଶ ଘଟି ବେଳେ ବେଳେ ଏପରି ଅବସ୍ଥା ଉପୁଜୁଥିଲା ଯେ ତାଙ୍କୁ ସମ୍ଭାଳିବା ଏକେବାରେ ଅସମ୍ଭବ ହୋଇ ଉଠୁଥିଲା । ଦୁରନ୍ତ ବାଳକଟିକୁ କି ପ୍ରକାରେ ବାଗକୁ ଅଣାଯାଇ ପାରିବ ଏଇ ଚିନ୍ତା ପରିବାରବର୍ଗଙ୍କୁ ଅସ୍ଥିର କରି ପକାଉଥିଲା ।

ତାଙ୍କୁ ଅଟକାଇ ରଖିବାର ଗୋଟିଏ ଉପାୟ ଥିଲା । ସେଇଟି ହେଉଛି କୌଣସି ଶିଳ୍ପକର୍ମ ସମ୍ମୁଖରେ ତାଙ୍କୁ ଛିଡ଼ା କରାଇଦେବା । ଠାକୁମା'ର ସିଲାଇ କାମ ବା ଖୁଡ଼ୀମା'ର ଝୋଟି ଆଙ୍କିବା ସାମନାରେ ନିଶିକାନ୍ତ ଏକେବାରେ ଶାନ୍ତ, ଅବୋଧ ଶିଶୁ ହୋଇ ଉଠୁଥିଲେ । ତାଙ୍କ ଦୃଷ୍ଟିରେ ଧରା ପଡୁଥିଲା ତୀବ୍ର ମଗ୍ନତା । ଜନ୍ମଦାତ୍ରୀ ମା'ର କୋଳ ହରାଇ ନିଶିକାନ୍ତ ପାଇଥିଲେ ଖୁଡ଼ୀମା'ର କୋଳ । ସେ ଖୁଡ଼ୀମା'ଙ୍କର କୋଳର ଉଷ୍ମତା

ଯେମିତି ପାଇଥିଲେ, ତାଙ୍କର ଝୋଟି ଆଙ୍କିବା ଓ ଖଡ଼ିରେ ଛବି ଆଙ୍କିବା ଦେଖି ସେମିତି ପାଇଥିଲେ ତନ୍ମୟ ହୋଇ ଉଠିବାର ଆନନ୍ଦ; ଫୁଲ, ଫଳ, ପଶୁ-ପକ୍ଷୀଙ୍କର ଯେତେସବୁ ଅବୟବ; ବାଳକ ନିଶିକାନ୍ତଙ୍କ ନିକଟରେ ସେସବୁର ମୂଲ୍ୟ ଥିଲା ଅନେକ । ଶେଷରେ ଏମିତି ପରିସ୍ଥିତି ଉପୁଜିଥିଲା ଯେ ଖୁଡ଼ୀମା'ଙ୍କୁ ଦେଖିଲେ ହିଁ ତାଙ୍କ ଭିତରେ ଛବି ଆଙ୍କିବା ଇଚ୍ଛାଟା ପ୍ରବଳ ହୋଇ ଉଠୁଥିଲା ଏବଂ ତାଙ୍କୁ ଏଥି ନିମିତ୍ତ ବାଧ୍ୟ କରୁଥିଲେ । ଗାଁର କୁଳବଧୂ ବାଳକର ତୀବ୍ର ଆଗ୍ରହର ତାଡ଼ନାରେ ନତି ସ୍ୱୀକାର କରି ଅନ୍ତତଃ କିଛି ସମୟ ସକାଶେ ଡାଲି-ଚାଉଳ-ତେଲ-ଲୁଣ ଜଗତରୁ ଓହରି ଆସି ସୃଷ୍ଟି-ଜଗତକୁ ସ୍ପର୍ଶ କରି ପାରୁଥିଲେ । ଖୁଡ଼ୀମା'ଙ୍କର ଅଙ୍କା ସେହି ଛବିସବୁ ନିଶିକାନ୍ତଙ୍କୁ ପହୁଞ୍ଚାଇ ଦେଉଥିଲା ଶିବହାଟି ଗ୍ରାମର ପ୍ରାକୃତିକ ଶୋଭା-ସମ୍ଭାରର ଅସଲ ରୂପ ହୃଦୟଙ୍ଗମ କରିବାରେ । ପରେ ସୁଯୋଗ ପାଇଲେ ଏକୁଟିଆ ପ୍ରକୃତି-ମା'ର କୋଳରେ ଘଣ୍ଟା ଘଣ୍ଟା ଧରି ସେ ନିଜକୁ ହଜାଇ ଦେଉଥିଲେ ।

ପୁନଶ୍ଚ ନିଶିକାନ୍ତଙ୍କୁ ତାଙ୍କ ବାଲ୍ୟକାଳରେ ଖୁବ୍ ପ୍ରଭାବିତ କରିଥିଲେ ତାଙ୍କର ଜଣେ ସମ୍ପର୍କୀୟ (କକାଙ୍କ ଝିଅ) ବଡ଼ ଭଉଣୀ, ବେଲା ଅପା । ବେଲାଙ୍କର ଥିଲା ଗଳ୍ପ କହିବାର ଅସାଧାରଣ କ୍ଷମତା । ତାଙ୍କ ମୁହଁରୁ ଗଳ୍ପ ଶୁଣୁ ଶୁଣୁ ବାଳକ ନିଶିକାନ୍ତ ନିଜକୁ ହଜାଇ ଦେଉଥିଲେ ସେହି ଗଳ୍ପର ଜଗତରେ । ସେ ହିଁ ତାଙ୍କୁ ପ୍ରଥମ କରି 'ଆରବ୍ୟ ଉପନ୍ୟାସ' ପୁସ୍ତକର ରହସ୍ୟ-ଲୋକରେ ପହୁଞ୍ଚାଇ ଦେଇଥିଲେ । ବେଲା ଘରର ଗଦାଗଦା ପୁରୁଣା ବହିଥାକରୁ ଗୋଟିଏ ପ୍ରକାଣ୍ଡ ସଚିତ୍ର 'ଆରବ୍ୟୋପନ୍ୟାସ' ଆବିଷ୍କାର କଲେ ଏବଂ ସେଥିରେ ସନ୍ନିବେଶିତ ସଚିତ୍ର ଗଳ୍ପସବୁ ଶୁଣିବାରେ ଓ ଦେଖିବାରେ ନିଶିକାନ୍ତ ହୋଇ ଉଠିଥିଲେ ବେଲାଙ୍କର ପ୍ରକୃତରେ ଜଣେ ଶ୍ରଦ୍ଧାବାନ୍ ଛାତ୍ର । ଆଲୋକୋଜ୍ଜ୍ୱଳ ବାଗବାଦ୍ ନଗରୀ, ଶୃଙ୍ଖଳ ଖଲିଫା ହାରୁଣ୍-ଅଲ୍-ରସିଦ୍ ପାର୍ଶ୍ୱଚରବର୍ଗଙ୍କୁ ନେଇ ଛଦ୍ମବେଶରେ ନଗରୀର ବାହାରେ ଘୂରି ବୁଲୁଥିବା ତାଙ୍କର ଅପୂର୍ବ ଚେହେରା — ଏହିସବୁ ଛବି ସହିତ ବେଲାଙ୍କର ଗଳ୍ପ କହିବାର ବିଚିତ୍ର ଧାରା ବାଳକ ନିଶିକାନ୍ତଙ୍କୁ କଳ୍ପନାର ରାଜ୍ୟରେ ଏକାମ୍ଭ କରି ଗଢ଼ି ତୋଳୁଥିଲା । ନିଶିକାନ୍ତଙ୍କର ଏହି ଅପୂର୍ବ କଳ୍ପନା-ଶକ୍ତି କ୍ରମଶଃ ଆହୁରି ଜୀବନ୍ତ ହୋଇ ତାଙ୍କର ଲେଖା ଏବଂ ଛବି ଆଙ୍କିବାର ଜଗତକୁ ଋଦ୍ଧିମାନ୍ କରି ଗଢ଼ିଥିଲା ।

କିନ୍ତୁ ଏଇ ଭାବରେ ତ ସଂସାର ଗତି କରେ ନାହିଁ । ନିଶିକାନ୍ତଙ୍କ ଅଗ୍ରଜ ସୁଧାକାନ୍ତ ସେତେବେଳେ ଶାନ୍ତି ନିକେତନରେ କାର୍ଯ୍ୟ କରୁଥିଲେ । ବିଜୟଶଙ୍କରଙ୍କ ସହିତ ପରାମର୍ଶ କରି ସେ ରବୀନ୍ଦ୍ରନାଥଙ୍କୁ କହି ଠିକ୍ କଲେ ଯେ ଏଥର ନିଶିକାନ୍ତଙ୍କୁ ଶାନ୍ତିନିକେତନର ବ୍ରହ୍ମଚର୍ଯ୍ୟାଶ୍ରମରେ ତାଙ୍କ ଜିମାରେ ଦେବେ । ଶାନ୍ତିନିକେତନରେ ରବୀନ୍ଦ୍ରନାଥଙ୍କ ସାନ୍ନିଧ୍ୟରେ ଆରମ୍ଭ ହେବ ତାଙ୍କର ପ୍ରକୃତ ପଢ଼ାଶୁଣା ।

ପୈତୃକ ଗ୍ରାମକୁ ପଛରେ ପକାଇ ଅଗ୍ରଜଙ୍କ ସହିତ ସେ ଦିନେ ଯାଇ ପହଞ୍ଚିଲେ ଶାନ୍ତିନିକେତନରେ । ପୂଜାଛୁଟି ବୋଲି ସେତେବେଳେ ସେଠାରେ ଲୋକବାକ କମ୍, ଶରତ-ଋତୁର ନିସ୍ତବ୍ଧତା ବେଶୀ । ଏହି ପଟ୍ଟଭୂମି ନିଶିକାନ୍ତଙ୍କର ମନ-ପ୍ରାଣକୁ ଜୟ କରିନେଲା । ଆଉ ସେହି ପଟ୍ଟଭୂମିର ନେପଥ୍ୟରେ ଶାଳବୀଥିର ପଥରେ ଯାହାଙ୍କୁ ସେ ପ୍ରଥମେ ଭେଟିଥିଲେ, ତାଙ୍କୁ ଦେଖି ତାଙ୍କର ଧାରଣା ହୋଇଥିଲା — ସାମନାରେ ଦଣ୍ଡାୟମାନ ହୋଇଛନ୍ତି ତାଙ୍କ ସ୍ୱପ୍ନ ଭୁବନର ସେଇ ଖଲିଫା ହାରୁଣ୍-ଅଲ୍-ରସିଦ୍ ! ପରେ ସୁଧାକାନ୍ତ ତାଙ୍କୁ ପ୍ରକୃତିସ୍ଥ କରି ବୁଝାଇ ଦେଇଥିଲେ ଯେ ଏ ହେଉଛନ୍ତି ଗୁରୁଦେବ ରବୀନ୍ଦ୍ରନାଥ, ତାଙ୍କୁ ପ୍ରଣାମ କର । ପ୍ରଣାମ ପରେ ରବୀନ୍ଦ୍ରନାଥ ବାଳକଟିର ଚକ୍ଷୁଦ୍ୱୟକୁ ଅନାଇ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲେ ଯେ ଏହି ନୟନଯୁଗଳରେ ଏମିତି ଏକ ଭାବମୟତା ଅଛି ଯାହା କଦାଚିତ୍ ସୁଲଭ ନୁହେଁ ।...

ଶାନ୍ତିନିକେତନରେ ନିଶିକାନ୍ତଙ୍କର ଦିନଗୁଡ଼ିକ ମୁକ୍ତିର ଆଲୋକ ବହନ କରି ଆଣିଲା । ତାଙ୍କର ବାଲ୍ୟ ଚପଳତା ରବୀନ୍ଦ୍ରନାଥଙ୍କ ସ୍ନେହ-ସହାନୁଭୂତିରେ ଶାଖା-ପ୍ରଶାଖା ମେଲି ପଲ୍ଲବିତ ହୋଇ ଉଠିଲା । ଶରୀର ସାହାଯ୍ୟ କରୁ ନଥିଲେ ମଧ୍ୟ ପ୍ରାଣର ସ୍ଫୂର୍ତ୍ତିରେ ଶାନ୍ତିନିକେତନର ସେହି ଲାଲ ମାଟିର ଅଙ୍କା-ବଙ୍କା ରାସ୍ତାରେ ତାଙ୍କର ଦିନ ବିତିବାକୁ ଲାଗିଲା । ବାରଂବାର ଅସୁସ୍ଥ ହୋଇ ପଡୁଥିଲେ ମଧ୍ୟ ଖାଦ୍ୟ ପ୍ରତି ତାଙ୍କର ପ୍ରଭୂତ ଆସକ୍ତି ଥିଲା । ରବୀନ୍ଦ୍ରନାଥ ମଧ୍ୟ ପାଖରେ ବସାଇ ତାଙ୍କୁ ଖୁଆଇବାରେ ବେଶ୍ ଆନନ୍ଦ ଉପଭୋଗ କରୁଥିଲେ ।

ଶାନ୍ତିନିକେତନରୁ ଛୁଟିରେ ଭାଇ-ଭାଉଜଙ୍କ ସହିତ ଗାଁକୁ ଆସି ନିଶିକାନ୍ତ ମଝିରେ ମଝିରେ ବେଶ୍ ହୃଦୟଙ୍ଗମ କରୁଥିଲେ ଯେ ତାଙ୍କୁ କିଛି ବି ଭଲ ଲାଗୁନି । ଅନ୍ତରରେ କେମିତି ଏକ ବୈରାଗ୍ୟଭାବ ଜାଗି ଉଠୁଥିଲା । ଏତେ ଅଳ୍ପ ବୟସରେ ହିଁ ତାଙ୍କର ମନେ ହେଉଥିଲା ଏଇ ସଂସାର ତାଙ୍କର ପ୍ରକୃତ କ୍ଷେତ୍ର

ନୁହେଁ । କେବେ କେବେ ଦିନ ତମାମ ଘରର ବାହାରେ ବାହାରେ ବିତି ଯାଉଥିଲା । ସୂର୍ଯ୍ୟାସ୍ତ ପରେ ଭୋକରେ ଅତିଷ୍ଠ ହୋଇ ବାଧ୍ୟ ହୋଇ ଘରମୁହାଁ ହେଉଥିଲେ ।...

ଦିନେ ସୂର୍ଯ୍ୟ କେତେବେଳେ ଡୁବିଯାଇଛି ତାଙ୍କର ଖିଆଲ ନାହିଁ । ଖିଆଲ ନାହିଁ କେତେବେଳେ ନିଃଶବ୍ଦ ହୋଇଛି ପକ୍ଷୀମାନଙ୍କର ସାନ୍ଧ୍ୟ-କାକଳି । ସେ ବସି ରହିଛନ୍ତି ଗ୍ରାମ-ପ୍ରାନ୍ତରର ଗୋରା ବଟଗଛ ତଳେ । ଏଣେ ଘରେ ପିତା, ଠାକୁମା, ଖୁଡ଼ୀମା, ଭଉଣୀ ଇତ୍ୟାଦି ଶଙ୍କାକୁଳ; ରାତି ହୋଇଗଲାଣି, ନିଶିର ଦେଖା ନାହିଁ; ଏ ଧରଣର ଅବସ୍ଥା ପ୍ରାୟ ଘଟୁଥିଲା, କିନ୍ତୁ ଆଜି ଯେ ରାତି ଅନେକ ହୋଇଗଲାଣି !... ଖୁଡ଼ୀମା ଉଦ୍‌ବିଗ୍ନ ହୋଇ ଅପେକ୍ଷା କରିଛନ୍ତି କେତେବେଳେ ସ୍ୱାମୀ ଘରକୁ ଫେରିବେ । ସ୍ୱାମୀ ଘରେ ପାଦ ଦେଉ ନ ଦେଉଣୁ ସେ ତାଙ୍କ ହାତରେ ଲଣ୍ଠନଟିଏ ଧରାଇ ଦେଇ ତୁରନ୍ତ ବାହାରକୁ ପଠାଇଲେ ନିଶିକୁ ଖୋଜି ଆଣିବାକୁ । ସେ ଯେତେବେଳେ ନିଶିକୁ ସାଥିରେ ଧରି ଫେରିଲେ ସେତେବେଳକୁ ରାତି ଦଶଟା ।

ଆଗରୁ ଶଙ୍କିତାବସ୍ଥାରେ କାଳାତିପାତ କରୁଥିବା ଅନ୍ଧପ୍ରାୟ ପିତା ବିଜୟଶଙ୍କର ସେଦିନ ବିପନ୍ନ ସ୍ୱରରେ ପୁତ୍ରକୁ ପଚାରିଲେ, ''ବାବା, ତୁ ଏମିତି କାହିଁକି କରୁଛୁ ? ତୁ ସତରେ କ'ଣ ଚାହୁଁ ?''

ପୁତ୍ର ତତ୍‌କ୍ଷଣାତ୍ କହିଉଠିଲା, ''ମୁଁ ସନ୍ନ୍ୟାସୀ ହେବି ବାବା'' । ବୃଦ୍ଧ ପିତା ମିନତି କରି କହିଲେ, 'ଦେଖ୍ ନିଶି, ସନ୍ନ୍ୟାସୀ ହେବାକୁ ଚାହୁଁଛୁ ତ, ହେବୁ, ନିଶ୍ଚୟ ହେବୁ; କିନ୍ତୁ ମୁଁ ବଞ୍ଚି ଥାଉ ଥାଉ ନୁହେଁ । ମୁଁ ମରିଗଲେ ତୋର ଯାହା ଇଚ୍ଛା ତା' କର ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୫)

**ଗୟାଧର ଦାଶ**

### ଶିଶୁର ଭବିଷ୍ୟତ୍ ସମ୍ପର୍କରେ

ଶିଶୁଟିଏ ଜନ୍ମ ହେବା ପୂର୍ବରୁ ମାଆବାପାମାନେ ନିଜ ପିଲା ପାଇଁ ଅନେକ ସୁନେଲି ସ୍ୱପ୍ନ ଦେଖନ୍ତି । ଶିଶୁଟି ଜନ୍ମ ହେବା ପରେ ସେ କ'ଣ ଖାଇବ, କ'ଣ ପିନ୍ଧିବ, କାହା ସହିତ ଖେଳିବ, କି ପ୍ରକାର ଖେଳନା ଅଣାଯିବ, କେଉଁ ବିଦ୍ୟାଳୟରେ ପାଠ ପଢ଼ିବ ଆଦି ନାନା ପ୍ରକାର ଯୋଜନାରେ ମାଆବାପାଙ୍କର ସମୟ ଅତିକ୍ରାନ୍ତ ହୋଇଯାଏ । ମୋ ପିଲା ବଡ଼ ହେଲେ ଅମୁକ ହେବ, ସମୁକ ହେବ, ଏଇଆ କରିବ, ସେଇଆ କରିବ ଇତ୍ୟାଦି ସ୍ୱପ୍ନ ଭିତରେ ବୁଡ଼ି ରହନ୍ତି ମାତାପିତା । ଯେତେ ଖର୍ଚ୍ଚ ହେଉ ପଛେ, ଯେଉଁଠୁ ହେଲେ ତାହା ଯୋଗାଡ଼ କରି ପିଲାକୁ ସମାଜରେ ପ୍ରତିଷ୍ଠିତ କରାଇବା ନିମନ୍ତେ ପ୍ରାୟ ପ୍ରତ୍ୟେକ ମାତାପିତାଙ୍କର ଅଭିଳାଷ ରହିଛି ଏବଂ ଏ ପ୍ରକାର ଅଭିଳାଷ ରହିବା ଅସ୍ୱାଭାବିକ ମଧ୍ୟ ନୁହେଁ । ପିଲାଟି ପାଠ ପଢ଼ି, ହାକିମ ବା ବଡ଼ ଅଫିସର ହୋଇ ପର୍ଯ୍ୟାପ୍ତ ଟଙ୍କା ରୋଜଗାର କରି ନାମ, ଯଶ, କ୍ଷମତା, ପ୍ରତିପତ୍ତିର ଅଧିକାରୀ ହେଲେ ମାତା-ପିତାଙ୍କର ଛାତି ଗର୍ବରେ ଫୁଲି ଉଠେ । ପିଲାର ଭବିଷ୍ୟତ୍ ଅନ୍ଧକାର ହେଉ ବୋଲି କୌଣସି ମାତାପିତା ଚାହାଁନ୍ତି ନାହିଁ । ନିଜ ପିଲାର ଭବିଷ୍ୟତ୍ ଗଢ଼ିବା ନିମିତ୍ତ ଉଚ୍ଚ ଅଭିଳାଷ ରଖିବା ଭଲ; କିନ୍ତୁ ସଫଳତାରେ ଉଲ୍ଲସିତ ହେବା ଏବଂ ବିଫଳତା ଯୋଗୁଁ ଦୁଃଖରେ ଭାଙ୍ଗିପଡ଼ିବା ହେଉଛି ଏକ ରୁଗ୍ଣ ମାନସିକତା । ପିଲା ନିଜେ ହିଁ ନିଜର ଭବିଷ୍ୟତ୍ ଗଢ଼େ, ଅନ୍ୟ କେହି ଗଢ଼ି ଦିଅନ୍ତି ନାହିଁ । ତା'ର ବିକାଶରେ ଅନ୍ୟମାନଙ୍କର ସାହାଯ୍ୟ ଓ ସହଯୋଗ ରହିବା ଏକାନ୍ତ ଆବଶ୍ୟକ । ପ୍ରାରବ୍ଧ ଯୋଗୁଁ ହୁଏତ ପିଲାଟି ଅଳ୍ପ ପରିଶ୍ରମରେ ଅନେକ ସଫଳତା ହାସଲ କରିପାରେ; କିନ୍ତୁ ଏ ପ୍ରକାର ବାହ୍ୟ ସଫଳତା ଜୀବନର ଲକ୍ଷ୍ୟ ନୁହେଁ । ସଫଳତାକୁ ନେଇ ଅତ୍ୟଧିକ ଖୁସି ହେବା ଏକ ଦୁର୍ବଳ ମାନସିକତା । ଏହା ଦ୍ୱାରା ପରବର୍ତ୍ତୀ ଦୁଃଖକୁ ଆମେ ଆହ୍ୱାନ କରିଥାଉ ।

ଶ୍ରୀମା କହନ୍ତି, ''ସୁଖରେ ବଞ୍ଚିବାର ଅଧିକାର ଆମର ଅଛି । ଏହି ଧାରଣାଟି ବାସ୍ତବରେ ଯେକୌଣସି ପ୍ରକାରେ ଜୀବନ ବିତାଇବା ଲାଗି ଆମକୁ ପ୍ରବୃତ୍ତ କରାଇଥାଏ । ଏହି ଧାରଣା ଏବଂ ଏହାର ଅନ୍ଧ ଆକ୍ରମଣାତ୍ମକ ଅହଂକାର ମଣିଷକୁ ସବୁ ପ୍ରକାର ଦ୍ୱନ୍ଦ୍ୱ, ଦୁଃଖତା, ହତାଶା, ନିରାଶା ଏବଂ ଏପରିକି ଅଧିକାଂଶ ସମୟରେ ଧ୍ୱଂସ ଆଡ଼କୁ ପରିଚାଳିତ କରିନିଏ । ବର୍ତ୍ତମାନ ସଂସାରର ପରିସ୍ଥିତି ଯାହା ଏଥିରେ ଆମ ଜୀବନର ଲକ୍ଷ୍ୟ ବ୍ୟକ୍ତିଗତ ସୁଖ ଲାଭ କରିବା ନୁହେଁ, ମାତ୍ର ବ୍ୟକ୍ତି ସତ୍ତାକୁ କ୍ରମେ ସତ୍ୟଚେତନାକୁ ଉନ୍ନୀତ କରିବା ।''

ସଫଳତା, ଜୀବିକାର୍ଜନ ବୃତ୍ତି (Career), ଅର୍ଥ ଉପାର୍ଜନ ଏହି ତିନିଟି ପିଲାର ଭାଗ୍ୟ ନିୟନ୍ତ୍ରଣ କରେ ବୋଲି ଆମମାନଙ୍କର ଏକ ବଦ୍ଧମୂଳ ଧାରଣା ରହିଛି । ପ୍ରକୃତରେ ଏହି ତିନିଟି ହେଉଛି ଆଧୁନିକ ଶିକ୍ଷାର ସବୁଠାରୁ ମାରାତ୍ମକ ମୋହ ବା ବିଭ୍ରାନ୍ତି । ଏହା ଏକ ସଂକ୍ରାମକ ରୋଗ ଭଳି । ଏହି ମୋହରେ ପଡ଼ି ଆମେ ଆମର ଭବିଷ୍ୟତ୍ ନଷ୍ଟ କରୁ ଏବଂ ପିଲାଟି ଏହି ମୋହରେ ପଡୁ ବୋଲି ତାକୁ ପ୍ରୋତ୍ସାହନ ଦେଇଥାଉ ।

ଶ୍ରୀମାଙ୍କ ଉକ୍ତିରେ,

"At an age when they should be dreaming of beauty, greatness and perfection, dreams that may be too sublime for ordinary common sense, but which are nevertheless far superior to this dull good sense, children now dream of money and worry about how to earn it."

(CWM. Vol. 12, p. 351)

ଅର୍ଥାତ୍, ''ଯେଉଁ ବୟସରେ ପିଲାମାନେ ସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖୁଥା'ନ୍ତେ, ମହାନତା ଏବଂ ପରିପୂର୍ଣ୍ଣତାର ସ୍ୱପ୍ନ ଦେଖୁଥାଆନ୍ତେ – ନିତ୍ୟ ନୈମିତ୍ତିକ ସାଧାରଣ ଧାରଣା ସକାଶେ ହୁଏତ ଅପହଞ୍ଚ ବୋଲି ମନେ ହେଉଥିବା, ମାତ୍ର ତଥାପି ଏହି ନୀରସ ଭଲ ଧାରଣାଗୁଡ଼ିକର ତୁଳନାରେ ଅତ୍ୟନ୍ତ ଉଚ୍ଚସ୍ତରର ହୋଇ ରହିଥିବା କେତେ କେତେ ସ୍ୱପ୍ନ ସେମାନେ ଦେଖୁ

ଥାଆନ୍ତେ, ସେତେବେଳେ ସେହି ପିଲାମାନେ ଏବେ ଖାଲି ଟଙ୍କାର ସ୍ୱପ୍ନ ଦେଖୁଛନ୍ତି ଓ କିପରି ଟଙ୍କା କମାଇବେ କେବଳ ସେଇ କଥା ଚିନ୍ତା କରୁଛନ୍ତି ।''

ନିଜର ପାଠ ପଢ଼ିବା ବିଷୟରେ ଚିନ୍ତା କଲାବେଳେ କ'ଣ ସବୁ ସେମାନଙ୍କ କାମରେ ଲାଗିବ ଓ ସେମାନଙ୍କ ଲାଗି ଲାଭଜନକ ହେବ, ଯେପରି କି ବଡ଼ ହେଲେ ସେମାନେ ଅନେକ ଟଙ୍କା କମାଇବାକୁ ସମର୍ଥ ହୋଇ ପାରିବେ, ସେମାନେ କେବଳ ସେହିକଥା ଚିନ୍ତା କରୁଛନ୍ତି । ତେଣୁ ବିଭିନ୍ନ ପ୍ରକାରର ପରୀକ୍ଷା ଦେଇ ସେଗୁଡ଼ିକରେ ପାସ୍ କରି ନିଜକୁ ଅଧିକରୁ ଅଧିକ ସମର୍ଥ କରି ରଖିବା ହିଁ ସେମାନଙ୍କ ଲାଗି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥାରେ ପରିଣତ ହୋଇଯାଇଛି, କାରଣ ତଦ୍ୱାରା ନାନା ଡିପ୍ଲୋମା, ପ୍ରମାଣପତ୍ର ଓ ପଦବୀ ଲାଭ କରି ସେମାନେ ଭଲ ଭଲ ସ୍ଥାନ ଅଧିକାର କରି ରହି ପାରିବେ ଏବଂ ଗୁଡ଼ାଏ ଟଙ୍କା ଉପାର୍ଜନ କରି ପାରିବେ । ଏତଦ୍ ବ୍ୟତୀତ ସେମାନଙ୍କର ପାଠ ପଢ଼ିବା ପଛରେ ଆଉ କୌଣସି ଉଦ୍ଦେଶ୍ୟ ନାହିଁ, କୌଣସି ଆଗ୍ରହ ମଧ୍ୟ ନାହିଁ । ଏହି ପ୍ରକାର ଭାବନା ଆସିଲା କେଉଁଠୁ ? ପିଲାମାନଙ୍କ ଭାବନାରେ କିଏ ଭରି ଦେଲା ଏପରି ମାରାତ୍ମକ ବିଷ ? ମାତାପିତା ନା ସମାଜ ? ଏହା ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ।

ଆମର ଭାବନା ଅନୁସାରେ ଆମ ଜୀବନର ଗତି ନିର୍ଦ୍ଧାରିତ ହୋଇଥାଏ । ଆମର ଭାବନା, ସଂକଳ୍ପ ଓ ଅଭିଳାଷ ପିଲାର ଭାବନା, ସଂକଳ୍ପ ଓ ଅଭିଳାଷଠାରୁ ପୃଥକ୍ ଅଟେ । ପ୍ରତ୍ୟେକ ଶିଶୁ ଆମଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର । ଏକ ସ୍ୱତନ୍ତ୍ର ଆତ୍ମାକୁ ଆମର ପ୍ରକୃତିଗତ କରିବା, ଆମର ମାନସିକତା ମଧ୍ୟରେ ବାନ୍ଧି ରଖିବା କେତେଦୂର ଯୁକ୍ତିଯୁକ୍ତ, ତାହା ପ୍ରତ୍ୟେକ ମାତାପିତା ଚିନ୍ତା କରିବା ଆବଶ୍ୟକ । ସଂକୀର୍ଣ୍ଣତା, ସ୍ୱାର୍ଥପରତା ଏବଂ ପ୍ରତିଟି ଭୋଗଲିପ୍ସା ପରବର୍ତ୍ତୀ ଜୀବନ ପାଇଁ ମାରାତ୍ମକ ହୋଇଥାଏ । ଏପରି ଏକ ସମୟ ଆସି ପହଞ୍ଚିଛି ଯେତେବେଳେ ଜଣେ ନିଜ ସ୍ୱାର୍ଥରେ ବାଟ ଚାଲିପାରିବ ନାହିଁ । ନିଜର ସ୍ୱାର୍ଥ ସାଧନାରେ ବୁଡ଼ି ରହିବା ଦ୍ୱାରା ସମାଜର ଯେଉଁ ଅପୂରଣୀୟ କ୍ଷତି ଘଟେ ତାହା ପାଇଁ ଆମେ ସମସ୍ତେ ଦାୟୀ । ତେଣୁ ଶିଶୁର ଭବିଷ୍ୟତ୍ କଥା ଚିନ୍ତା କରିବା ବେଳେ ଆମକୁ ଅନେକ ସତର୍କ ଓ ସଚେତନ ହେବାକୁ ପଡ଼ିବ ।

ପ୍ରତ୍ୟେକ ଶିଶୁ ନିଜକୁ, ଦୁନିଆକୁ ଏବଂ ଭଗବାନଙ୍କୁ ଜାଣିବା ସକାଶେ ଏହି ସଂସାରକୁ ଆସିଛି । ସେଥିପାଇଁ ତା' ଭିତରେ ବିପୁଳ ସମ୍ଭାବନା ଭରି ରହିଛି । ଶ୍ରୀଅରବିନ୍ଦଙ୍କ ଭାଷାରେ –

''A whole mysterious world is locked within.''

(Savitri, p. 479)

ପୁନଶ୍ଚ ସେ କହନ୍ତି –

"All the world's possibilities in man
Are waiting as the tree waits in its seed :
His past lives in him;
it drives his future's pace;
His present's acts fashion his coming fate.
The unborn gods hide in his house of Life."

(Savitri, p. 482)

ଏକ ରହସ୍ୟମୟ ପୃଥିବୀ ହିଁ ଆମ ଭିତରେ ଆବଦ୍ଧ ହୋଇ ରହିଛି; ଯେପରି ବୀଜ ମଧ୍ୟରେ ବିରାଟ ବୃକ୍ଷଟି ପ୍ରକାଶ ଅପେକ୍ଷାରେ ରହିଛି : ସେହିପରି ପ୍ରତ୍ୟେକ ମଣିଷ ମଧ୍ୟରେ ପୃଥିବୀର ଅସରନ୍ତି ସମ୍ଭାବନାଗୁଡ଼ିକ ପ୍ରକାଶ ଅପେକ୍ଷାରେ ରହିଛି । ତା'ଭିତରେ ତା'ର ଅତୀତ ବଞ୍ଚି ରହିଛି ଏବଂ ତା'ର ଭବିଷ୍ୟତକୁ ପରିଚାଳିତ କରୁଛି । ତା'ର କର୍ମଗୁଡ଼ିକ ତା'ର ଭାଗ୍ୟକୁ ନିର୍ଦ୍ଧାରଣ କରୁଛି । ତା'ର ଜୀବନାଳୟରେ ଅଜନ୍ମା ଦେବତାମାନେ ଲୁଚି ରହିଛନ୍ତି । ତେଣୁ ଏପରି ଏକ ଉଜ୍ଜ୍ୱଳମୟ ଭବିଷ୍ୟତ୍ ଯାହା ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ତାହା କ'ଣ ଆମର ରୁଗ୍ଣ ମାନସିକତା ଦ୍ୱାରା ଉନ୍ମୋଚିତ ହୋଇପାରିବ ?

ଶ୍ରୀମାଙ୍କ ଭାଷାରେ,

"The future is full of promise."

*

"The future is full of possibilities for those who know how to prepare themselves for it."

(MCW. - 15, p. 74)

''ଭବିଷ୍ୟତ୍ ପ୍ରତିଶ୍ରୁତିପୂର୍ଣ୍ଣ ।''

*

''ଭବିଷ୍ୟତ୍ ସେହିମାନଙ୍କ ପାଇଁ ଅନେକ ସମ୍ଭାବନାରେ ପୂର୍ଣ୍ଣ ଯେଉଁମାନେ ଭବିଷ୍ୟତ୍ ସକାଶେ ନିଜକୁ କିପରି ପ୍ରସ୍ତୁତ କରାଯାଇ ପାରିବ ତାହା ଜାଣନ୍ତି ।''

ଶିଶୁ ନିଜେ ହିଁ ତା'ର ଭବିଷ୍ୟତ୍ ପାଇଁ ପ୍ରସ୍ତୁତ ହେବ

ଏବଂ ନିଜର ଭବିଷ୍ୟତକୁ ନିଜ ଭିତରୁ ଜନ୍ମ ଦେବ । ନିଜର କର୍ମକୁ ନିଜେ ଆଦରି ନେବ – ଯେଉଁ କର୍ମ ତା' ଭିତରେ ଲୁଚି ରହିଥିବା ଦେବତା ବା ଦିବ୍ୟଗୁଣଗୁଡ଼ିକୁ ଜନ୍ମ ଦେବ । ଏହି ଭିବଷ୍ୟତ୍ ପ୍ରତି ମୁହୂର୍ତ୍ତରେ ଜନ୍ମ ନିଏ, ପ୍ରତି ମୁହୂର୍ତ୍ତରେ ଆମର ଚିନ୍ତା ବଦଳି ଯାଏ, କର୍ମର ଧାରା ମଧ୍ୟ ବଦଳି ଯାଏ । ତେଣୁ ପ୍ରତିଟି ମୁହୂର୍ତ୍ତକୁ ଆମେ ଆମର ଭବିଷ୍ୟତ୍ ବୋଲି ସ୍ୱୀକାର କରିନେବାରେ ହିଁ ଅଗ୍ରଗତି ନିହିତ ହୋଇ ରହିଛି । ଶିଶୁ କେବେ ସୀମିତ କିଛିକୁ ଭଲପାଏନା, ସେ ଚାହେଁ ପରିପୂର୍ଣ୍ଣତା । ଏହା ହେଉଛି ଅନ୍ତରାତ୍ମାର ଗୁଣଧର୍ମ । ପୂର୍ଣ୍ଣତା ଯଦି ଜୀବନର ଲକ୍ଷ୍ୟ ହୁଏ ତେବେ ଶିଶୁଟି ଏହି ଦିଗରେ ଅଗ୍ରଗତି କରୁ ବୋଲି ପ୍ରତ୍ୟେକ ମାତାପିତାଙ୍କର ଅଭୀପ୍ସା ରହିବା ଆବଶ୍ୟକ ।

ଦିବ୍ୟ ଜନନୀ ପୂର୍ଣ୍ଣତା ସମ୍ପର୍କରେ ବୁଝାଇବାକୁ ଯାଇ କହିଛନ୍ତି : "Perfection is all that we want to become in our highest aspiration."

(CWM. Vol. 15, p. 79)

ଅର୍ଥାତ୍, ''ଆମେ ଆମର ସର୍ବୋତ୍ତମ ଅଭୀପ୍ସାରେ ଯାହା ହେବାକୁ ଚାହୁଁଛନ୍ତି, ତାହାହିଁ ପୂର୍ଣ୍ଣତା ।''

ଆମର ସର୍ବୋତ୍ତମ ଅଭୀପ୍ସା ହିଁ ଆମ ଭିତରର ସତ୍ୟ-ଚେତନାକୁ ପ୍ରକାଶ କରିବ । ଅଭୀପ୍ସା ଯଦି ନିବିଡ଼ ଓ ଏକାଗ୍ର ହୁଏ ତେବେ ପରିବେଶ ମଧ୍ୟ ସେହିପରି ଭାବେ ସୁବ୍ୟବସ୍ଥିତ ହୋଇଯାଏ । "Let our highest aspiration organise our life." ''ଆମର ସର୍ବୋତ୍ତମ ଅଭୀପ୍ସା ହିଁ ଆମର ଜୀବନକୁ ପରିଚାଳିତ କରୁ ।'' – ଏହା ହିଁ ଆମର ପ୍ରାର୍ଥନା ହେବା ବାଞ୍ଛନୀୟ ।

ଶିଶୁର ଭବିଷ୍ୟତ୍ ତା'ର ସର୍ବୋତ୍ତମ ଅଭୀପ୍ସା ଦ୍ୱାରା ରୂପାୟିତ ହେଉ – ସେ ଦିଗରେ ଆନ୍ତରିକ ସଦିଚ୍ଛା ସହ ଶିଶୁକୁ ଉତ୍ସାହିତ କରିବା ହେଉଛି ପ୍ରତ୍ୟେକ ମାତାପିତାଙ୍କର କର୍ତ୍ତବ୍ୟ । ଏସବୁ ଜାଣି ସୁଦ୍ଧା ପିଲାକୁ ନିଜ ହାତରେ ନିଜ ଭବିଷ୍ୟତ୍ ଗଢ଼ିବାର ସ୍ୱାଧୀନତା ଦେବା ପାଇଁ ଆମେ ପଛଘୁଞ୍ଚା ଦେଇଥାଉ ।

ମାତାପିତାମାନେ ଆଗରୁ ଏ ସଂସାରକୁ ଆସିଥିବାରୁ ସେମାନଙ୍କର ସାଂସାରିକ ଅଭିଜ୍ଞତା ଅଧିକ ରହିବା ସ୍ୱାଭାବିକ । ଏକ ବୃହତ୍ତର ତଥା ମହାନ୍ କାର୍ଯ୍ୟ ପାଇଁ ଯଦି ଶିଶୁକୁ ପ୍ରସ୍ତୁତ ହେବାକୁ ପଡ଼େ ତେବେ ସେହି କାର୍ଯ୍ୟରେ ସହଯୋଗ କରିବା ଆମ ସମସ୍ତଙ୍କର ସର୍ବାଦୌ କର୍ତ୍ତବ୍ୟ । ଶିଶୁର ବିକାଶ ପାଇଁ ତା'ର ଶରୀର, ପ୍ରାଣ, ମନ ସ୍ତରରେ ଏକ ଦୃଢ଼ ଭିତ୍ତି ରହିବା ଆବଶ୍ୟକ । ସେଥି ସକାଶେ ମାତାପିତାମାନେ ଅସୀମ ଧୈର୍ଯ୍ୟ, ସାହସ, ନିଷ୍ଠା ଓ ଅଧ୍ୟବସାୟ ସହ ପିଲାଟିର ମନକୁ ପଢ଼ିବା ଉଚିତ ଏବଂ ତା'ର କ୍ରିୟା ପ୍ରତିକ୍ରିୟା, ଭାବାବେଗସବୁକୁ ନିରୀକ୍ଷଣ କରି ଆତ୍ମ-ଅଭିବ୍ୟକ୍ତି ପଥରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବା ବିଧେୟ । ଶିଶୁମାନେ ମାନବ-ସମାଜର ଭବିଷ୍ୟତ୍, ନୂତନ ଯୁଗର ବାର୍ତ୍ତାବହ ବା ଅଗ୍ରଦୂତ । ଏହି ନବ ଯୁଗର ନିର୍ମାତାମାନଙ୍କୁ ଜନ୍ମଦେବା ଏବଂ ନୂତନ ସମାଜ ଗଠନରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରାଇବା ଦିଗରେ ନାରୀମାନଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ପୁରୁଷମାନେ ମସ୍ତିଷ୍କ-ପ୍ରଧାନ ହୋଇଥିବା ବେଳେ ନାରୀମାନେ ହୃଦୟ-ପ୍ରଧାନ । ହୃଦୟ ମଧ୍ୟରୁ ଦେବତାମାନଙ୍କୁ ଆବାହନ କରି ଆଣିବାରେ ନାରୀମାନେ ହିଁ ସମର୍ଥ ।

ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଚେତନାର ଶିକ୍ଷା । ପ୍ରତି ମୁହୂର୍ତ୍ତରେ ଚେତନାର ପରିପ୍ରକାଶ ଘଟେ ଏବଂ ନବୀକରଣ ହୁଏ । ଚେତନାର ନବୀକରଣ ପ୍ରକ୍ରିୟାରେ ଆମେ ସଜାଗ ଓ ସକ୍ରିୟ ହେବା ସହ ପିଲାମାନଙ୍କୁ ସେମାନଙ୍କ ଚେତନାର ନବୀକରଣ ପଥରେ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ଉଚିତ୍ । ଆମର ଆଚାର-ବିଚାର, ଚାଲିଚଳନ, ଭାବାବେଗ, କଥାବାର୍ତ୍ତା, ବେଶଭୂଷା, ଭୋଜନ, ଶୟନ, ଦର୍ଶନ, ଶ୍ରବଣ, ଅନୁଭବ, କଳ୍ପନା, ଆଶା, ସଂକଳ୍ପ ଆଦିରେ ନବୀକରଣକୁ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷା ବୋଲି କହିବା । ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହେଉଛି ବ୍ୟକ୍ତିର ପରିପୂର୍ଣ୍ଣତାର କ୍ଷମତାକୁ ତା'ର ଚରମ ଶିଖରକୁ ଉନ୍ନୀତ କରାଇବା । ସେଥିଲାଗି ଯାବତୀୟ ପାରମ୍ପରିକତା ମଧ୍ୟରୁ ବାହାରି ଆସି ଆତ୍ମାର ଅଭିବୃଦ୍ଧି ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ଶିଶୁ ପ୍ରତି ଆମର ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ପଡ଼ିବ ଏବଂ ଶିଶୁ ଜନ୍ମନେବା ପୂର୍ବରୁ ଆମର ଅଭୀପ୍ସାକୁ ସଦାଜାଗ୍ରତ ଓ ସତ୍ୟାଭିମୁଖୀ କରିବାକୁ ହେବ ।

(କ୍ରମଶଃ)

❑❑❑

# ଆଧ୍ୟାତ୍ମିକତାର ପରିଭାଷା

## (୨)


## କୁମାର ଚନ୍ଦ୍ର ମିଶ୍ର


[ନବପ୍ରକାଶର ୨୦୧୮ ଅକ୍ଟୋବର ସଂଖ୍ୟାରେ ଉପରୋକ୍ତ ଶିରୋନାମାରେ ଲେଖାଟିଏ ପ୍ରକାଶିତ ହୋଇଥିଲା । ସେହି ଲେଖାଟିରେ ଆଧ୍ୟାତ୍ମିକତାର ସଂଜ୍ଞା ନିରୂପଣ କରିବା ନିମିତ୍ତ ପ୍ରୟାସ କରାଯାଇଥିଲା । ବର୍ତ୍ତମାନ ନିମ୍ନୋକ୍ତ ଉପସ୍ଥାପନାଟିରେ ଆଧ୍ୟାତ୍ମିକତାର ବିଭିନ୍ନ ଦିଗ ଓ ବିଶ୍ୱ ଜୀବନରେ ଆଧ୍ୟାତ୍ମିକତାର ଭୂମିକା ସମ୍ପର୍କରେ ସାମାନ୍ୟ ଆଲୋକପାତ କରିବା ଲାଗି ପ୍ରୟାସ କରାଯାଇଛି ।]

ଏକଦା ଏକ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ବିଷୟବସ୍ତୁ ଥିଲା – ''ଭଗବାନଙ୍କୁ ଦର୍ଶନ କରିବାର ପୂର୍ବ ଓ ପର ଅବସ୍ଥା'' । ସମସ୍ତ ଚିତ୍ରାଙ୍କନରୁ ତିନୋଟି ଚିତ୍ରାଙ୍କନ ପୁରସ୍କୃତ ହେବା ଲାଗି ନିର୍ବାଚିତ ହୋଇଥିଲା ।

ପ୍ରଥମ ଚିତ୍ରାଙ୍କନରେ ଥିଲା : ସଦ୍ୟସ୍ନାତା ଜଣେ ରମଣୀ, ପିନ୍ଧିଛନ୍ତି ସୁନ୍ଦର ପାଟଶାଢ଼ି, ମଥାରେ ସିନ୍ଦୂର ଟୋପା, ଗୋଡ଼ରେ ଅଳତା, ମୁଣ୍ଡରେ ଓଢ଼ଣି । ହାତରେ ଧରିଛନ୍ତି ପୂଜାଥାଳିଟିଏ । ଥାଳିରେ ରହିଛି ଗୋଟିଏ ନଡ଼ିଆ, ପେଣ୍ଠାଏ କଦଳୀ, ଦୀପ, କର୍ପୂର, ଧୂପ ଓ ବିଭିନ୍ନ ରଙ୍ଗବେରଙ୍ଗର କିଛି ଫୁଲ । ଚାଲିଛନ୍ତି ସେ ଏକାନ୍ତ ସଂକୀର୍ଣ୍ଣ ପଥରେ, ଅଦୂରେ ଦେଖାଯାଉଛି ବୃକ୍ଷଲତାଘେରା ସୁଉଚ୍ଚ ଏକ ମନ୍ଦିର । ଚିତ୍ରାଙ୍କନ ତଳେ ଲେଖାଯାଇଛି : ''ଭଗବାନଙ୍କୁ ଦର୍ଶନ କରିବା ପୂର୍ବାବସ୍ଥା ।'' ତା'ର ତଳକୁ ପ୍ରତିଯୋଗୀ ଆଙ୍କିଛନ୍ତି ଅନ୍ୟ ଏକ ଚିତ୍ର ଯେଉଁଥିରେ ପ୍ରଦର୍ଶିତ ହୋଇଛି : ମହିଳା ଜଣକ ଫେରୁଛନ୍ତି ସେହି ସଂକୀର୍ଣ୍ଣ ପଥରେ । ତାଙ୍କରି ପୃଷ୍ଠଭୂମିରେ ରହିଛି ସେହି ମନ୍ଦିର । ମହିଳା ହାତରେ ଧରିଛନ୍ତି ପୂଜା ଥାଳିଟି, ଯେଉଁଥିରେ ରହିଛି ଫାଳେ ନଡ଼ିଆ, ଚୋପାଛଡ଼ା ଗୋଟିଏ କଦଳୀ ଓ ଚନ୍ଦନ ଲାଗିଥିବା ଗୋଟିଏ ବିଲ୍ୱପତ୍ର । ନିମ୍ନରେ ଲେଖାଯାଇଛି : ''ଭଗବାନଙ୍କୁ ଦର୍ଶନ କରିବା ପରେ...'' ଅନ୍ୟ ଜଣେ ପ୍ରତିଯୋଗୀ ଆଙ୍କିଛନ୍ତି ଏକ ନିକାଞ୍ଚନ ଅରଣ୍ୟର ଚିତ୍ର ଯେଉଁଠି ଏକ ପ୍ରସ୍ତର ଉପରେ ଯୋଗମୁଦ୍ରାରେ ବସିଛନ୍ତି କୌପୀନ ପରିହିତ ଜଣେ ଶୀର୍ଣ୍ଣକାୟ ଯୁବକ ଯିଏ ଚକ୍ଷୁ ଉନ୍ମୀଳିତ କରି ହୁଏତ ଧ୍ୟାନମଗ୍ନ । ଏହା ଥିଲା ଈଶ୍ୱରଙ୍କୁ ଦର୍ଶନ କରିବା ପୂର୍ବାବସ୍ଥା ।

ଦ୍ୱିତୀୟ ଚିତ୍ରରେ ଦେଖାଯାଇଛି ସେହି ଯୁବକ ଯେପରି ପ୍ରୌଢ଼ାବସ୍ଥା ପ୍ରାପ୍ତ ହୋଇ ସାରିଛନ୍ତି । ଲେଙ୍ଗୁଟି ବଦଳରେ ପାଟବସ୍ତ୍ର ପରିହିତ, ଭସ୍ମଲେପିତ, ସ୍ଫୀତ ଉଦର ସହ ସେହି ପୃଥୁଳକାୟ ପୌଢ଼ ଉପବେଶନ କରିଛନ୍ତି ଏକ ବିରାଟ ବଟବୃକ୍ଷ ତଳେ ଥିବା ଉଚ୍ଚ ଚଉପାଢ଼ି ଉପରେ । ସାମନାରେ ବସିଛନ୍ତି ଶତାଧିକ ସାଧାରଣ ଜନତା । ଶ୍ମଶ୍ରୁମଣ୍ଡିତ ବାବାଙ୍କ ମୁଖ ନିକଟରେ ଏକ ଡାକବାଜି ଯନ୍ତ୍ର, ମନେହୁଏ ସେଥିରୁ ଉଦ୍‌ଗତ ପ୍ରଚଣ୍ଡ ଶବ୍ଦ ତରଙ୍ଗ ଉପସ୍ଥିତ ଜନମାନସକୁ ସ୍ତବ୍ଧ କରି ରଖିଛି । ପ୍ରବଚନର ପ୍ରଭାବରେ ସେମାନେ ସମ୍ମୋହିତ ।

ତୃତୀୟ ଚିତ୍ରାଙ୍କନଟି ପ୍ରକାଶ କରୁଥିଲା ସବୁଜ ବନାନୀ ଓ ପାହାଡ଼ଘେରା ସମତଳ ଭୂମିରେ କ୍ଷୁଦ୍ର ପୁଷ୍କରିଣୀଟିଏ । ସ୍ଫଟିକନିଭ ସ୍ୱଚ୍ଛ ଜଳରାଶିର ମଧ୍ୟଭାଗରେ ପଦ୍ମ କଢ଼ଟିଏ ନୀଳ ଆକାଶ ଦିଗରେ ଉନ୍ମୁଖ ହୋଇ ଚାହିଁ ରହିଛି । ଉଷାକାଳର ସୌରରଶ୍ମିର କୋମଳସ୍ପର୍ଶ ପାଇବା ଲାଗି ଯେପରି ସେ ବ୍ୟଗ୍ର, ବ୍ୟାକୁଳ ଓ ଅସ୍ଥିର । ପୂର୍ବାକାଶରେ ସିନ୍ଦୂରା ଫାଟି ଆସୁଛି । ନିକଟସ୍ଥ ବୃକ୍ଷରେ କୁଆ, କୋଇଲି, ଶୁଆ, ସାରି ବସି ହୁଏତ ଖାଦ୍ୟ ଅନ୍ୱେଷଣ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଶୁକ୍ଳବର୍ଣ୍ଣର ହଂସ ଦୁଇଟି ପୁଷ୍କରିଣୀରେ ସନ୍ତରଣ କରୁଛନ୍ତି । ମନେ ହେଉଥିଲା ଆଗତ ସୂର୍ଯ୍ୟୋଦୟକୁ ସ୍ୱାଗତ ଜଣାଇବା ଲାଗି ପ୍ରକୃତି ଅପେକ୍ଷାରତ । ତତ୍ପର ଚିତ୍ରାଙ୍କନଟିରେ ପ୍ରଦର୍ଶିତ ହୋଇଛି ସେହି ପୁଷ୍କରିଣୀରେ ପ୍ରସ୍ଫୁଟନୋନ୍ମୁଖ ପଦ୍ମକଢ଼ିଟିର ପାଖୁଡ଼ାଗୁଡ଼ିକ ସୌରରଶ୍ମିର କୋମଳସ୍ପର୍ଶ ପାଇ ଉନ୍ମୀଳିତ ହୋଇଯାଇଛି । ତା'ର ସୌନ୍ଦର୍ଯ୍ୟ ଓ ସୁବାସରେ ଆକର୍ଷିତ ହୋଇ ଭ୍ରମର ଓ ପ୍ରଜାପତି ତା'ର ଚତୁଃପାର୍ଶ୍ୱରେ ଉଡୁଛନ୍ତି । ବିସ୍ତୀର୍ଣ୍ଣ ମୁକ୍ତ ଆକାଶରେ ଶୀତଳ ସମୀରଣର ତାଳେ ତାଳେ ପକ୍ଷୀମାନେ ଉଡୁଛନ୍ତି । ନୀଳ ପାହାଡ଼ର ଶୀର୍ଷଦେଶରୁ ସୂର୍ଯ୍ୟ ସମ୍ପୂର୍ଣ୍ଣ ରୂପେ

ନିଜକୁ ପ୍ରକାଶିତ କରିଛନ୍ତି । ଚିତ୍ରାଙ୍କନଟିର ନିମ୍ନରେ ଲେଖା ଯାଇଥିଲା : ''ଦିବ୍ୟଦର୍ଶନ ପରେ'' ।

କେଉଁ ଛାତ୍ର ପ୍ରଥମ ପୁରସ୍କାର ପାଇବା ଲାଗି ଉପଯୁକ୍ତ ତାହା ପାଠକମଣ୍ଡଳୀ ନିର୍ଦ୍ଧାରଣ କରିପାରିବେ । ତେବେ ପ୍ରଥମ ଚିତ୍ରଦ୍ୱୟ ଧାର୍ମିକତା; ଦ୍ୱିତୀୟ ଚିତ୍ରଦ୍ୱୟ ବୈରାଗ୍ୟ, ସନ୍ନ୍ୟାସ ତଥା ବୌଦ୍ଧିକତା; ତୃତୀୟ ଚିତ୍ରଦ୍ୱୟ ବୈଚିତ୍ରମୟ ପୃଥିବୀର ବିପୁଳ ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ସହିତ ଆଲୋକ ପ୍ରତି ଆକୁଳ ଅଭୀପ୍ସା ଓ ଉନ୍ମୀଳନର ଆଭାସ ଦିଏ ବୋଲି କୁହାଯାଇପାରେ । ବିସ୍ତୀର୍ଣ୍ଣ ମୁକ୍ତ ଆକାଶରେ ପକ୍ଷୀମାନଙ୍କର ଅବାଧ ବିଚରଣ ହୁଏତ ଆଧ୍ୟାତ୍ମିକ ଜୀବନର ବୈଚିତ୍ରମୟ, ବହୁଳ, ବହୁମୁଖୀ ଅଗ୍ରଗତିର ସୂଚନା ଦିଏ ! ପଦ୍ମ ଫୁଲଟିର ନିର୍ଦ୍ଦିଷ୍ଟ ଆକାର ସହ ସଂଶ୍ଳିଷ୍ଟ ହୋଇ ରହିଛି ତା'ର ମନୋହର ସୌନ୍ଦର୍ଯ୍ୟ ଓ ସୁବାସ । ସୂର୍ଯ୍ୟାଲୋକର ସଂସ୍ପର୍ଶରେ ତା'ର ଉନ୍ମୀଳନ ଅନ୍ତଃପୁରୁଷଙ୍କ ଉନ୍ମୋଚନର ଆଭାସ ଦିଏ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବ୍ୟାକୁଳ ଚୈତ୍ୟପୁରୁଷଟି ଦିବ୍ୟ ଆଲୋକର ସ୍ପର୍ଶ ପାଇବା କ୍ଷଣି ଉନ୍ମୋଚିତ ହୋଇ ଶାନ୍ତି, ସଙ୍ଗତି, ସମତା, ଆନନ୍ଦ ସମାହିତ ତା'ର ଗୁଣଧର୍ମ ଚତୁଃପାର୍ଶ୍ୱକୁ ବିକିରଣ କରେ । ଫୁଲଟିର ସୁବାସିତ ମହକ ପରି ସାଧକର ଦିବ୍ୟଗୁଣଗୁଡ଼ିକ ବିକଶିତ ହୋଇ ଉତ୍କର୍ଷ ଲାଭ କରେ ।

ଦିବ୍ୟଜନନୀ ଶ୍ରୀମା କହିଛନ୍ତି :

"To give oneself to the Divine, to receive and be the Divine, to transmit and spread forth the Divine: these are the three simultaneous movements which constitute our total relation with the Divine." (CWM. - 14, p. 22)

ପୁନଶ୍ଚ,

"We are here to find the Divine, to become divine, to manifest the Divine."

(CWM. - 12, p. 119)

ଏହାର ଭାବାନୁବାଦ ହେଲା :

''ନିଜକୁ ଭଗବାନଙ୍କ ନିକଟରେ ଅର୍ପଣ କରିଦେବା, ସେହି ପରମ ଦିବ୍ୟସତ୍ତାଙ୍କୁ ଗ୍ରହଣ କରି ତାଙ୍କରି ସାଧର୍ମ୍ୟ ଲାଭ କରିବା ବା ତାଙ୍କରି ପରି ହୋଇ ଉଠିବା, ସେହି ପରମ ଦିବ୍ୟସତ୍ତାଙ୍କୁ ବିକୀର୍ଣ୍ଣ ଓ ବ୍ୟାପ୍ତ କରି ରଖିବା, ଅର୍ଥାତ୍ ତାଙ୍କରି ଗୁଣଧର୍ମକୁ ଅଭିବ୍ୟକ୍ତ କରିବା; ଯୁଗପତ୍ ଭାବରେ ଏହି ତିନୋଟି ସଞ୍ଚରଣ ପଥ ହିଁ ଦିବ୍ୟ ପରମସତ୍ତାଙ୍କ ସହିତ ଆମର ସମଗ୍ର ସମ୍ବନ୍ଧଟିକୁ ନିର୍ଦ୍ଧାରିତ କରି ରଖିଥା'ନ୍ତି ।''

ପୁନଶ୍ଚ ''ଦିବ୍ୟସତ୍ତାଙ୍କୁ ନିଜ ଭିତରେ ଆବିଷ୍କାର କରିବା, ସେହି ଦିବ୍ୟତତ୍ତ୍ୱରେ ନିଜକୁ ରୂପାନ୍ତରିତ କରିବା ଓ ତାଙ୍କରି ଗୁଣଧର୍ମକୁ ଦୈନନ୍ଦିନ ଜୀବନରେ ଅଭିବ୍ୟକ୍ତ କରିବା ନିମିତ୍ତ ହିଁ ଆମେ ଏଠାରେ ରହିଛୁ ।''

ଏହା ଆଧ୍ୟାତ୍ମିକ ଜୀବନର ତିନିଟି ସୋପାନର ସୂଚନା ଦିଏ ।

## ଧର୍ମ ଓ ଆଧ୍ୟାତ୍ମିକତା

ଏକ ଉଚ୍ଚ ମାନସିକ ଚେତନା ହିଁ ଧର୍ମ ଓ ନୈତିକତାର ଜନକ । ପ୍ରତ୍ୟେକ ଧର୍ମରେ ଜଣେ ଧର୍ମଗୁରୁ ଥା'ନ୍ତି । ଯିଶୁଖ୍ରୀଷ୍ଟ, ବୁଦ୍ଧଦେବ, ମହମ୍ମଦ, ଯୋରାଥୁଷ୍ଟ୍ରା, ମୋଜେସ, ମହାବୀର, ଗୁରୁ ନାନକ ଇତ୍ୟାଦି ଧର୍ମଗୁରୁମାନେ ଯଥାକ୍ରମେ ଖ୍ରୀଷ୍ଟିଆନ, ବୌଦ୍ଧ, ଇସଲାମ, ଜୋରାଷ୍ଟ୍ରିୟନିଜମ୍ (Zoroastrianism), ଜୁଡ଼ାଇଜମ୍ (ଇହୁଦୀ ଧର୍ମ), ଜୈନ, ଶିଖ ଇତ୍ୟାଦି ଧର୍ମର ପ୍ରତିଷ୍ଠାତା ଓ ପ୍ରଚାରକ ଥିଲେ । ପ୍ରତ୍ୟେକ ଧର୍ମର ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମଗ୍ରନ୍ଥ ବା ଶାସ୍ତ୍ର ରହିଛି – ଯେପରି ବାଇବେଲ, ତ୍ରିପିଟକ, କୋରାନ, ଏଭେଷ୍ଟା (Avesta), ଟଲ୍‌ମଡ଼ (Talmud), ତତ୍ତ୍ୱାର୍ଥ ସୂତ୍ର, ଗୁରୁଗ୍ରନ୍ଥ ସାହେବ ଇତ୍ୟାଦି । ପ୍ରତ୍ୟେକ ଧର୍ମଗୁରୁ ଏକ ନିର୍ଦ୍ଦିଷ୍ଟ ସତ୍ୟକୁ ଉପଲବ୍ଧି କରିଥିଲେ । ଅବଶ୍ୟ ସନାତନ ହିନ୍ଦୁଧର୍ମ ଏ ଦୃଷ୍ଟିରୁ ଏକ ବ୍ୟତିକ୍ରମ । କୌଣସି ନିର୍ଦ୍ଦିଷ୍ଟ ଗୁରୁଙ୍କ ଦ୍ୱାରା ଏହା ପ୍ରଚାରିତ ହୋଇ ନାହିଁ । କୁହାଯାଇପାରେ ଯେ ପ୍ରତ୍ୟେକ ହୃଦୟ କନ୍ଦରରେ ଅଧିଷ୍ଠିତ ପରମ ଦିବ୍ୟସତ୍ତା ହେଲେ ଏହାର ପ୍ରତିଷ୍ଠାତା ଓ ସମଗ୍ର ବିଶ୍ୱପ୍ରକୃତି ହେଲା ଏହାର ଶାସ୍ତ୍ରର ଉତ୍ସ । ପ୍ରତ୍ୟେକ ଧର୍ମରେ ରହିଛି କେତୋଟି ନିର୍ଦ୍ଦିଷ୍ଟ ଧର୍ମାଚରଣ (rites), କ୍ରିୟାପଦ୍ଧତି (rituals), ଔପଚାରିକ ପୂଜା ଓ ଉତ୍ସବ (ceremonies) । ସଂକ୍ଷେପରେ କହିବାକୁ ଗଲେ ଦର୍ଶନ (philosophy), ଗୁରୁ, ଗ୍ରନ୍ଥ ଓ ଉପାସନା ପ୍ରତ୍ୟେକ ଧର୍ମର ମୁଖ୍ୟ ଉପାଦାନ ହୋଇ ରହିଛି । ଅଧିକାଂଶ ଧର୍ମ ଜଣେ ଈଶ୍ୱରଙ୍କ ପରିକଳ୍ପନା କରିଥା'ନ୍ତି ।

ପ୍ରତ୍ୟେକ ଧର୍ମ ମନୁଷ୍ୟ ସମାଜକୁ ଅଗ୍ରଗତି କରିବାରେ ସାହାଯ୍ୟ କରି ଆସିଛି । ଏପରିକି ଧର୍ମ ବିମୁଖତା ବା ଅଧାର୍ମିକତା (paganism) ମଧ୍ୟ ମଣିଷ ସମ୍ମୁଖରେ ସୌନ୍ଦର୍ଯ୍ୟର ଆଲୋକ,

ତା' ଜୀବନର ବ୍ୟାପ୍ତି, ଉଚ୍ଚତା ଓ ବହୁମୁଖୀ ପରିପୂର୍ଣ୍ଣତା ଲାଗି ତା'ର ଲକ୍ଷ୍ୟକୁ ସମ୍ପ୍ରସାରିତ କରିପାରେ । ଖ୍ରୀଷ୍ଟଧର୍ମ ବଦାନ୍ୟତା, ହିତୈଷଣା ଓ ଦିବ୍ୟପ୍ରେମର ଏକ ଦୃଷ୍ଟି ପ୍ରଦାନ କରିଛି; ବୌଦ୍ଧଧର୍ମ ପବିତ୍ରତା ଓ ଶାଳୀନତାର ମହାନ୍ ମାର୍ଗ ଦର୍ଶାଇଛି; ଇସଲାମ ଭଗବାନ୍ ବା ମହମ୍ମଦଙ୍କ ପ୍ରତି ନିଖୁଣଭାବେ, ଉତ୍ସାହର ସହ ବିଶ୍ୱସ୍ତ ଓ ଆସ୍ଥାବାନ ହୋଇ ରହିବା ଶିକ୍ଷା ଦେଇଛି । ହିନ୍ଦୁ ଧର୍ମ ମଣିଷର ମନ ଓ ହୃଦୟକୁ ଗଭୀରତମ ଓ ବ୍ୟାପକତମ ଆଧ୍ୟାତ୍ମିକ ସମ୍ଭାବନାଗୁଡ଼ିକ ପ୍ରତି ଉନ୍ମୀଳିତ କରିପାରିଛି । ଏହି ଯାବତୀୟ ଦିବ୍ୟଦୃଷ୍ଟି ଯଦି ପରସ୍ପରର ପରିପୂରକ ହୁଅନ୍ତେ ଓ ପରସ୍ପରକୁ ଗ୍ରହଣ କରିପାରନ୍ତେ ତେବେ ଏକ ଚମତ୍କାର କଥା ସମ୍ଭବ ହୋଇପାରନ୍ତା । କିନ୍ତୁ ସାମ୍ପ୍ରଦାୟିକ ଅହଂ, ଧର୍ମାନ୍ଧତା (sectarianism), ଧାର୍ମିକ ଅସହିଷ୍ଣୁତା (religious intolerance), ବୌଦ୍ଧିକ ତୀବ୍ର ମତବାଦ (dogmatism) ପଥ ମଧ୍ୟରେ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ । ପ୍ରତ୍ୟେକ ଧର୍ମ ନିଜର ଦର୍ଶନ, ନିଜର ସିଦ୍ଧାନ୍ତ, ନିଜର କଳ୍ପିତ ଈଶ୍ୱରଙ୍କୁ ଏକମାତ୍ର ସତ୍ୟ ବୋଲି ସାବ୍ୟସ୍ତ କରିଥା'ନ୍ତି । ପରିଣାମସ୍ୱରୂପ ସଂକୀର୍ଣ୍ଣ ସାମ୍ପ୍ରଦାୟିକତା, ଅସହିଷ୍ଣୁତା, ମୌଳବାଦୀ ଚିନ୍ତାଧାରା, ଗୋଷ୍ଠୀ କଳହ, ଧର୍ମାନ୍ତକରଣ (proselytization)ପରି କୁତ୍ସିତ ଆଚରଣସବୁ ସମାଜକୁ କଳୁଷିତ କରିପକାଏ । ମାନବ ଇତିହାସରେ ଏହିସବୁ ଧର୍ମ ନିମିତ୍ତ କେତେ ଯେ ଯୁଦ୍ଧ, ବିଗ୍ରହ, ଜଘନ୍ୟ ଅତ୍ୟାଚାର ଓ ନରସଂହାର ସଂଘଟିତ ହୋଇଛି – ତାହା ଅକଥନୀୟ, ଅବର୍ଣ୍ଣନୀୟ ।

ଧର୍ମ ଯେତେବେଳେ ସବୁ ମଣିଷଙ୍କୁ ଗୋଟିଏ ଆଦର୍ଶ, ଗୋଟିଏ ଛାଞ୍ଚ, ଗୋଟିଏ ଢାଞ୍ଚା, ଗୋଟିଏ ଫରମା ମଧ୍ୟରେ ଆବଦ୍ଧ କରିଦେବା ଲାଗି ପ୍ରୟାସ କରେ ସେତେବେଳେ ବିଶୃଙ୍ଖଳା ଓ ବିନାଶ ଅବଶ୍ୟମ୍ଭାବୀ ହୋଇଯାଏ । ଏ ସଂକ୍ରାନ୍ତରେ ଗ୍ରୀସ୍ ଦେଶରେ ପ୍ରଚଳିତ ଗୋଟିଏ କିମ୍ବଦନ୍ତୀ ସ୍ମୃତିପଟରେ ଉଙ୍କିମାରେ : – ପୋଜେଇଡନ୍ (poseidon) ଗ୍ରୀସ୍‌ର ଜଣେ ଅତି ପୁରାତନ ଦେବତା ରୂପେ ପରିଚିତ । ପ୍ରୋକ୍ରାସ୍‌ଟିସ୍ (Procrustes) ନାମକ ତାଙ୍କର ଜଣେ ପୁତ୍ର ଏଥେନ୍ସର ଉପାନ୍ତ ଅଞ୍ଚଳରେ ଭବ୍ୟ ହର୍ମ୍ୟଟିଏ ନିର୍ମାଣ କରି ରହୁଥିଲେ । ହର୍ମ୍ୟର ସାମନା ରାସ୍ତାରେ ଯେକୌଣସି ପର୍ଯ୍ୟଟକ ବା ଜାତି ଚାଲିଗଲା ବେଳେ ସେ ତାଙ୍କୁ ଆଦରର ସହ ନିମନ୍ତ୍ରଣ କରି ଆଣନ୍ତି ଓ ରାତ୍ରିଟି ସେହି ମନୋରମ ପରିବେଶରେ ଯାପନ କରିବା ଲାଗି ଅନୁରୋଧ କରନ୍ତି । କ୍ଲାନ୍ତ ଯାତ୍ରୀଟି ଅସ୍ୱୀକାର କରିବାରେ କୌଣସି କାରଣ ନ ଥାଏ । ଅତିଥି ଚର୍ଚ୍ଚାରେ ମଧ୍ୟ କୌଣସି ଅବହେଳା ହୋଇ ନ ଥାଏ । ତେବେ ରାତିରେ ଅତିଥି ଶୟନ କରିବା ନିମିତ୍ତ ଗୋଟିଏ ଲୌହ ନିର୍ମିତ ସୁନ୍ଦର ପଲଙ୍କର ବ୍ୟବସ୍ଥା କରାଯାଇଥାଏ । ପଲଙ୍କର ଦୈର୍ଘ୍ୟ ଓ ପ୍ରସ୍ଥ ସହ ଅତିଥିଙ୍କର ଉଚ୍ଚତା ଓ ଓସାର ମଧ୍ୟରେ ଯଦି କୌଣସି ତାରତମ୍ୟ ରହିଥାଏ ତେବେ ପ୍ରୋକ୍ରାସ୍‌ଟିସ୍ ନିଜର ଅମାପ ବଳପ୍ରୟୋଗ କରି କରତ ଓ ହାତୁଡ଼ି ସାହାଯ୍ୟରେ ଅତିଥିଙ୍କୁ ପଲଙ୍କ ସହ ଖାପ ଖାଇବା ଯାଏ କଟାକଟି ଓ ଟଣାଓଟରା କରିବାରେ ଲାଗି ପଡ଼ନ୍ତି । ଏହି ପ୍ରକ୍ରିୟାରେ ବିଚରା ଯାତ୍ରୀଙ୍କର ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ଅନୁମେୟ । ତେଣୁ ଯାହା ସବୁକିଛିକୁ ନିଜର ସଂକୀର୍ଣ୍ଣତା ବା ସୀମିତତା ମଧ୍ୟରେ ଆବଦ୍ଧ କରିଦେବାକୁ ଚାହେଁ ତାହାକୁ ଏହି ପ୍ରୋକ୍ରାସ୍‌ଟିସଙ୍କ ପଲଙ୍କ (Procrustean bed) ସହ ତୁଳନା କରାଯାଇଥାଏ । ଠିକ୍ ସେହିପରି ଧର୍ମ ଯଦି ସଂକୀର୍ଣ୍ଣ, ସୀମିତ ସାମ୍ପ୍ରଦାୟିକତା ମଧ୍ୟରେ ଆବଦ୍ଧ ହୋଇଯାଏ ତେବେ ତାହା ପ୍ରୋକ୍ରାସ୍‌ଟିସଙ୍କ ପଲଙ୍କ ପରି ଅଗ୍ରଗତି ବଦଳରେ ଅନିଷ୍ଟର କାରଣ ହୋଇଯାଏ । ସେଥିପାଇଁ ଦିବ୍ୟଜନନୀ ଶ୍ରୀମା କହିଛନ୍ତି :

''Man's right is to pursue the Truth freely and to approach it freely in his own way. But each one ought to know that his discovery is good for him alone and is not to be imposed upon others.''

(CWM, Vol. 15, p. 30)

ଏହାର ଭାବାନୁବାଦ ହେଲା : ''ପରମ ସତ୍ୟକୁ ସ୍ୱାଧୀନ ଭାବରେ ଅନୁସରଣ କରିବା ଓ ନିଜସ୍ୱଧାରାରେ ମୁକ୍ତ ଭାବରେ ସେଥିରେ ପ୍ରବେଶ କରିବା ହେଉଛି ମଣିଷର ଅଧିକାର । କିନ୍ତୁ ପ୍ରତ୍ୟେକେ ଜାଣି ରଖିବା ଉଚିତ ଯେ ତା'ର ଆବିଷ୍କାର ତା' ନିଜ ପାଇଁ କେବଳ ଭଲ ଓ ଅନ୍ୟମାନଙ୍କ ଉପରେ ଲଦିଦେବା ଲାଗି ତାହା ଉଦ୍ଦିଷ୍ଟ ନୁହେଁ ।''

ପରିସ୍ଥିତି, ପରିବେଶ, ପରମ୍ପରା ବା ଘଟଣାଚକ୍ରର ଦାସ ହୋଇ କିଂବା କାକତାଳିକ ଘଟଣା ଯୋଗୁଁ ଗୋଟିଏ ବଂଶର ଉତ୍ତରାଧିକାରୀ ରୂପରେ କୌଣସି ଧର୍ମକୁ ଗ୍ରହଣ କରିନେବା ବାଞ୍ଛନୀୟ ନୁହେଁ । ନିଜର ଆନ୍ତର ସମର୍ଥନକୁ ଆଶ୍ରୟ କରି ଧର୍ମ, ଦେଶ ଓ ପରିବାର ନିର୍ବାଚନ କରିବାର ଅଧିକାର ପ୍ରତ୍ୟେକ ମଣିଷର ରହିଛି ଓ ସେ ତାହା ହିଁ କରିବା ଉଚିତ ।

ଦିବ୍ୟଜନନୀ ଶ୍ରୀମା ଫ୍ରାନ୍ସରେ ଜନ୍ମଲାଭ କରିଥିଲେ ବି ଭାରତକୁ ଆପଣା ଦେଶ ରୂପେ ଗ୍ରହଣ କରିଥିଲେ ଓ ଦ୍ୱୈତ ନାଗରିକତ୍ୱ ପ୍ରାପ୍ତ କରିବା ଲାଗି ଇଚ୍ଛାପ୍ରକାଶ କରିଥିଲେ ।

ଧର୍ମ ଏକ ଅଦ୍ୱିତୀୟ ପରମ ସତ୍ୟକୁ ଆଂଶିକ ରୂପେ ଆପାତତଃ ଏକ ସତ୍ୟ ରୂପେ ଉପସ୍ଥାପନ କରିଥାଏ । ଅଥଚ ପରମ ସତ୍ୟ ତାହାର ବହୁ ଊର୍ଦ୍ଧ୍ୱରେ । ଧର୍ମ ଆପଣାର ସତ୍ୟକୁ ଏକ ମୌଳିକ ସିଦ୍ଧାନ୍ତ ରୂପେ ଦୃଢ଼ ପ୍ରତିଷ୍ଠିତ କରୁଥାଏ । କିନ୍ତୁ ତାହା ଆଉ ପରମ ସତ୍ୟ ହୋଇ ରହି ନଥାଏ । ଅସଲ ନିର୍ଯାସଟି ଅନ୍ତର୍ହିତ ହୋଇ ଯାଇଥାଏ । ଯାବତୀୟ ଯାନ୍ତ୍ରିକ ଧର୍ମାଚରଣ, କ୍ରିୟାପଦ୍ଧତି, ପୂଜା, ଉପାସନା ବା ଆରାଧନା ଏହି ପର୍ଯ୍ୟାୟରେ ସୀମିତ ହୋଇ ରହିଯାଏ । ଧର୍ମ ଅସୀମ ଅଗ୍ରଗତିକୁ ଅଟକାଇ ଦିଏ । ଆଧ୍ୟାତ୍ମିକତାରେ ଯେଉଁ ବହୁମୁଖୀ ଊର୍ଦ୍ଧ୍ୱାୟନ, ସଂପ୍ରସାରଣ ଓ ଗଭୀରାୟନ (heightening, widening, deepening)ର ସମ୍ଭାବନାସବୁ ରହିଛି ଧର୍ମ ତାହାର ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ ହୁଏ । କେତେକ କ୍ଷେତ୍ରରେ ଧର୍ମ କଦାଚାର, ମିଥ୍ୟାଚାର, ଭ୍ରଷ୍ଟାଚାର ଓ ଯାବତୀୟ ଆଦିମ ପ୍ରକୃତିର ସଂକ୍ରମଣ ଦ୍ୱାରା କଳୁଷିତ ହୋଇଥାଏ । ଆଧ୍ୟାତ୍ମିକତା ଯାବତୀୟ ଧର୍ମର ଊର୍ଦ୍ଧ୍ୱରେ ଏବଂ ତାହା ସତତ ଏକ ଜାଗତିକ ସତ୍ୟ (Cosmic Truth) ଦିଗରେ ଗତି କରୁଥାଏ । ଆରାଧନା, ଭକ୍ତି, ଉତ୍ସର୍ଗ ଭାବନା ଇତ୍ୟାଦି ଯେଉଁସବୁ ଧର୍ମାନୁଭୂତିମାନ ରହିଛି ଆଧ୍ୟାତ୍ମିକତା ସେସବୁର ବିରୋଧ କରେ ନାହିଁ ଅଥଚ ସେହି ସ୍ତରରେ ତାହା ଅଟକିଯାଏ ନାହିଁ । ଅନ୍ୟପକ୍ଷେ ଚେତନାର ଅବାଧ ଉତ୍ତରଣ ପାଇଁ ଧର୍ମ ସର୍ବଦା ଏକ ବାଧକ ଓ ପରିସୀମା ହୋଇ ରହିଛି ।

ମହାକାବ୍ୟ ସାବିତ୍ରୀ ଗ୍ରନ୍ଥରେ ଧର୍ମ ସମ୍ପର୍କିତ ଅନେକ ବାସ୍ତବ ଚିତ୍ରଣ ଦେଖିବାକୁ ମିଳେ, ଯେପରି : –

"A rational religion dried the heart.
It planned a smooth life's acts
with ethics' rule
Or offered a cold and flameless sacrifice.
The sacred Book lay on its sanctified desk
Wrapped in interpretation's silken strings :
A credo sealed up its spiritual sense."

(Savitri, p. 497 - 498)

ଗଦ୍ୟାକାରରେ ଏହାର ଭାବାନୁବାଦ ଏହିପରି :

''ଏକ ବୁଦ୍ଧିଗତ ଧର୍ମ-ମତବାଦ ପ୍ରାଣକୁ ଶୁଷ୍କ କରିଦେଇଥାଏ । ନୀତିର ବିଧାନରେ ପ୍ରାଣଶକ୍ତି ମସୃଣ ସୁବିନ୍ୟସ୍ତ କର୍ମ ରଚନା କରେ ଅଥବା ଶୀତଳ ହିମରସର ଆହୁତି ଯଜ୍ଞରେ ଅର୍ପଣ କରେ ଧର୍ମଗ୍ରନ୍ଥ ତା'ର ବ୍ୟାସାସନରେ ବ୍ୟାଖ୍ୟାର ପାଟବସ୍ତ୍ରର ସୂତ୍ରରେ ବନ୍ଧା ହୋଇ ରଖାଯାଇଥାଏ, ଏକ ଧର୍ମାନୁଶାସନ ତା'ର ଆଧ୍ୟାତ୍ମିକ ଓ ଭାବକୁ ଚାପି ରଖେ ।''

ଏକ ତର୍କ-ସିଦ୍ଧ ଧର୍ମଭାବ ହୃଦୟକୁ ଶୁଷ୍କ କରିଦିଏ । ନୀତିଶାସ୍ତ୍ରର ବିଧାନସବୁ ଜୀବନଚର୍ଯ୍ୟାକୁ ପରିଚାଳନା କରେ । ଏକ ଶୀତଳ ଆହୁତି ଯେପରି ଯଜ୍ଞାଗ୍ନିକୁ ଶିଖାହୀନ କରିଦିଏ ସେହିପରି ଯୁକ୍ତି-ତର୍କ ସମ୍ବଳିତ ଧାର୍ମିକ ଆଲୋଚନା ଦ୍ୱାରା ଅଭୀପ୍ସାର ଅଗ୍ନି ଊର୍ଦ୍ଧ୍ୱକୁ ପ୍ରଜ୍ୱଳିତ ହୋଇ ଉଠେ ନାହିଁ । ଆମର ଧାର୍ମିକ ପରମ୍ପରାରେ ଅନେକ ଧର୍ମଗ୍ରନ୍ଥ, ପବିତ୍ରଶାସ୍ତ୍ର ପୁରାଣସବୁ ରହିଛି, ଯେଉଁଥିରେ ଆଧ୍ୟାତ୍ମିକ ସତ୍ୟସବୁ ସଂଗୁପ୍ତ ହୋଇ ରହିଛି । କିନ୍ତୁ ସେଗୁଡ଼ିକୁ ଅତି ଯତ୍ନରେ ବ୍ୟାସାସନ ବା ପୁସ୍ତକାଧାରରେ ସାଇତି କରି ରଖାଯାଇଥାଏ । ତହିଁରେ ନିହିତ ସତ୍ୟ-ଧର୍ମ ଅନୁଶାସନ ଦ୍ୱାରା ଆବୃତ ହୋଇ ରହିଥାଏ । ତାହା କାଳକ୍ରମେ ଏକ ମତବାଦ ବା ସିଦ୍ଧାନ୍ତରେ ପରିଣତ ହୋଇଯାଏ – ଯାହା ସମସ୍ତଙ୍କୁ ଗ୍ରହଣ କରିବା ଲାଗି ବାଧ୍ୟ କରାଯାଏ । ତଦ୍ୱାରା ଆଧ୍ୟାତ୍ମିକ ଭାବ ଓ ତାହାର ଜୀବନୀଶକ୍ତି ମୋହର-ବନ୍ଦ (sealed) ହୋଇ ରହିଥାଏ; ଅର୍ଥାତ୍ ତତ୍-ସମ୍ପର୍କିତ ଆଧ୍ୟାତ୍ମିକ ସତ୍ୟଟି ଆଉ ଉଦ୍‌ଘାଟିତ ହୋଇପାରେ ନାହିଁ ।

ଦୈନନ୍ଦିନ ମାନୁଷୀ ଜୀବନ ଏତେ ଜଞ୍ଜାଳମୟ, କୋଳାହଳମୟ ଓ ସଂଘର୍ଷପୂର୍ଣ୍ଣ ହୋଇ ଯାଇଛି ଯେ ଘରେ ଘରେ ପ୍ରଥମେ ପ୍ରତିଦିନ ପାରାୟଣ କରାଯାଉଥିବା ରାମାୟଣ, ଭାଗବତ, ଶ୍ରୀମଦ୍ ଭଗବଦ୍‌ଗୀତାଦି ପୋଥିସବୁ ପାଟକନାରେ ଗୁଡ଼ା ହୋଇ ଠାକୁର ଘରର କୋଣରେ ଶୋଭାବର୍ଦ୍ଧନ କରୁଥା'ନ୍ତି ଓ କାଳକ୍ରମେ ତାହା ଧୂଳି ଧୂସରିତ ହୋଇ ହୁଏତ କୀଟମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ । ଏହାର ବିକଳ୍ପ ସମ୍ପର୍କରେ ବିଚାର ବିମର୍ଷ କରିବା ଜରୁରୀ ତଥା ଅତ୍ୟାବଶ୍ୟକ ମନେହୁଏ ।

(କ୍ରମଶଃ)

❑❑❑

# ଆମ ଶରୀର

## (୩୦)

## ଭୋଳେଶ୍ୱର ଭୂୟାଁ

### ମହାମାରୀ କୋରୋନା ସହ ଯୁଦ୍ଧ

ଆଜି ଏ ପୃଥିବୀରେ କୋରୋନା ରୋଗ ଜୀବାଣୁ ପାଇଁ ଯେଉଁ ସଙ୍କଟ ଉପୁଜିଛି, ତାହା ଅନ୍ୟ ସବୁ ସଙ୍କଟ କାଳ ତୁଳନାରେ ଅତୀବ ଭୟଙ୍କର ଓ ଦୁଃଖଦାୟକ । ଏହିସବୁ ସଙ୍କଟ କାଳର ଆବିର୍ଭାବ ସମ୍ପର୍କରେ ଶ୍ରୀଅରବିନ୍ଦ ବହୁବାର ଆମକୁ ସଚେତନ କରିଛନ୍ତି । ଅଭିବ୍ୟକ୍ତ ହେବାକୁ ଯାଉଥିବା ସର୍ବଶକ୍ତିମାନ୍ ଅତିମାନସର ଚାପ ଫଳରେ ଏବଂ ମଣିଷ ପ୍ରକୃତିର ନିଶ୍ଚେତନାର ପ୍ରତିରୋଧ ଫଳରେ ଏହିପରି ଭୟଙ୍କର ପରିସ୍ଥିତିସବୁ ସୃଷ୍ଟି ହେଉଛି ।

ଶ୍ରୀଅରବିନ୍ଦଙ୍କ ଭାଷାରେ :

"A supreme difficulty is Nature's indication to us of a supreme conquest to be won..."

(The Synthesis of Yoga, P. 11)

ଅର୍ଥାତ୍ – ''ଏକ ପରମ ବାଧା ହେଲା ଆମ ପ୍ରତି ପ୍ରକୃତିର ଏକ ସୂଚନା ଯେ ଆମେ ଏକ ପରମ ବିଜୟ ଲାଭ କରିବୁ... ।''

ଏ ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ପରେ ମଧ୍ୟ କଳିର ପ୍ରଭାବ ଏବେ ବି ରହିଛି । ବରଂ ଏ ପ୍ରଭାବ ଏହି ସମୟରେ ଭୟଙ୍କର ଭାବେ ବଢ଼ିଯାଇଛି । ଅନ୍ଧକାର, ଅଜ୍ଞାନତାର ରାଜତ୍ୱକୁ ସେମାନେ ସହଜରେ ଛାଡ଼ିବାକୁ ନାରାଜ । ସେଥିପାଇଁ ଏ କଳିଯୁଗର ଶେଷରେ ସେମାନେ ପ୍ରଚଣ୍ଡ ବାଧା ସୃଷ୍ଟି କରୁଛନ୍ତି । ଏହା ତାଙ୍କର ଶେଷ ପ୍ରଚେଷ୍ଟା । ଅତିମାନସର ଆଲୋକ ଓ ସତ୍ୟ ଶକ୍ତି ନିକଟରେ କଳିର ଶକ୍ତି ଆଉ ବେଶୀ ଦିନ ତିଷ୍ଠି ପାରିବ ନାହିଁ । ଆଜି ପୃଥିବୀରେ ଯେଉଁ ଖଣ୍ଡ ପ୍ରଳୟ ଦେଖା ଦେଇଛି ଏହା ତା'ର ଫଳ । ଏଥିରେ ଭୟଭୀତ ହେବା ଅନାବଶ୍ୟକ । ଯେଉଁମାନେ ସତ୍ୟକୁ ଜାବୁଡ଼ି ଧରିବାର ସଂକଳ୍ପ କରିଥିବେ ସେମାନଙ୍କୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ପଥ ପ୍ରଦର୍ଶନ କରିବ ।

ଆଜି ଆମେ ଏକ ମଧ୍ୟବର୍ତ୍ତୀ କାଳରେ ବାସ କରୁଛୁ । ଏହି ମଧ୍ୟବର୍ତ୍ତୀ କାଳକୁ ଶ୍ରୀମାଶ୍ରୀଅରବିନ୍ଦ 'ଦେବମୁହୂର୍ତ୍ତ' ବୋଲି କହୁଛନ୍ତି । ଏପରି ଦେବମୁହୂର୍ତ୍ତ ଏ ପୃଥିବୀପୃଷ୍ଠରେ ଖୁବ୍ ଦୁର୍ଲଭ ହୋଇଥାଏ । ଏ ବିଷୟରେ ଶ୍ରୀମା କହୁଛନ୍ତି : ''ଆମେ ଏପରି ଏକ 'ଦେବମୁହୂର୍ତ୍ତ'ର ସନ୍ଧିକ୍ଷଣରେ ଆସି ଉପସ୍ଥିତ ହୋଇଛୁ ଯେତେବେଳେ କି ପୁରାତନ ମୂଳଦୁଆ ଏକାବେଳେକେ ଦୋହଲି ଯିବାକୁ ଆରମ୍ଭ କଲାଣି ଏବଂ ସବୁଆଡ଼େ ଏକ ବିପୁଳ ଅନିଶ୍ଚିତତା ସମସ୍ତଙ୍କୁ ଗ୍ରାସ କରିଥିବା ପରି ମନେ ହେଉଛି । ମାତ୍ର ଯେଉଁମାନେ ଆଗକୁ ଏକ ଲମ୍ଫପ୍ରଦାନ କରିବାକୁ ଇଚ୍ଛା କରୁଛନ୍ତି, ଏହା ସେମାନଙ୍କ ପାଇଁ ମଧ୍ୟ ଏକ ଅପୂର୍ବ ସୁଯୋଗ ଆଣି ଦେଇଛି । ବର୍ତ୍ତମାନ ଅଗ୍ରଗତି ଲାଗି ଏକ ଅଭୁତପୂର୍ବ ସମ୍ଭାବନା ଆସି ପହଞ୍ଚିଛି ।

''ଯେଉଁମାନେ ଏହାର ସୁଯୋଗ ଗ୍ରହଣ କରିବେ, ତୁମେ ମଧ୍ୟ ସେମାନଙ୍କ ମଧ୍ୟରେ ରହିଛ ତ ? ଶାରୀରିକ ଶିକ୍ଷା ମାଧ୍ୟମରେ ତୁମମାନଙ୍କର ଶରୀର ସେହି ବୃହତ୍ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହେଉ । ସମସ୍ତଙ୍କ ଲାଗି ମୋର ଆଶୀର୍ବାଦ ।''

(୧ଏପ୍ରିଲ, ୧୯୭୧) (CWM, Vol. 12, p.279)

ଏଥର ଆମେ ବୁଝିବାକୁ ଚେଷ୍ଟା କରିବା ଏହି କୋରୋନା ରୋଗ ଜୀବାଣୁ କ'ଣ ? ଏବଂ ଏହା କେଉଁମାନଙ୍କୁ ଆକ୍ରମଣ କରିବାର ସମ୍ଭାବନା ଅଛି । ଅନ୍ୟ ରୋଗ ଜୀବାଣୁ ତୁଳନାରେ ଏହି ରୋଗର ଜୀବାଣୁ ଭିନ୍ନ । ଅନ୍ୟ ରୋଗର ଗୁଣଧର୍ମ ପ୍ରାୟ ନିର୍ଦ୍ଦିଷ୍ଟ ହୋଇଥାଏ; କିନ୍ତୁ କୋରୋନା ରୋଗର ଜୀବାଣୁର ଗୁଣଧର୍ମର ନିର୍ଦ୍ଦିଷ୍ଟତା ନାହିଁ । ସେଥିପାଇଁ ଏହି ରୋଗର ପ୍ରତିଷେଧକ ଟିକା ବାହାର କରିବା ମଧ୍ୟ କଠିନ । ସାରା ବିଶ୍ୱର ବୈଜ୍ଞାନିକମାନେ ଏହି ରୋଗର ଟିକା ଉଦ୍ଭାବନ କରିବାର ପ୍ରୟାସ ଜାରି ରଖିଛନ୍ତ । ଯଦିଓ ଭାରତ ସମେତ କେତେକ ଦେଶ ଏହି ରୋଗର ଟିକା ବାହାର କରି ସାରିଲେଣି କିନ୍ତୁ ଏହାକୁ ପ୍ରାରମ୍ଭିକ ଅବସ୍ଥାରେ ଯଥେଷ୍ଟ ପରୀକ୍ଷା-ନିରୀକ୍ଷା ନକରି ମାନବ ଶରୀରରେ ପ୍ରୟୋଗ କରିବା ସମ୍ଭବ ଅଥବା ନିରାପଦ ହେବ ନାହିଁ ।

ଏହି ରୋଗ ବିଶେଷ କରି ବୟସ୍କ ଲୋକ, ଶାରୀରିକ

ଭାବେ ରୋଗ ପ୍ରତିରୋଧକ ଶକ୍ତି (immunity)କମ୍ ଥିବା ବ୍ୟକ୍ତି, ବିଡ଼ି-ସିଗାରେଟ-ମଦ୍ୟପାନ କରୁଥିବା ବ୍ୟକ୍ତି ତଥା ଅନ୍ୟାନ୍ୟ କଠିନ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କର ପ୍ରଭୂତ କ୍ଷତି ସାଧନ କରୁଛି । ଅନ୍ୟ ପକ୍ଷରେ ମାନସିକ ଓ ପ୍ରାଣିକ ଚେତନାର ବିକୃତି ଫଳରେ ଅଧିକାଂଶ ରୋଗ ଆମକୁ ଆକ୍ରମଣ କରିଥାଏ । ଯାହାକୁ ଆମେ ଭୟ କରିଥାଉ ତାହା ହିଁ ଆମକୁ ଆକ୍ରମଣ କରିଥାଏ । ରୋଗ, ମୃତ୍ୟୁକୁ ଆମେ ଭୟ କରିଥାଉ – ତେଣୁ ଆମେ ଏମାନଙ୍କ ଦ୍ୱାରା ପରାଭୂତ ହୋଇଥାଉ । ଭୟ ଏପରି ଏକ ଜିନିଷ ଯାହା ରୋଗ ଜୀବାଣୁଠାରୁ ମଧ ଅଧିକ ସଂକ୍ରାମକ ହୋଇଥାଏ । ବାତାବରଣ ଯେତେବେଳେ ଭୟରେ ଭରି ଯାଇଥାଏ ସେତେବେଳେ ଏହା ନିର୍ଭୀକ ଲୋକଙ୍କୁ ମଧ ଭୟଭୀତ କରିଥାଏ । ଭୟ ମୁକ୍ତ ହେବା ଯଦିଓ ଏକ କଠିନ କାମ ତଥାପି ଏହା ଅସମ୍ଭବ ନୁହେଁ । ମଣିଷ ଯେତେବେଳେ ଭଗବାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଥାଏ ସେତେବେଳେ ସେ ଭୟ ମୁକ୍ତ ହୋଇଥାଏ । ଏହି ଶିକ୍ଷା ଆମକୁ ଦେବା ପାଇଁ କୋରୋନା ରୋଗ ଜୀବାଣୁର ଉତ୍ପତ୍ତି ହୋଇଛି । ତାକୁ ମନ ଓ ପ୍ରାଣର ପ୍ରଭାବରୁ ବାହାରି ଆସି ଭଗବାନଙ୍କ ପ୍ରଭାବରେ ରହିବାକୁ ହେବ ।

ବୟସ୍କ ଲୋକଙ୍କ ଶରୀରର ପ୍ରତିରକ୍ଷା ଶକ୍ତି କମିଯାଏ କାହିଁକି ? କାରଣ ଶରୀରରେ ରୋଗ ସହିତ ପରାକ୍ରମର ସହିତ ଲଢ଼ିବା ପାଇଁ ଯେଉଁ T-cell ଥାଏ, ସେମାନଙ୍କର ସଂଖ୍ୟା କମି ଯିବା ଦ୍ୱାରା ସେମାନଙ୍କ ପ୍ରତିରକ୍ଷା ଶକ୍ତି କମିଯାଇଥାଏ । ଏହି T-cell ହେଲା ଶରୀର ପ୍ରତିରକ୍ଷା ପାଇଁ କମାଣ୍ଡୋ ସୈନ୍ୟ ବାହିନୀ । ଏହାଛଡ଼ା ଶରୀରର ରୋଗ ଜୀବାଣୁ ସହିତ ଲଢ଼ିବା ପାଇଁ White cell, ବିଟା cell ଆଦି ରହିଛନ୍ତି । କିନ୍ତୁ ଏମାନଙ୍କ କ୍ଷମତା T-cell ପରି ହୋଇ ନଥାଏ । T-cell ଆମ ହୃଦୟର ପଛରେ ଥିବା 'ଥାଇମସ୍' ଗ୍ରନ୍ଥିରେ ଜନ୍ମ ନିଅନ୍ତି । କିନ୍ତୁ ମଣିଷ ଶରୀରରେ ଏହି ଗ୍ରନ୍ଥି ମାତ୍ର ତେର ବା ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ କ୍ରିୟା କରିଥାଏ । ପରେ ଏହା କ୍ଷୁଦ୍ରରୁ କ୍ଷୁଦ୍ର ହୋଇ ଏହାର ଅସ୍ତିତ୍ୱ ଲୋପ ପାଇଥାଏ । ତେଣୁ ବୟସ୍କମାନଙ୍କ ତୁଳନାରେ ଶିଶୁ ଓ ଯୁବକମାନଙ୍କର ଅଧିକ ରୋଗ ପ୍ରତିରୋଧ ଶକ୍ତି ରହିଥାଏ । ଅବଶ୍ୟ ଶରୀର କୋଷମାନେ ନିଜକୁ ଭାଙ୍ଗି ନୂତନ କୋଷକୁ ଜନ୍ମ ଦେଇଥା'ନ୍ତି । ମଣିଷର ସ୍ନାୟୁର କୋଷ ଛଡ଼ା ଅନ୍ୟ କୋଷମାନେ ଖୁବ୍ ଅଳ୍ପ ସମୟ ପର୍ଯ୍ୟନ୍ତ ବଞ୍ଚି ଥାଆନ୍ତି । ଯଦି ମଣିଷ ଶରୀରରେ କୌଣସି କୋଷ-ଜାତିର ଜନ୍ମ ଅପେକ୍ଷା ମୃତ୍ୟୁ ସଂଖ୍ୟା ବେଶୀ ହୁଏ ତେବେ ଏହାର ବଂଶ କମିଯିବା ସ୍ୱାଭାବିକ । ଯଦି ଏହିସବୁ କୋଷମାନଙ୍କର ଉତ୍ପତ୍ତିସ୍ଥଳର ବିକୃତି ବା ଅନୁପସ୍ଥିତି ଘଟେ ଏମାନଙ୍କର ବଂଶ ମଧ ଲୋପ ପାଇବା ସ୍ୱାଭାବିକ । ଏହି ନିୟମ ଅନୁଯାୟୀ ବୟସ୍କ ଲୋକଙ୍କ T-cell କମିଯିବା ଦ୍ୱାରା ତାଙ୍କର ରୋଗ ପ୍ରତିରକ୍ଷା କ୍ଷମତା ମଧ କମି ଯାଇଥାଏ ।

ଅବଶ୍ୟ ବୈଜ୍ଞାନିକମାନେ ମଣିଷର ଏହି ସମସ୍ୟାର ସମାଧାନ ପାଇଁ ନାନା ଚେଷ୍ଟା କରୁଛନ୍ତି । କେହି କେହି ବୈଜ୍ଞାନିକ କହୁଛନ୍ତି ଶୈଶବ ଅବସ୍ଥାରେ ମଣିଷ ଶରୀରରୁ ଏହି T-cellକୁ ବାହାର କରି ସେସବୁକୁ ଯଦି ସଂରକ୍ଷିତ କରି ରଖାଯାଏ ଏବଂ ବୃଦ୍ଧ ଅବସ୍ଥାରେ ସେହି T-cellକୁ ସେହି ବ୍ୟକ୍ତି ମଧରେ ଇଞ୍ଜେକସନ୍ ମାଧମରେ ପ୍ରବେଶ କରାଯାଏ ତେବେ ସେ ବୃଦ୍ଧ ବ୍ୟକ୍ତି ପୁଣି ତରୁଣ ହୋଇ ଯିବାର ସମ୍ଭାବନା ରହିଛି । ଏହିପରି ଭାବରେ ମଧ ମଣିଷ ଦୀର୍ଘ ଜୀବନ ଲାଭ କରି ପାରିବ । ଏହା ହେଲା ବିଜ୍ଞାନର କଥା । କିନ୍ତୁ ବିଜ୍ଞାନ ମାନସିକ ଶକ୍ତିରୁ ଉତ୍ପନ୍ନ ହୋଇ ଥିବାରୁ ଏହା ସମସ୍ୟାର ଯଥାର୍ଥ ସମାଧାନ କରି ପାରିବ ନାହିଁ ।

ସମସ୍ତ ରୋଗର ଯଥାର୍ଥ ପ୍ରତିକାର କେବଳ ଆଧାତ୍ମିକତାରେ ହିଁ ନିହିତ ଅଛି । ଅଧାତ୍ମ ଜୀବନ ଆମକୁ ନିରୋଗ, ଦୀର୍ଘଜୀବୀ କରିବ ଏବଂ ଶେଷରେ ଆମକୁ ଅମର କରିବ । ଶ୍ରୀମା କହୁଥିଲେ ତାଙ୍କର ବୟସ ଏକ ଶହ ବର୍ଷ ହେଲେ ସେ ପୁଣି ତାରୁଣ୍ୟ ଲାଭ କରିବେ । "...the body has a strong feeling that if I can last until one hundred it will become younger. Not younger, but... more capable of manifesting the Force. I don't feel weak, but somethings still drag."

(The Mothers Yoga, Part - 2, P. 403) – The Mother

ସମସ୍ତ ରୋଗ, ଆପଦ, ବିପଦ, ଦୁର୍ଘଟଣା ଘଟିଥାଏ ଆମର ଅଗ୍ରଗତି ପାଇଁ । ଏହି ହେଲା ପ୍ରକୃତିର ପୁରୁଣା ଉପାୟ । ଏ ବିଷୟରେ ଶ୍ରୀମା କହୁଛନ୍ତି :

"But I noticed how things, the so-called catastrophes or calamities or misfortunes or difficulties, how all that comes *just* in the nick of time to help you – *just* as it is needed to help you.... Indeed, all that which in the

physical nature belonged still to the old world, to its habits, its ways of doing and being, its ways of acting, all that could not be 'handled' in any other way than this : through illness."

(CWM. Vol. - 11, p. 246 - 247)

ଅର୍ଥାତ୍, ''ମାତ୍ର, ମୁଁ ଅତ୍ୟନ୍ତ ଭଲ ଭାବରେ ଲକ୍ଷ୍ୟ କରି ପାରିଲି, କିପରି ତୁମକୁ ସାହାଯ୍ୟ କରିବାକୁ ହିଁ ତଥାକଥିତ ଯାବତୀୟ ଦୁର୍ବିପାକ ବା ବିପର୍ଯ୍ୟୟ, ଦୁର୍ଭାଗ୍ୟ ବା ବିପଦ,– **ଠିକ୍** ସମୁଚିତ ସମୟରେ ଆସି ପହଞ୍ଚି ଯାଉଥିଲେ; **ଠିକ୍** ତୁମକୁ ସାହାଯ୍ୟ କରିବା ଲାଗି ସେଗୁଡ଼ିକର ଯେତେବେଳେ ପ୍ରୟୋଜନ ହେଉଥିଲା, ସେମାନେ ସେତିକିବେଳେ ଆସି ପହଞ୍ଚି ଯାଉଥିଲେ ।... ବସ୍ତୁତଃ, ସ୍ଥୂଳ ପ୍ରକୃତିର ଯାହାକିଛି ସେତେବେଳେ ତଥାପି ପୁରାତନ ପୃଥିବୀଟିର ଅନ୍ତର୍ଗତ ହୋଇ ରହିଥିଲା, ସେହି ପୃଥିବୀର ଅଭ୍ୟାସଗୁଡ଼ିକର ଅନ୍ତର୍ଗତ ହୋଇ ରହିଥିଲା, କରିବା, ହେବା ଓ କ୍ରିୟା କରିବାର ଯାବତୀୟ ସଂସ୍କାରର ଅନ୍ତର୍ଗତ ହୋଇ ରହିଥିଲା, କେବଳ ଏହି ଅସୁସ୍ଥତା ବ୍ୟତୀତ ଆଉ କୌଣସି ଉପାୟରେ ହିଁ ସେଗୁଡ଼ିକର 'ସମ୍ମୁଖୀନ ହେବାର' ବାଟ ନଥିଲା ।''

– ଶ୍ରୀମା

ବାସ୍ତବରେ ରୋଗ, ଯନ୍ତ୍ରଣାସବୁ ଆସିଥାଏ ଆମର ମଙ୍ଗଳ ପାଇଁ । ଆମେ ଏକଥା ଅଜ୍ଞାନତାବଶତଃ ବୁଝି ପାରି ନଥାଉ । ତେଣୁ ଏଥିରେ ପୀଡ଼ିତ ହୋଇଥାଉ । ଶ୍ରୀଅରବିନ୍ଦ ତାଙ୍କର ଏକ କାରିକା (Thoughts and Aphorisms)ରେ କହୁଛନ୍ତି : "Disease is needlessly prolonged and ends in death oftener than is inevitable, because the mind of the patient supports and dwells upon the disease of his body."

(CWM., Vol. - 11, p. - 224)

ଶ୍ରୀମା ଏହି କାରିକାକୁ ବ୍ୟାଖ୍ୟା କରିବାକୁ ଯାଇ କହୁଛନ୍ତି : ''What Sri Aurobindo says here of diseases is just that : the force of habit and of all its constructions and all that appears inescapable and irrevocable in diseases, all that, it is as though experiences were multiplied in order to show... in order that one might learn that it is simply a question of attitude, yes, attitude, of going beyond, going beyond this mental prison in which humanity has shut itself and of... breathing up above."

(CWM., Vol. - 11, pp. 227 - 228)

ଅର୍ଥାତ୍ : ''ଏଠାରେ ଶ୍ରୀଅରବିନ୍ଦ ରୋଗ ବିଷୟରେ ଯାହା କହୁଛନ୍ତି ତାହା ହେଲା : ଅଭ୍ୟାସର ଶକ୍ତି ଓ ଏହାର ସମସ୍ତ ଗଠନ ଯେଉଁ ଗୁଡ଼ାକର କବଳରୁ ମୋଟେ ରକ୍ଷା ପାଇ ହେବ ନାହିଁ ଓ ଯାହାର ଖଣ୍ଡନ କରାଯାଇ ପାରିବ ନାହିଁ ବୋଲି ମନେ ହେଉଥାଏ,– ସେହି କଥାଟିକୁ ଦର୍ଶାଇ ଦେବାକୁ ସେଗୁଡ଼ାକ ସଂଖ୍ୟାରେ ଏତେ ବେଶୀ ବୃଦ୍ଧି ପାଇବାରେ ଲାଗିଥିଲା ଯେ,– ଏହା ଯେ ପ୍ରକୃତରେ ଏକ ଦୃଷ୍ଟିଭଙ୍ଗୀର କଥା, ହଁ ଦୃଷ୍ଟିଭଙ୍ଗୀର କଥା, ଡେଇଁ କରି ସେପାଖକୁ ଚାଲିଯିବାର କଥା, ମନୁଷ୍ୟଜାତି ଆପଣାକୁ ବନ୍ଦୀ କରି ରଖିଥିବା ଏହି ମାନସିକ କାରାଗାର ଭିତରୁ ବାହାରି ଯିବାର କଥା... ଓ ଊର୍ଦ୍ଧ୍ୱଦେଶକୁ ଚାଲିଯାଇ ନିଃଶ୍ୱାସ ନେବାର କଥା, ଯେପରି ସେହି କଥାଟିକୁ ଶିକ୍ଷା କରାଯାଇ ପାରିବ, ସେଇଥିଲାଗି ସବୁକିଛି ଏପରି ବୃଦ୍ଧି ପାଇବାରେ ଲାଗିଥିଲା ।''

– ଶ୍ରୀମା

ଶ୍ରୀମା ପୁଣି ଏହା ପରେ ପରେ କହୁଛନ୍ତି :

"Before, those who had inner experiences used to say, 'Yes, up there it is so, but here...' Now the 'but here' very soon will no longer be. This is the conquest that is being done, this tremendous change : that physical life must be governed by the higher consciousness and not by the mental world. It is a change over of authority.... It is difficult. It is hard. It is painful. Naturally there is breakage, but... But truly one can see – one can see. And that is the *real change*, it is that which will enable the new Consciousness to express itself. And the body is learning, learning its lesson – all bodies, all bodies."

(CWM, Vol. - 11, p. - 228)

ଅର୍ଥାତ୍ : ''ପୂର୍ବ କାଳରେ ଯେଉଁମାନଙ୍କର ଆନ୍ତର ଅନୁଭୂତି ହୋଇଛି ସେମାନେ କହନ୍ତି, ଊର୍ଦ୍ଧ୍ୱରେ ଏହା (ଆଧ୍ୟାତ୍ମିକତାର ବାତାବରଣ) ରହିଛି, କିନ୍ତୁ ଏଠାରେ ! ବର୍ତ୍ତମାନ କିନ୍ତୁ ଏଠାରେ ଏହି ଭାବ ଆଉ ରହିବ ନାହିଁ, ଏହା ଅତି ଶୀଘ୍ର ଚାଲିଯିବ । ଏହାର ବିଜୟ ଲାଭ ହୋଇ ସାରିଛି — ଏହି ପ୍ରଚଣ୍ଡ ପରିବର୍ତ୍ତନ ହୋଇ ସାରିଛି, ଅର୍ଥାତ୍ ସ୍ଥୂଳ ଜୀବନ ଉଚ୍ଚତର ଚେତନା ଦ୍ୱାରା ନିଶ୍ଚିତ ରୂପେ ପରିଚାଳିତ ହେବ କିନ୍ତୁ ମନ-ରାଜତ୍ୱର ପରିଚାଳନା ନୁହେଁ । ଏହା ହେଲା ପରିଚାଳନାର ଅଦଳ-ବଦଳ... । ଏହା କଠିନ । ଏହା ଅତୀବ କଠିନ କାମ । ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ସ୍ୱଭାବତଃ ଏହାର ପରିବର୍ତ୍ତନ ଘଟିଛି । ତୁମେ ଏହାକୁ ଦେଖିପାରିବ । ଏବଂ ଏହା ହେଲା **ପ୍ରକୃତ ପରିବର୍ତ୍ତନ**, ଯାହା ଦ୍ୱାରା ନୂତନ ଚେତନା ନିଜକୁ ପ୍ରକାଶ କରିବ । ଶରୀର ଏହାକୁ ଶିକ୍ଷା କରୁଛି — ସବୁ ଶରୀର, ସବୁ ଶରୀର ।''

— ଶ୍ରୀମା

ଏହା ହିଁ ମଣିଷର ଜଟିଳ ସମସ୍ୟାର ସମାଧାନ । ମଣିଷ ଆଉ ସତ୍ୟ ଓ ମିଥ୍ୟାର ମିଶ୍ରଣରେ ବାସ କରିପାରିବ ନାହିଁ । ତାକୁ ଆଉ ମନର ବିଭେଦତା ଭିତରେ ରହିବାକୁ ପଡ଼ିବ ନାହିଁ । ମନର ଦ୍ୱନ୍ଦ୍ୱଯୁକ୍ତ ବିଚାର ବୁଦ୍ଧିରେ ବାସ ନକରି ତାକୁ ଚେତନାର ବିଶାଳ ସମୁଦ୍ରରେ ବାସ କରିବାକୁ ହେବ । ସମୂହର କଲ୍ୟାଣ ପାଇଁ କର୍ମ କରିବାକୁ ହେବ । ତାକୁ ପୂର୍ଣ୍ଣ ନିଷ୍ଠାପର ହେବାକୁ ପଡ଼ିବ । ସମସ୍ତ ଅହଂକାରରୁ ବାହାରି ଆସି ତାକୁ ଛୋଟ ଶିଶୁତୁଲ୍ୟ ହୋଇ ଜୀବନ ନିର୍ବାହ କରିବାକୁ ହେବ କେବଳ ଭଗବାନଙ୍କର ଇଚ୍ଛାର ପୂରଣ ପାଇଁ; ନିଜ ଅହଂଯୁକ୍ତ, ସ୍ୱାର୍ଥଯୁକ୍ତ ଇଚ୍ଛାର ପୂରଣ ପାଇଁ ନୁହେଁ । ଏ ହେଲା ନୂତନ ଯୁଗ ନିର୍ମାଣର ସମୟ । ଏ ପୃଥିବୀପୃଷ୍ଠରେ ଆଉ ପୁରାତନ ଧାରା ଚଳିବ ନାହିଁ । ଯଦି ତୁମେ ଅଧ୍ୟାତ୍ମ ପଥ ବାଛି ନେଇଛ ତେବେ ତୁମକୁ ପୂର୍ଣ୍ଣ ନିଷ୍ଠାର ସହିତ ଏହି ପଥରେ ଚାଲିବାକୁ ହେବ । ଏବଂ ଯେଉଁମାନେ ଏବେ ବି ଅଧ୍ୟାତ୍ମ ପଥକୁ ଆସି ନାହାନ୍ତି ସେମାନଙ୍କୁ ଏହି ପଥକୁ ଆସିବାକୁ ପଡ଼ିବ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶର ଆଧ୍ୟାତ୍ମିକତାରେ ହିଁ ସମ୍ପୂର୍ଣ୍ଣ ପୂର୍ଣ୍ଣତା ରହିଛି । ଭବିଷ୍ୟତର ଯୁଗ ହେଲା ଯଥାର୍ଥ ଆଧ୍ୟାତ୍ମିକତାର ଯୁଗ ।

ଏହି କଥା ଶିଖାଇବା ପାଇଁ ମଣିଷ ପାଇଁ ନାନା ପ୍ରକାରର ବାଧାବିପତ୍ତି ଆସୁଛି, ଶେଷରେ ଏହି କୋରୋନା ରୋଗ ଜୀବାଣୁ ମଧ୍ୟ । କେବଳ କୋରୋନା ଜୀବାଣୁ କବଳରୁ ଆମକୁ ବଞ୍ଚାଇ ରଖିବା ପାଇଁ ଲଢ଼ିବାକୁ ପଡ଼ିବ ନାହିଁ, ଏହାର ପଶ୍ଚାତରେ ଥିବା ଶିକ୍ଷାକୁ ଗ୍ରହଣ କରି ଆମେ ନିଜ ସହିତ ଲଢ଼େଇ କରି ଆମକୁ ମହାନ୍, ଦୁରୂହ ଶରୀର ରୂପାନ୍ତରର କାର୍ଯ୍ୟ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ଶ୍ରୀମା ପୁନଶ୍ଚ କହୁଛନ୍ତି :

"And it is very clear, it is quite evident that all objections, all contradictions come merely from a superficial mind which sees only the appearance of things. It is precisely to put your consciousness on guard against that, so that it might not be duped by such things and might see clearly that it is altogether external, superficial, and that behind this, all that is being done is moving as fast as possible towards... transformation."

(CWM, Vol. - 11, p. - 217)

ଅର୍ଥାତ୍ : ''ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ, ଏହାର ପ୍ରମାଣ ହେଲା — ସମସ୍ତ ପ୍ରତିବାଦ, ସମସ୍ତ ବିରୋଧୋକ୍ତି ଆସିଥାଏ ବାହ୍ୟ ମନରୁ, ଯାହା ବସ୍ତୁ ସକଳର ବାହ୍ୟ ରୂପକୁ ଦେଖିଥାଏ । ଏଥିପାଇଁ ତୁମକୁ ଏହିସବୁ ବିରୋଧିତା କବଳରୁ ରକ୍ଷା କରିବାକୁ ହେବ ଯାହା ଦ୍ୱାରା ତୁମେ ଏହିସବୁ ଘଟଣାରେ ପ୍ରତାରିତ ନ ହୁଅ ଏବଂ ତୁମେ ସ୍ପଷ୍ଟ ଭାବରେ ଦେଖିପାରିବ ଯେ ଏସବୁ ହେଲା ଘଟଣାର ବାହ୍ୟ ରୂପ, କିନ୍ତୁ ତା' ପଶ୍ଚାତରେ ଥିବା ସତ୍ୟକୁ ଜାଣିବା ଦ୍ୱାରା ତୁମକୁ ରୂପାନ୍ତର ପଥରେ ଦ୍ରୁତ ଅଗ୍ରଗତି କରାଇଥାଏ ।''

— ଶ୍ରୀମା

ଏହା ହିଁ ହେଲା ଭବିଷ୍ୟତର ସତ୍ୟ । ମନକୁ ଛାଡ଼ି ଆମେ ଯଥାର୍ଥ ସତ୍ୟର ଦର୍ଶନ କରିବୁ । ଆମକୁ ଅଜ୍ଞାନତା, ଅସତ୍ୟ, ମାୟା ଆଉ ବାନ୍ଧି ରଖି ପାରିବ ନାହିଁ । ପ୍ରତ୍ୟେକ ଘଟଣାର ପଶ୍ଚାତରେ ଥିବା ସତ୍ୟକୁ ଆମେ ଦେଖିପାରିବୁ — ଏହା ହିଁ ହେଲା ଯଥାର୍ଥ ଆଧ୍ୟାତ୍ମିକତା ।

(କ୍ରମଶଃ)

❑❑❑

# ସୁସ୍ଥତାର ପରମ ଗୋପନୀୟତା

## (୪)

## ସୂର୍ଯ୍ୟକାନ୍ତି ମହାନ୍ତି

### ଉତ୍ସାହ

ବାରଟି ମନଃ ଶକ୍ତି ମଧ୍ୟରୁ 'ଉତ୍ସାହ' ହେଉଛି ଏକ ଶକ୍ତି-କେନ୍ଦ୍ର ଯାହା ମନ, ଶରୀର ଓ ବ୍ୟକ୍ତିତ୍ୱ ପାଇଁ ବିଶେଷ ପ୍ରକାର କାର୍ଯ୍ୟ କରିଥାଏ । ଏହା ସଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ଏହାର ଅବସ୍ଥିତି ବେକର ପଛପଟେ, ମସ୍ତିଷ୍କର ମୂଳରେ ଏବଂ medulla oblongata ମଧ୍ୟରେ । ପ୍ରାଚୀନ ଯୁଗରେ କୁହାଯାଉଥିଲା ଯେ ଉତ୍ସାହ ହେଉଛି ଭଗବାନଙ୍କର ମଣିଷ ପାଇଁ ଏକ ସ୍ୱତନ୍ତ୍ର ଉପହାର । କାରଣ ଉତ୍ସାହୀ ଲୋକେ କିଛି ଗୋଟାଏ ନିର୍ଦ୍ଦିଷ୍ଟ କଥାରେ ଲାଗି ରହିଥା'ନ୍ତି, ଯାହା ସାଧାରଣ ଲୋକଙ୍କଠାରୁ ଏମାନଙ୍କୁ ଭିନ୍ନ କରିଥାଏ । ଏହି ଶକ୍ତି ମନୁଷ୍ୟକୁ ତା' ଯୋଗ୍ୟତା ସମ୍ପାଦନ କରିବା ନିମିତ୍ତ ସାମର୍ଥ୍ୟ ପ୍ରଦାନ କରିଥାଏ । ଏହା ଦକ୍ଷତା ଓ ପ୍ରତିଭାକୁ ପ୍ରକାଶ କରିବାରେ ପୂର୍ଣ୍ଣ ସହାୟତା କରିଥାଏ । ଏପରିକି ବ୍ୟକ୍ତିକୁ ତା' ଲକ୍ଷ୍ୟର ଶୀର୍ଷରେ ପହଞ୍ଚାଇ ପ୍ରସିଦ୍ଧ ଓ ଗୌରବାନ୍ୱିତ ବି କରି ଦେଇପାରେ କିନ୍ତୁ ମଣିଷ ନିମନ୍ତେ କେବଳ ଏହି ଶକ୍ତିକୁ ଜାଣି ତାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

ତେବେ ଏପରି ଏକ ଶକ୍ତି-କେନ୍ଦ୍ରର ଅବସ୍ଥିତି ବେକରେ ଥିବାରୁ ଏବଂ ମୁଣ୍ଡ ଓ ଉଦର ମଧ୍ୟରେ ଭାରସାମ୍ୟକାରୀ ସ୍ଥାନ ଏହି ବେକ ହୋଇଥିବାରୁ ଏଠାରେ ବୌଦ୍ଧିକ ଶକ୍ତି ଓ ଅନ୍ତର୍ଜ୍ଞାନର ସମନ୍ୱୟ ଘଟିଥାଏ । ଦେଖାଯାଏ ଯେ ସ୍ୱାସ୍ଥ୍ୟ ଠିକ୍ ଥିବା ସମୟରେ ବେକ ନମନୀୟ ଓ ମଜଭୁତ ରହେ । ଉତ୍ସାହ-କେନ୍ଦ୍ର କାନ, ଆଖି, ନାକ, ମୁଖ ଓ ସ୍ନାୟବିକ ବ୍ୟବସ୍ଥାକୁ ନିର୍ଦ୍ଦିଷ୍ଟ ପ୍ରକାର ଶକ୍ତି ପ୍ରଦାନ କରେ । ଏପରିକି ଏହି ଶକ୍ତିର ସଠିକ୍ ଉପଯୋଗରେ ଶରୀରସ୍ଥ ପଞ୍ଚ-ମହାଭୂତ ଶକ୍ତି ପ୍ରାପ୍ତ ହୁଅନ୍ତି । ଏଣୁ ଏହି ଉତ୍ସାହ କେନ୍ଦ୍ରକୁ ଏକ ବୃହତ୍ ଉଦ୍ଦୀପକ କୁହାଯାଏ ।

ଅପରପକ୍ଷରେ ବେକର ପରିସରରେ ଅସୁସ୍ଥତାର ଅର୍ଥ ହେଉଛି ଉତ୍ସାହ ଶକ୍ତିର ଅପବ୍ୟବହାର ଘଟିବା । କୌଣସି ନୂତନ ଧାରଣା ବା ପରିକଳ୍ପନା ଉପରେ ସମ୍ପୂର୍ଣ୍ଣ ଭାବରେ ଅସହିଷ୍ଣୁତା ବା ଘୋର ପ୍ରତିରୋଧ ଦୀର୍ଘ ଦିନ ଧରି ଚାଲିଲେ, ସେହି ଲୋକର ଏ ପ୍ରକାର ଅନମନୀୟ ମନୋଭାବ ତା' ବେକ ଉପରେ କୁ-ପ୍ରଭାବ ପକାଏ । ଏ ପ୍ରକାର ଅସହିଷ୍ଣୁ ଲୋକ ସାଧାରଣତଃ ଏକ ଜିଦିଆ, ଦାମ୍ଭିକ, ଉଦ୍ଧତ ଓ ବିଦ୍ରୋହୀ ହୋଇଥା'ନ୍ତି । ସେମାନେ ନୂତନ ଧାରଣାର ପରିପନ୍ଥୀ ହୋଇଥିବାରୁ ନିଜ ଇଚ୍ଛାକୁ ଅନ୍ୟ ଉପରେ ଜୋର୍ କରି ଲଦି ଦିଅନ୍ତି ଏବଂ ଅନ୍ୟର ଦୃଷ୍ଟିକୋଣକୁ ବିବେଚନା କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି । ପରିବାରରେ ଜଣେ ବ୍ୟକ୍ତି ଏପରି ଉଦ୍ଧତ ହେଲେ ପରିବାରର ଅନ୍ୟମାନେ ତା' ଔଦ୍ଧତ୍ୟ ସହିବାକୁ ମଧ୍ୟ ବାଧ୍ୟ ହୁଅନ୍ତି । ଏପରି ପରିସ୍ଥିତିରେ ସମଗ୍ର ପରିବାର କ୍ଷତିଗ୍ରସ୍ତ ହୋଇଥାଏ ।

ଏଣୁ ଯେତେବେଳେ ଗ୍ରୀବାରେ ଅସୁସ୍ଥତା ଥିବା ବ୍ୟକ୍ତିର ବେକକୁ ଆରୋଗ୍ୟ କରିବାର ଆବଶ୍ୟକତା ଦେଖାଦିଏ, ପ୍ରଥମେ ଜଣେ ନିଜକୁ ନିଜେ ପ୍ରଶ୍ନ କରିବା ଦରକାର ଯେ ମୁଁ ଅନ୍ୟ ପ୍ରତି ସହିଷ୍ଣୁ ବା ନମନୀୟ ଅଛି ତ ? ମୁଁ ଯେପରି କହୁଛି ବା ଭାବୁଛି – ଅନ୍ୟକୁ ତାହା ଜୋର୍ କରି କରିବାକୁ କହେ କି ? ମୋ ନିଜ ଭିତରେ ସତ୍ୟର ଯେଉଁ ସ୍ୱର ଅଛି ତାକୁ ମୁଁ ବିରୋଧ କରୁଛି କି ?

ଏସବୁ ପ୍ରଶ୍ନର ଉତ୍ତର ଯଦି ସେ ସଠିକ୍ ଭାବରେ ପାଇପାରେ ନାହିଁ, ତା'ର ଅର୍ଥ ହେଉଛି ତା'ର କୌଣସି ବିଷୟରେ ଉତ୍ସାହ ନାହିଁ । ଉତ୍ସାହ ରହିତ ମଣିଷ ହୋଇଥାଏ କ୍ଷମତା, ଶକ୍ତି ଓ ସାମର୍ଥ୍ୟ ନଥିବା ଏକ ଇଞ୍ଜିନ୍ ପରି । ଏହାକୁ କୁହାଯାଇପାରେ ଅବରୁଦ୍ଧ ଶକ୍ତିର ଏକ ଡାଇନାମୋ ବା ଉତ୍ପାଦକ ଯନ୍ତ୍ର ପରି । ବାସ୍ତବରେ ଉତ୍ସାହର ଅର୍ଥ ହେଉଛି ସକ୍ରିୟ ଆଗ୍ରହ; ଯାହାକୁ ପ୍ରେରଣା କୁହାଯାଏ । ଏଣୁ ଏହି ଶକ୍ତିକୁ ଠିକ୍ ଭାବରେ ବ୍ୟବହାର କରି ଜଣେ ଯେପରି ସୌଭାଗ୍ୟକୁ ପ୍ରାପ୍ତ କରିପାରେ, ବିପରୀତ ଭାବରେ ଏଇ ଶକ୍ତିକୁ ପରିଚାଳିତ କରି ବ୍ୟକ୍ତି ନିଜର ଦୁର୍ଭାଗ୍ୟକୁ ବି ନିମନ୍ତ୍ରଣ କରିପାରେ ।

ଦେଖାଯାଏ ଉତ୍ସାହ କେନ୍ଦ୍ର ଶରୀରର ସ୍ନାୟବିକ ଅବସ୍ଥାରେ ବିଦ୍ୟୁତୀକରଣ କରି ଶକ୍ତିରେ ପରିଣତ କରାଏ ।

ମାତ୍ର ଏପରି ଏକ ଚମତ୍କାର ଶକ୍ତିକୁ ଯଦି ବୁଦ୍ଧିହୀନଭାବେ ନଷ୍ଟ କରାଯାଏ, ତା'ହେଲେ ପଞ୍ଚ ମହାଭୂତ ମାଧ୍ୟମରେ ଜଣକର ଶାରୀରିକ ପ୍ରତିକ୍ରିୟା ସୃଷ୍ଟି ହୁଏ । ଏହା ଆଖି, କାନ, ନାକ ଓ ଗଳାରେ ଅସୁବିଧା ସୃଷ୍ଟି କରିପାରେ । ଏପରିକି କ୍ରମାଗତ ଭାବରେ ଖରାପ ଭାଷା ବ୍ୟବହାର କଲେ ଦାନ୍ତ ମଧ୍ୟ ପ୍ରଭାବିତ ହୁଏ । ମୁଖରୁ ନିର୍ଗତ ହେଉଥିବା ପ୍ରତ୍ୟେକଟି ଶବ୍ଦ ଆଣବିକ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏହା ସମଗ୍ର ଶାରୀରିକ ବ୍ୟବସ୍ଥାକୁ ପ୍ରଭାବିତ କରେ । ପ୍ରାଚୀନ ଯୁଗର ଚିକିତ୍ସକମାନେ ଏହି ଉତ୍ସାହ କେନ୍ଦ୍ରର ରହସ୍ୟାବୃତ କାର୍ଯ୍ୟ ପ୍ରଣାଳୀରେ ବିସ୍ମିତ ହୋଇ ଏହାକୁ ମସ୍ତିଷ୍କର ଅଫିସ ବୋଲି କହୁଥିଲେ ।

ତେବେ ମନରେ ପ୍ରଶ୍ନ ଆସିପାରେ ନିରୁତ୍ସାହିତ ଅବସ୍ଥାରୁ ରକ୍ଷାପାଇବା ପାଇଁ କିଛି ପ୍ରତିକାର ଅଛି କି ? ନିଶ୍ଚୟ ଅଛି । ପ୍ରଥମରେ ଜଣେ କେବେ ବି ଅନାବଶ୍ୟକୀୟ କାର୍ଯ୍ୟକଳାପରେ ଆଗ୍ରହ ପ୍ରକାଶ ନ କରି ବିଜ୍ଞତାର ସହିତ କେବଳ କୌଣସି ଏକ ଭଲ କାମରେ ସମୟ ଦେବା ଉଚିତ । ଦ୍ୱିତୀୟରେ ନିଜର କହୁଥିବା କଥା ବା ବାକ୍ୟରେ ମଧୁରତା ରକ୍ଷା କରିବା ।

ସମୟ ସମୟରେ ମଣିଷ କହେ ମୋର କିଛି ଶକ୍ତି ନାହିଁ । ଏହାର ଅର୍ଥ ହେଉଛି ସେ ତା' ଶକ୍ତିକୁ ଭୁଲ୍ ଦିଗରେ ପରିଚାଳିତ କରିଛି । ତେବେ ଶକ୍ତି ଲାଭ କରିବା ପାଇଁ ସେ ନିଜକୁ ନିଜେ ବାରଂବାର କହିପାରେ, ''ମୋ ଜୀବନରେ ସାଫଲ୍ୟ ଅଛି । ମୁଁ ଆନନ୍ଦରେ ଅଛି ।'' ଏସବୁ କଥା ତା' ଜୀବନରେ ନ ଘଟୁଥିଲେ ବି ସେ ଏପରି ଭାବେ ପୁନଃ ପୁନଃ କହି ହେଉଥିବ । ଏପରି କାର୍ଯ୍ୟଧାରା କୌତୂହଳଜନକ ଲାଗୁଥିଲେ ମଧ୍ୟ ଏହା ହିଁ ସଠିକ୍ ଭାବରେ କାମ କରେ ।

ଏଣୁ ଏପରି ଏକ ଅନ୍ତର୍ନିହିତ ଶକ୍ତି ଜଣକ ଜୀବନକୁ ପରିବର୍ତ୍ତିତ କରି ଦେଇପାରେ । ତାକୁ ଶାରୀରିକ ସୌନ୍ଦର୍ଯ୍ୟ ସହିତ ବ୍ୟକ୍ତିତ୍ୱର ତେଜସ୍କ୍ରିୟତା ପ୍ରଦାନ କରେ । ଏପରିକି କେହି କେହି କହନ୍ତି ଉତ୍ସାହ ହେଉଛି ସାଫଲ୍ୟର ଚାବିକାଠି । କାରଣ ଏହି ଶକ୍ତି କାର୍ଯ୍ୟର ଲକ୍ଷ୍ୟ ପ୍ରାପ୍ତି ପାଇଁ ସୃଷ୍ଟି କରେ ଚୁମ୍ବକୀୟ କ୍ଷେତ୍ର । ଦେଖାଯାଏ ଯେ ଉତ୍ସାହୀ ଲୋକ ସାଧାରଣତଃ ଶାନ୍ତ ପ୍ରକୃତିର ହୋଇଥାଏ । ଅଯଥା କଥା କହିବାକୁ ସେ ଭଲ ପାଏ ନାହିଁ । ଅଥଚ ତା' ନିଜସ୍ୱ ଜୀବନକୁ ଘେରି ରହିଥିବା ପୃଥିବୀକୁ ଆପଣା ନିୟନ୍ତ୍ରଣରେ ରଖିଥାଏ ।

ଏହିପରି ଏକ ଅସାଧାରଣ ଶକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଚମତ୍କାର ଧାରା ବା ପ୍ରଣାଳୀ ଅଛି । ଏହା ହେଉଛି ପ୍ରଶଂସା । ନିଜର ସ୍ୱାସ୍ଥ୍ୟ, ନିଜର ପରିବେଶ ଓ ନିଜର ପୃଥିବୀକୁ ଆନ୍ତରିକ ଭାବେ ପ୍ରଶଂସା କର । ଏହା ମନୁଷ୍ୟ ଜୀବନରେ ନୂତନ ଆଶା, ନୂତନ ଶକ୍ତି ଓ ନୂତନ ଆନନ୍ଦ ସୃଷ୍ଟି କରେ । କାରଣ ପ୍ରଶଂସାରେ ଉଚ୍ଚାରିତ ଶବ୍ଦ ଭିତରର ଅବରୁଦ୍ଧ ଶକ୍ତିକୁ ମୁକ୍ତ କରି ସହସ୍ରାର ଚକ୍ରରେ ଥିବା ଅସୀମ ଧୀ-ଶକ୍ତି ସହ ସଂଯୋଜିତ ହୋଇଯାଏ । ଫଳରେ ଅସମ୍ଭବ କାର୍ଯ୍ୟ ବି ସମ୍ଭବ ହୋଇପାରେ । ଅବଶ୍ୟ ଏହି ପ୍ରଶଂସାର କଥାଗୁଡ଼ିକ ଅନ୍ୟ ସମ୍ମୁଖରେ ଦେଖାଇ ହେବା ପାଇଁ ଉଦ୍ଦିଷ୍ଟ ନୁହେଁ । ଏପରି ହେଲେ ହୁଏତ ସମ୍ଭବ କାର୍ଯ୍ୟ ଅସମ୍ଭବ ବି ହୋଇଯାଏ ଏବଂ ନିଜ ବ୍ୟକ୍ତିତ୍ୱର ହାନି ଘଟେ ।

ପ୍ରଶଂସାର ଶକ୍ତି ତିନୋଟି ମନଃ ଶକ୍ତିକୁ ପ୍ରଭାବିତ କରେ । ଯଥା : (୧) ମଥାର ପଛପଟେ ଥିବା 'ଉତ୍ସାହ' କେନ୍ଦ୍ର, (୨) ଗଳାରେ ଥିବା 'ସାମର୍ଥ୍ୟ' କେନ୍ଦ୍ର ଏବଂ (୩) ଉଦର(abdomen) ପରିସରରେ ଥିବା 'ଜୀବନୀ' କେନ୍ଦ୍ର । ଏପରିକି ଉତ୍ସାହ ଶକ୍ତି ଏହି ତିନୋଟି ଅଞ୍ଚଳରେ ସୃଷ୍ଟ ଯେକୌଣସି ରୋଗକୁ ସୁସ୍ଥ କରାଏ । ଏଣୁ ଉତ୍ସାହ ଓ ପ୍ରଶଂସା ମଣିଷକୁ ଉତ୍ତୁଙ୍ଗ ସ୍ତରରେ ପହଞ୍ଚାଇବାର କ୍ଷମତା ବହନ କରେ । ଫଳରେ ଜଣେ ଗୀତ ଗାଇବା, ହସିବା, ହସାଇବା, ଅନ୍ୟର ଭଲ କାମ ଦେଖି ଆନନ୍ଦ ପ୍ରକାଶ କରିବା ଆଦି କରିପାରେ ।

ତେବେ ସୁସ୍ଥତାର ଆଉ କିଛି ଗୋପନ କଥା ବି ଅଛି । ଯଦି କାହାରିକୁ ଧନ୍ୟବାଦ ଦେବାର ଅଛି, ତା' ହେଲେ ଧନ୍ୟବାଦ ସହ ତା' ଉତ୍ତମ ସ୍ୱାସ୍ଥ୍ୟର କାମନା କର ବା ସୁସ୍ଥତା ପାଇଁ ନିଜର ଖୁସି ବ୍ୟକ୍ତ କର । କାରଣ ଯାହାକୁ ବା ଯେଉଁ ପରିସ୍ଥିତିକୁ ପ୍ରଶଂସା କରାଯାଏ ବା ଧନ୍ୟବାଦ ଦିଆଯାଏ, ସେହି ଘଟଣା ଓ ପରିସ୍ଥିତିର ଉନ୍ନତି ହୁଏ । କାରଣ ଏହି ଭାଷା ବା ଶବ୍ଦରେ ରହିଥାଏ ଜୀବନୀ ଶକ୍ତି ବା ଆରୋଗ୍ୟକାରୀ ଶକ୍ତି । ବାସ୍ତବରେ ପ୍ରଶଂସାର ଶବ୍ଦ ଦୁର୍ବଳତାରୁ ସବଳତାକୁ, ଦାରିଦ୍ର୍ୟରୁ ସମୃଦ୍ଧିକୁ ଏବଂ ଅସୁସ୍ଥତାରୁ ସୁସ୍ଥତାକୁ ନେଇ ଯିବାର ସମସ୍ତ ଶକ୍ତି ବହନ କରେ । ମୁଖ୍ୟତଃ ଦେଖାଯାଏ ଶିଶୁମାନଙ୍କୁ ବା ଶିକ୍ଷାର୍ଥୀମାନଙ୍କୁ ପ୍ରଶଂସା କଲେ ସେମାନେ ବହୁତ ଉତ୍ସାହିତ ହୁଅନ୍ତି । ଏପରିକି ଅଧସ୍ତନ କର୍ମଚାରୀମାନଙ୍କୁ ଉପରିସ୍ଥ ଅଧିକାରୀଙ୍କର ପ୍ରଶଂସା ସେମାନଙ୍କର କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରାଇଥାଏ ।

ଅପରପକ୍ଷରେ ସର୍ବଦା ଅନ୍ୟକୁ ନିନ୍ଦା କଲେ ଜଣେ ନିଜେ କିପରି ଅସୁସ୍ଥ ହୁଏ ଏହାର ଏକ ଛୋଟ ଉଦାହରଣ ଏହିପରି :

ଜାପାନର ଜଣେ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ । ତାଙ୍କର ଏକ ବିଶିଷ୍ଟ ଦୁର୍ଗୁଣ ଥିଲା ଯେ ସେ ସବୁବେଳେ ଅନ୍ୟର ଦୋଷ ଦେଖୁଥିଲେ, ଅନ୍ୟକୁ କଡ଼ା ସମାଲୋଚନା କରୁଥିଲେ । ତେବେ ସମସ୍ତ ଉନ୍ନତ ଚିକିତ୍ସା ସତ୍ତ୍ୱେ ଯେତେବେଳେ ସେ ସୁସ୍ଥ ହୋଇପାରିଲେ ନାହିଁ, ଦିନେ ସେ ଜଣେ ବିଖ୍ୟାତ ଜାପାନୀ ଦାର୍ଶନିକ ଓ ଆଧ୍ୟାତ୍ମିକ ପରାମର୍ଶଦାତା Dr. Masaharu Taniguchiଙ୍କୁ ସାକ୍ଷାତ୍ କରି ତାଙ୍କ ପରାମର୍ଶ ଲୋଡ଼ିଲେ । ତାଙ୍କର ପରାମର୍ଶ ଅନୁଯାୟୀ ରୋଗୀ ଜଣକ ଅନ୍ୟର ଦୋଷ ଦେଖିବା ପୂରାପୂରି ବନ୍ଦ କରି ଦେଲେ । କଥା କହିବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଯାହା କିଛି ଭଲ ଗୁଣ ଦେଖୁଥିଲେ, ସେଥିପାଇଁ ମଧ୍ୟ ସେ ସେମାନଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ସେ କିନ୍ତୁ କେବେ ବି ଉତ୍ତେଜିତ ହେଉ ନ ଥିଲେ । ଅନ୍ୟମାନଙ୍କ ସହ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ରଖିଥିଲେ ।

ତା'ପରେ ଦେଖାଗଲା ଯେ ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେବାକୁ ଆରମ୍ଭ କଲା ଏବଂ କିଛି ଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ । ତାଙ୍କର ଏ ଖବର ଆଖପାଖ ଅଞ୍ଚଳରେ ଶୀଘ୍ର ବ୍ୟାପି ଯାଇଥିଲା । ଅନ୍ୟମାନେ ତାଙ୍କୁ ସାକ୍ଷାତ୍ କରି ବହୁ ପ୍ରଶଂସା ବି କରିଥିଲେ । ଭବିଷ୍ୟତରେ ଏପରି ହୋଇଥିଲା ଯେ ରୋଗମୁକ୍ତ ଏହି ବ୍ୟକ୍ତି ଜଣକ ନିଜେ ସୁସ୍ଥତାର ପରାମର୍ଶଦାତା ଭାବେ କାର୍ଯ୍ୟ କରିବାକୁ ଲାଗିଲେ ।

Dr. Taniguchiଙ୍କ ପରାମର୍ଶ କ୍ରମେ ଜଣେ କର୍କଟ ରୋଗୀ କିପରି ନିଜକୁ ସୁସ୍ଥ କରିପାରିଥିଲେ ତାହା ୧୯୫୩ ମସିହାରେ ଜାପାନର ଏକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା । ଡକ୍ଟରଙ୍କ ଗୁପ୍ତ ମନ୍ତ୍ର ଅନୁଯାୟୀ ରୋଗୀ ସ୍ୱ-କୃତ ସମସ୍ତ ଅପରାଧ ପାଇଁ କ୍ଷମା ଯାଚନା କରିବା ଶିଖି ନେଲେ । ନିଜର ପୂର୍ବ ସୁନ୍ଦର ସ୍ୱାସ୍ଥ୍ୟକୁ ପ୍ରଶଂସା କରି ଚାଲିଲେ । ନିଜର ସୁସ୍ଥତା ଫେରି ପାଇବା ପାଇଁ ପୃଥିବୀକୁ କୃତଜ୍ଞତା ଦେଇ ଚାଲିଲେ । ଫଳରେ ନିଜର ମାନସିକ ବିକ୍ଷୁବ୍ଧତା, ଉତ୍ତେଜନା ବା ଚାପ ନିରପେକ୍ଷ ବା ନିଷ୍ଫଳ ହୋଇଗଲା । ବ୍ୟକ୍ତି ଜଣକ ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରି ପାଇଲେ । କୃତଜ୍ଞ ଭାବ ଏବଂ ପ୍ରଶଂସା ରୋଗୀକୁ ସୁସ୍ଥ କରିପାରିଥିଲା ।

ଅନ୍ୟ ଏକ ଘଟଣା । ଜଣେ ମଧ୍ୟବୟସ୍କା ମହିଳାଙ୍କ ହାତର ବଳାଗଣ୍ଠି ଭାଙ୍ଗିଗଲା । ଡକ୍ଟର ଏକ ଧାତୁର ପ୍ଲେଟ୍ ଲଗାଇ ବ୍ୟାଣ୍ଡେଜ୍ କରିଦେଲେ । ମାତ୍ର ବ୍ୟାଣ୍ଡେଜ୍ ଖୋଲାଯିବା ପରେ ତାହା ଯେ ଶକ୍ତ ବା ଅନମନୀୟ ହୋଇ ରହିବ ଏବଂ ସେ ଆଉ ହାତ ବୁଲାଇ ପାରିବେ ନାହିଁ ବୋଲି ଡକ୍ଟର ତାଙ୍କୁ ଜଣାଇ ଦେଲେ । ମାତ୍ର ରୋଗୀ ଏକଥାକୁ ମନ ଭିତରେ ସ୍ୱୀକାର କଲେ ନାହିଁ । ସେ ନିଜର ସମ୍ପୂର୍ଣ୍ଣ ସୁସ୍ଥତା ନିମନ୍ତେ ଭଗବାନଙ୍କୁ କୃତଜ୍ଞତା ଦେଇ ଚାଲିଲେ । କିଛି ଖୁସିର କବିତା ଲେଖି ଚାଲିଲେ ଏବଂ ଅନ୍ୟମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଲେ । ଭଲ ସଙ୍ଗୀତଜ୍ଞ ନ ହେଲେ ମଧ୍ୟ ଗୀତ ଗାଇବା ଆରମ୍ଭ କରିଦେଲେ । ଏହିପରି ଭାବରେ ନିଜ ମନ ଓ ପାରିପାର୍ଶ୍ୱିକ ଅବସ୍ଥାରେ ସେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କଲେ । କିଛିଦିନ ପରେ ସେଇ ଧାତୁ ପ୍ଲେଟ୍ ତାଙ୍କ ହାତରୁ ବାହାର କରି ଦିଆଗଲା । ଦେଖାଗଲା ତାଙ୍କର ବଳାଗଣ୍ଠିରେ ଯନ୍ତ୍ରଣା ଆଦୌ ନଥିଲା ଏବଂ ଅଳ୍ପ କିଛି ଦିନର ଅଭ୍ୟାସ ପରେ ବଳାଗଣ୍ଠି ପୂର୍ବ ଭଳି ନମନୀୟ ହୋଇଗଲା ଏବଂ ସେ ତାଙ୍କ ହାତକୁ ବୁଲାଇ ପାରିଥିଲେ ।

ପ୍ରକୃତରେ ଆରୋଗ୍ୟକାରୀ ପଦ୍ଧତି ଆନନ୍ଦ ବା ଖୁସିର ପରିବେଶକୁ ଏକ ସହାୟକ ଉପାଦାନ ଭାବରେ ଗ୍ରହଣ କରିଥାଏ । ଆନନ୍ଦ ଅନୁଭବ କରିବା ହେଉଛି ପ୍ରକୃତିର ସବୁଠାରୁ ଶକ୍ତିଶାଳୀ ଔଷଧ । ଏକଦା ଜଣେ ଡକ୍ଟର କହିଥିଲେ ଶରୀର ଯେପରି ଖାଦ୍ୟ ଓ ଜଳ ଆବଶ୍ୟକ କରେ, ସେହିପରି ଜଣକର ଜୀବନରେ ଖୁସି ବା କୌତୁକ ବି ଦରକାର ହୁଏ । ଖୁସି ହିଁ ସମସ୍ତ ନିଦାନର ଉପଶମ ।

ନିଜ ଜୀବନର ପରିସର ହେଉଛି – ସୁସ୍ଥତା, ସମୃଦ୍ଧି ଓ ଆନନ୍ଦର ଏକ ଇପ୍ସିତ ସ୍ଥାନ, ସ୍ୱର୍ଗରାଜ୍ୟ ! ଏହାକୁ ଆବିଷ୍କାର କରିବା ସହ ଯତ୍ନର ସହିତ ଏହାକୁ ସୁଶୋଭିତ କରି ଖୁସିରେ ବଞ୍ଚି ରହିବାକୁ ମନୁଷ୍ୟ ଚାହୁଁଛି କି ?

(କ୍ରମଶଃ) ❑

ମସ୍ତିଷ୍କରେ ତଥା ହୃଦୟରେ ଦ୍ୱିଧାହୀନ ଭାବେ ଅନ୍ୟ ବ୍ୟକ୍ତିର ମଙ୍ଗଳକାମନା କରିବା ହେଉଛି ସର୍ବୋତ୍ତମ ସାହାଯ୍ୟ ଯାହା ଜଣେ ଦେଇପାରେ ।

– ଶ୍ରୀଅରବିନ୍ଦ

# ଏ କାଳର ଆଶ୍ରମବାସ

୨୦୨୦ ମସିହା ଅଗଷ୍ଟ ମାସ 'ନବପ୍ରକାଶ'ରେ ଆମ ଜୀବନଧାରାରେ ଅଗ୍ରଜପ୍ରତିମ ସ୍ୱନାମଖ୍ୟାତ ପ୍ରବୀଣ ଲେଖକ ମନୋଜ ଦାସଙ୍କର ''ଦୁର୍ଯୋଗ ନିହିତ ସମ୍ଭାବ୍ୟ 'ସଙ୍କେତ' '' ବିଷୟଟି ଅତ୍ୟନ୍ତ ହୃଦୟସ୍ପର୍ଶୀ । ଲେଖକ ଅତ୍ୟନ୍ତ ସାରଗର୍ଭକ ଏବଂ ଗୁରୁତ୍ୱ ପୂର୍ଣ୍ଣ ବିଷୟଟିକୁ ସଂକ୍ଷିପ୍ତ ଓ ସାବଲୀଳ ଶୈଳୀରେ ଉପସ୍ଥାପିତ କରିଛନ୍ତି — ଏହି ଶୈଳୀ ତାଙ୍କର ପ୍ରତିଟି ଲେଖାର ବୈଶିଷ୍ଟ୍ୟ ।

ଏହିଟିକୁ ପାଠ କରିବା ପରେ ବାର ବାର ଯେଉଁସବୁ ଅନୁଚିନ୍ତା ମନ ଓ ହୃଦୟକୁ କାବୁ କରି ପକାଉଥାଏ, ତନ୍ମଧ୍ୟରୁ ପଦେଅଧେ —

ଗତ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଗୁରୁଦେବ ଶ୍ରୀଅରବିନ୍ଦଙ୍କର ଜୀବନଧାରାରେ ଠିକ୍ ଏହିପରି ଏକ ଅବସ୍ଥା ଉପୁଜିଥିଲା । ତାଙ୍କରି ଉକ୍ତିରେ :

''୧୯୦୮ ମସିହା, ଶୁକ୍ରବାର, ମେ ପହିଲା ।... ଜାଣି ନଥିଲି ଯେ ଏହି ଦିନଟି ମୋ ଜୀବନର ଗୋଟିଏ ଅଙ୍କର ଶେଷ ପୃଷ୍ଠା, ମୋ ସମ୍ମୁଖରେ ଏକ ବର୍ଷର କାରାବାସ; ଏହି ସମୟ ମଧ୍ୟରେ ମନୁଷ୍ୟ ଜୀବନ ସହିତ ଯେତେ ବନ୍ଧନ ଜଡ଼ିତ ଥିଲା ସବୁ ହିଁ ଛିନ୍ନ ହେବ, ଏକ ବର୍ଷକାଳ ପିଞ୍ଜରାବଦ୍ଧ ପଶୁ ସଦୃଶ ବାସ କରିବାକୁ ହେବ । ପୁଣି ଯେତେବେଳେ କର୍ମକ୍ଷେତ୍ରରେ ପ୍ରବେଶ କରିବି ସେତେବେଳେ ସେହି ପୁରାତନ ପରିଚିତ ଅରବିନ୍ଦ ଘୋଷ ପ୍ରବେଶ କରିବ ନାହିଁ, କିନ୍ତୁ ଏକ ନୂତନ ମନୁଷ୍ୟ, ନୂତନ ଚରିତ୍ର, ନୂତନ ବୁଦ୍ଧି, ନୂତନ ପ୍ରାଣ ଓ ନୂତନ ମନ ନେଇ ନୂତନ କର୍ମଭାର ଗ୍ରହଣ କରି ଆଲିପୁରସ୍ଥ ଆଶ୍ରମରୁ ବାହାରକୁ ଆସିବ । କହିଛି ଏକ ବର୍ଷର କାରାବାସ, କିନ୍ତୁ କହିବା ଉଚିତ ଥିଲା ଏକ ବର୍ଷର ବନବାସ, ଏକ ବର୍ଷର ଆଶ୍ରମବାସ ।

''ହୃଦୟସ୍ଥ ନାରାୟଣଙ୍କର ସାକ୍ଷାତ୍ ଦର୍ଶନ ନିମିତ୍ତ ଅନେକ ଦିନରୁ ପ୍ରବଳ ଚେଷ୍ଟା କରିଥିଲି । ଏକାନ୍ତ ଆଶାପୋଷଣ କରିଥିଲି ଜଗଦ୍ଧାତା ପୁରୁଷୋତ୍ତମଙ୍କୁ ବନ୍ଧୁ ଭାବରେ, ପ୍ରଭୁ ଭାବରେ ଲାଭ କରିବାକୁ । କିନ୍ତୁ ସହସ୍ର ସାଂସାରିକ ବାସନାର ଆକର୍ଷଣରେ, ବିଭିନ୍ନ କର୍ମର ଆସକ୍ତିରେ, ଅଜ୍ଞାନତାର ପ୍ରଗାଢ଼ ଅନ୍ଧକାରରେ ତାଙ୍କୁ ଲାଭ କରି ପାରି ନାହିଁ । ଶେଷରେ ପରମ ଦୟାଳୁ ସର୍ବମଙ୍ଗଳମୟ ଶ୍ରୀହରି ସେହି ସମସ୍ତ ଶତ୍ରୁଙ୍କୁ ଏକା କୋପରେ ନିହତ କରି ମୋର ସେହି ସୁବିଧା କଲେ, ଯୋଗାଶ୍ରମ ଦେଖାଇଲେ, ସ୍ୱୟଂ ଗୁରୁ ରୂପେ, ସଖା ରୂପେ ସେହି କ୍ଷୁଦ୍ର ସାଧନ-କୁଟିରରେ ଅବସ୍ଥାନ କଲେ । ସେହି ଆଶ୍ରମ ହେଉଛି ଇଂରେଜମାନଙ୍କର କାରାଗାର ।...''

(କାରାକାହାଣୀ, ପ୍ରଥମ ପରିଚ୍ଛେଦ)

ସତକଥା କହିବାକୁ ଗଲେ ସମ୍ପ୍ରତି ଆମେ ଆମର 'ପ୍ରକୃତ କର୍ମ ଅଥବା ପ୍ରାଥମିକ କର୍ମ'ଟି ସମ୍ବନ୍ଧେ ବିସ୍ମୃତପ୍ରାୟ ହୋଇ ଉଠିଥିଲୁ । ଏମିତିକି ଆମେ କହିପାରୁ ସମଗ୍ର ଜଗତ୍ ମଧ୍ୟ ଏ ସମ୍ବନ୍ଧରେ ସଚେତନ ନଥିଲା । ମନୋଜ ବାବୁଙ୍କ ଉକ୍ତିରେ : ''ଯାହା ସତ୍ୟ, ସମୟ ଅନୁସାରେ ତାହା ନିଜକୁ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଧାରାରେ ସାବ୍ୟସ୍ତ କରିବା ଅନିବାର୍ଯ୍ୟ ।'' — ଖାଣ୍ଟି ସତ । ଏହା ବିଧିନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

ତେଣୁ ଦିବ୍ୟଜନନୀଙ୍କର ଆଗତପ୍ରାୟ 'ନବସୃଷ୍ଟି'ରେ ପ୍ରଧାନ ବାଧାସ୍ୱରୂପ ଦଣ୍ଡୟମାନ ହୋଇ ରହିଥିବା ସମଗ୍ର ଜଗତର ଏହି ଭୁଲ୍ ପଦକ୍ଷେପଟିକୁ ସମୂଳେ ବିନାଶ କରିବା ଉଦ୍ଦେଶ୍ୟରେ ସେ ତାଙ୍କର ଦିବ୍ୟସଂକଳ୍ପ ଶକ୍ତିର ପ୍ରୟୋଗ କଲେ —'ରୋକ !' ଅର୍ଥାତ୍ 'HALT!' କହିବାବାହୁଲ୍ୟ ଦିବ୍ୟଜନନୀଙ୍କର ଏହି ସଂକଳ୍ପ ଶକ୍ତିର ପ୍ରୟୋଗରେ ଭରି ରହିଛି ତାଙ୍କର ଦିବ୍ୟ ଅନୁକମ୍ପା ଯାହାକି ପରମେଶ୍ୱରଙ୍କର ସ୍ୱୀକୃତି ।

ତେଣୁ ସମ୍ପ୍ରତି ଆମେ ଯେଉଁମାନେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଅନୁଗାମୀ, ପ୍ରତ୍ୟେକେ ନିଜ ନିଜର ନିବାସସ୍ଥଳ (କକ୍ଷ ବନ୍ଦୀ ବା ଗୃହ ବନ୍ଦୀ; ପଣ୍ଡିଚେରୀସ୍ଥ ବା ପୃଥିବୀର ଅନ୍ୟତ୍ର)ରେ ରହିଥିବା ବେଳେ ମନୋଜ ବାବୁଙ୍କର ଉକ୍ତିରେ : ''ଏହି ଦୁର୍ଯୋଗର 'ସୁଯୋଗ' ନେଇ ଆମେ ଆପଣା ଭିତରେ ଦିବ୍ୟ ସମ୍ଭାବନାର ଅନୁଶୀଳନ କରିବା ଆସନ୍ତୁ ।'' ସୁତରାଂ ଆମେ ଆମର 'ପ୍ରକୃତ କର୍ମ' ଅର୍ଥାତ୍ ଆମ ଜୀବନର ମହତ୍ ଉଦ୍ଦେଶ୍ୟ ସମ୍ବନ୍ଧେ ମୁହୂର୍ତ୍ତମାତ୍ର ବିସ୍ମୃତ ହେବା ଉଚିତ ନୁହେଁ । ଆପ୍ରାଣ ଚେଷ୍ଟା କରି ସଦା-ଉନ୍ନିଦ୍ର ରହିବାକୁ ସଂକଳ୍ପ ବଦ୍ଧ ହୋଇ ରହିଥିବୁ ।

ଫଳରେ ମହାକାଳର ଏହି ମୁହୂର୍ତ୍ତଟି ଅପସରି ଗଲେ ଆମେ ଦିବ୍ୟଜନନୀଙ୍କର ଅନୁକମ୍ପାରେ ଏବଂ ଗୁରୁଦେବଙ୍କ

ଉକ୍ତିରେ ପୁଣି ଯେତେବେଳେ କର୍ମକ୍ଷେତ୍ରରେ ପ୍ରବେଶ କରିବୁ ସେତେବେଳେ ସେହି ପୁରାତନ ପରିଚିତ ବ୍ୟକ୍ତି ରୂପେ ପ୍ରବେଶ କରିବୁ ନାହିଁ; କିନ୍ତୁ ନୂତନ ମଣିଷ, ନୂତନ ଚରିତ୍ର, ନୂତନ ବୁଦ୍ଧି, ନୂତନ ପ୍ରାଣ ଓ ନୂତନ ମନ ନେଇ ନୂତନ କର୍ମଭାର ଗ୍ରହଣ କରି ନିଜ ନିଜର ଯୋଗାଶ୍ରମ ଅର୍ଥାତ୍ ଆଶ୍ରମବାସରୁ ବାହାରକୁ ଆସିବୁ । ଅର୍ଥାତ୍ ଆମେ ଏକ 'ନବଜନ୍ମ' ଲାଭ କରିଥିବୁ ।

ଏବଂ ସମ୍ପ୍ରତି ଆମମାନଙ୍କର ଜୀବନଧାରାର ସ୍ୱରୂପ କିପରି ହେବା ଉଚିତ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ :

''Only were safe who kept God in their hearts :
Courage their armour, faith their sword, they must walk,
The hand ready to smite, the eye to scout,
Casting a javelin regard in front,
Heroes and soldiers of the army of Light.''

(Savitri, p. 211)

(ଜନୈକ ମାତୃସନ୍ତାନ)

❑❑❑

# ଦୁଇଟି ସୂର୍ଯ୍ୟର ହସ

## ଶାନ୍ତି ମହାନ୍ତି

ଦୁଇଟି ଆଖିର ମୁଗ୍ଧ ନିଳୟ
ଦୁଇଟି ସୂର୍ଯ୍ୟ ହସ,
ଅନନ୍ତ ଜୀବନ ମୁକୁଳିତ ହୁଏ
ଦ୍ୟୁତିମୟ ସେ ଆକାଶ ।
ନିଜକୁ ଦେବାର ଅଚିନ୍ତ୍ୟ ମହକେ
ବିଭୋର ପଦ୍ମକଳି,
ଶତ ଯାତନାର ଅନ୍ଧାର ତଳୁ
ଆସିଛି ଆଜି ମୁକୁଳି ।



ସବୁ କୋଳାହଳ ଶାନ୍ତ ହୋଇଯାଏ
ସନ୍ଦେହୀ ମନ ତଳେ,
ସବୁ ଅନ୍ଧାର ବିଭାସିତ ଦିଶେ
ଅରୂପ ଶୋଭା ଅନଳେ ।
ପରମ ପ୍ରେମର ବିଜୟୀ ହସ ସେ
ଅନନ୍ତ ଜୀବନ ଗତି,
ଅଜଣା ମହକ ଭରିଦେଇ ହୃଦେ
ପୁଲକର ମଧୁଗୀତି ।

ବରିଛି ଜୀବନେ ମୋର...
ସେ ଦୁଇ ଆଖିର ନୀଳ ଅନୁପମ
ନୀଳିମାର ପାରାବାର । ❑

# ନବପ୍ରକାଶର ପ୍ରଥମ ସମ୍ପାଦକୀୟ
## (ଅକ୍ଟୋବର – ୧୯୭୦)
## ପ୍ରପତ୍ତି

ପ୍ରକାଶ ଚାହେଁ ପ୍ରସ୍ତୁତି । ପ୍ରସ୍ତୁତି ବିନା ପ୍ରକାଶ ଆସେ ନାହିଁ । ଆସିଲେ ବା ତାକୁ ଧାରଣ କରିବ କିଏ ? ଏହି ପ୍ରସ୍ତୁତି କେଉଁଠି ଦରକାର କରେ ଦୀର୍ଘକାଳ, ଆଉ କେଉଁଠି ବା ସ୍ୱଳ୍ପକାଳ । କାଳର ଏହି ତାରତମ୍ୟ ନିର୍ଭର କରେ ଆସ୍ପୃହାର ତୀବ୍ରତା ଓ ଭଗବାନଙ୍କ କୃପା ଉପରେ । ପୃଥିବୀପୃଷ୍ଠରେ ତାଙ୍କରି ପ୍ରକାଶ ଲାଗି ଯେଉଁ ସମୟରେ ଯାହା ଦରକାର ସେ ତାହା କରାଇ ନିଅନ୍ତି ।

ଦୀର୍ଘ ତିନିଟି ବର୍ଷର ପ୍ରସ୍ତୁତି ବିତିଯାଇଛି । ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କର ଶ୍ରୀମା'ଶ୍ରୀଅରବିନ୍ଦଙ୍କ ପ୍ରତି ଅଭୂତପୂର୍ବ ଉନ୍ମୀଳନର ସ୍ୱାକ୍ଷର ବହନ କରି ୧୯୬୭ ମସିହାରେ ଶ୍ରୀଅରବିନ୍ଦ ଛାତ୍ର-ସମାଜ ବୁଲେଟିନ୍ ଓ ଶ୍ରୀଅରବିନ୍ଦ ଯୁବ-ସମାଜ ବୁଲେଟିନ୍ ଆତ୍ମପ୍ରକାଶ କଲା । ତା'ପରେ ୧୯୬୮ ମସିହା ଅଗଷ୍ଟ ମାସ ପରଠାରୁ ଦୁଇଟିଯାକ ମିଶି ଶ୍ରୀଅରବିନ୍ଦ ଛାତ୍ର-ଯୁବ-ସମାଜ ବୁଲେଟିନ୍ ରୂପେ ପ୍ରକାଶ ପାଇଲା ।

ଏହି ବୁଲେଟିନ୍‌ଗୁଡ଼ିକ ଛାତ୍ର ଓ ଯୁବକମାନଙ୍କ ଚିତ୍ତବିନୋଦନ ବା ସେମାନଙ୍କୁ କିଛି ତଥାକଥିତ ନୀତିଶିକ୍ଷା ବା ହିତୋପଦେଶ ଦେବା ଲାଗି ଯେ ପ୍ରକାଶ ପାଉଥିଲା ତା' ନୁହେଁ । ଏହାର ପଶ୍ଚାତରେ ଥିଲା ଓ ରହିଛି ସକ୍ରିୟ ସଚେତନ ଯୋଗସାଧନାର କେନ୍ଦ୍ରସବୁ । ଏହିସବୁ କେନ୍ଦ୍ର ୧୯୬୮ ମସିହା ଏପ୍ରିଲ ପରଠାରୁ ଶ୍ରୀଅରବିନ୍ଦ ଛାତ୍ର-ସମାଜ ନାମରେ ଗଢ଼ି ଉଠିବାକୁ ଲାଗିଲା । ଏଥିରେ ବିଶେଷ ରୂପେ ଅଂଶଗ୍ରହଣ କଲେ ଛାତ୍ର ତଥା ଶିକ୍ଷକମାନେ । ଦେଖାଗଲା ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଅନୁଷ୍ଠାନ ପ୍ରତି ମାସ ଓ ପ୍ରତି ସପ୍ତାହରେ ଖୁବ୍ ଦ୍ରୁତ ଗତିରେ ବହୁ ସଂଖ୍ୟାରେ ବୃଦ୍ଧି ପାଇବାକୁ ଲାଗୁଛି । କେବଳ ଛାତ୍ର-ସମାଜ ନୁହେଁ, ଏସବୁ ଗଠନ ହେବାର ବହୁ ପୂର୍ବରୁ ଓଡ଼ିଶାରେ ଆଉ ଏକ ଅନୁଷ୍ଠାନ ବିଶେଷ କରି ପ୍ରସାର ଲାଭ କରିଛି । ସେଇଟି ହେଉଛି ଶ୍ରୀଅରବିନ୍ଦ ପାଠଚକ୍ର । ଦୁଇଟିଯାକ ଅନୁଷ୍ଠାନ ଏକ ଲକ୍ଷ୍ୟ ଓ ଏକ ଆଦର୍ଶ ନେଇ କାର୍ଯ୍ୟ କରି ଆସୁଛନ୍ତି । ଛାତ୍ର-ସମାଜଗୁଡ଼ିକର ଦ୍ରୁତ ପ୍ରସାର ଲକ୍ଷ୍ୟ କରାଯାଇ ୧୯୬୯ ଅଗଷ୍ଟ ପରଠାରୁ ଛାତ୍ର ଓ ଯୁବକମାନଙ୍କ ଲାଗି ବୁଲେଟିନଟିକୁ ପ୍ରତି ମାସରେ ପ୍ରକାଶ କରାଗଲା । ଦେଖାଗଲା ଛାତ୍ର ଓ ଯୁବକେନ୍ଦ୍ରଗୁଡ଼ିକ ବ୍ୟତୀତ ବ୍ୟକ୍ତିଗତ ଭାବେ ବହୁ ପରିମାଣରେ ଛାତ୍ର-ଛାତ୍ରୀ ଓ ଯୁବକ-ଯୁବତୀ ଏହାର ଗ୍ରାହକ ଶ୍ରେଣୀଭୁକ୍ତ ହେଲେ । ଓଡ଼ିଶାର ତରୁଣ-ସମାଜର ଏହି ଅନନ୍ୟମୁଖୀ ଉତ୍ସାହ ଓ ଆଗ୍ରହ ବୁଲେଟିନଟିକୁ ମାସିକ ପତ୍ରିକା ଆକାରରେ ରୂପ ନେବାକୁ ପ୍ରଚ୍ଛନ୍ନ ଦାବି ଜଣାଇଲା । ନୂତନକୁ ଚିର ସ୍ୱାଗତ ଜଣାଇବା ଦିଗରେ ଏହା ଓଡ଼ିଆ ଜାତିର ଏକ ବିଶେଷ ନିଦର୍ଶନ ।

ଯାହାହେଉ, ଦୀର୍ଘ ତିନୋଟି ବର୍ଷର ସାଧନାରେ ମା'ଙ୍କ ଅସୀମ କରୁଣାରୁ ଛାତ୍ର ଓ ଯୁବ-ସମାଜର ମୁଖପତ୍ର ଆଜି ''ନବପ୍ରକାଶ'' ନାମରେ ନବ କଳେବର ଧାରଣ କରି ମା'ଙ୍କ ଚରଣ ତଳେ ପ୍ରଣାମ ଜଣାଉଛି । ଓଡ଼ିଶାର ଅଗଣିତ ଛୋଟ ଛୋଟ ଛାତ୍ରଛାତ୍ରୀ ଯେଉଁମାନେ ବିଶେଷ ପରିମାଣରେ ଏହାକୁ ପାଠ କରିବା ଲାଗି ଆଗ୍ରହୀ, ସେମାନଙ୍କ ସୁବିଧା ନିମନ୍ତେ ଏହାର ବାର୍ଷିକ ଚାନ୍ଦା ଖୁବ୍ କମ୍ ରଖାଯାଇଛି ଯାହାକି ତା'ର ଖର୍ଚ୍ଚ ତୁଳନାରେ କିଛି ନୁହେଁ ।

''ନବପ୍ରକାଶ''ର ଲକ୍ଷ୍ୟ ନୁହେଁ ସାହିତ୍ୟଚର୍ଚ୍ଚା, ଭାଷାଚର୍ଚ୍ଚା, ଧର୍ମାଲୋଚନା, ନୀତିଶିକ୍ଷା ବା ଏପରି ଆଉ କିଛି । ଏସବୁ ଏଥିରୁ ମିଳିପାରେ; କିନ୍ତୁ ଏହାର ଏକମାତ୍ର ଲକ୍ଷ୍ୟ ପୃଥିବୀପୃଷ୍ଠରେ କେବଳ

ଶ୍ରୀମାଶ୍ରୀଅରବିନ୍ଦ ଉତ୍ତାରି ଆଣିଥିବା ନୂତନ ସତ୍ୟର ଅଭିବ୍ୟକ୍ତି ନିମନ୍ତେ କାର୍ଯ୍ୟ କରିବା । ଏକଥା ଶ୍ରୀମା ''ନବପ୍ରକାଶ'' ଲାଗି ଦେଇଥିବା ତାଙ୍କର ଅସୀମ କୃପା ଓ ଶକ୍ତିଭରା ବାଣୀଟିରେ ସ୍ପଷ୍ଟ କରିଦେଇ ଲେଖିଛନ୍ତି :

"Only Truth"
"ଏକମାତ୍ର ସତ୍ୟ"

କିଏ ସେହି ସତ୍ୟ ? କେଉଁଠି ତାଙ୍କର ଆବାସ ? ସେ କ'ଣ ସେହି ଅବାଙ୍‌ମାନସଗୋଚର ଅବ୍ୟକ୍ତ ପରାତ୍ପର ପରମ ଯାହାଙ୍କ ଆବାସ ସୃଷ୍ଟିର ସୀମାତୀତ ଉର୍ଦ୍ଧ୍ୱଲୋକରେ ? ନା, ନା, – ତେବେ ତ' ଆମେ ନିରୁପାୟ । ସେ ଯେ ଆମରି ଆଗରେ ଆମରି ଭିତରେ ଅତି ଆପଣାର ଭାବେ ତାଙ୍କର ସକଳ ଶକ୍ତି, ସକଳ ଐଶ୍ୱର୍ଯ୍ୟ ଧରି ଉଭା ହୋଇଛନ୍ତି ! ପ୍ରାର୍ଥନା କରୁଛୁ; ଆମର ସକଳ କର୍ମ, ସକଳ ଚିନ୍ତା, ସକଳ ଆବେଗ, ସକଳ ସଙ୍କଳ୍ପ, ସକଳ ଅଭୀପ୍ସା, ସକଳ ତ୍ୟାଗ, ସକଳ ସମର୍ପଣ ଓ ଜୀବନର ଯାହାକିଛି ଗତିବୃତ୍ତି କେବଳ ତାଙ୍କରି ଲାଗି ହେଉ । ''ନବପ୍ରକାଶ'' ଓ ତା'ର ସମସ୍ତ ପାଠକ-ପାଠିକା ତଥା ପୃଷ୍ଠପୋଷକ ନିତ୍ୟନୂତନ ଭାବେ ଶ୍ରୀମା'ଙ୍କର ଏହି ବାଣୀର ଉପଯୁକ୍ତ ହୋଇ ଉଠନ୍ତୁ । ❑

# ମହାମିଳନ

## ନିର୍ମଳାପ୍ରଭା ଦେବୀ



ସିନ୍ଧୁ ତୁମେ, ତୁମ ବିନ୍ଦୁ ଗୋ ଆମେ
ତୁମରି ସଲିଳେ ଯାଇଛୁ ହଜି
ସେ ମହା ମିଳନେ ସବୁ ଏକ କଲ
ତୁମ ଭିନ୍ନ ଆଉ ରହିନି କିଛି ॥
ଅନନ୍ତ ବୀଣାରେ ଗାଉଛ ମା ଗୀତ
ସେ ସୁରେ ଆମକୁ କଲ ଝଙ୍କୃତ
ତୁମରି ଛନ୍ଦରେ ତୁମେ ନଚାଉଛ
ସେ ନୃତ୍ୟର ଛନ୍ଦେ ବାଜେ ନୁପୂର ॥

ତୁମେ ପଦ୍ମ ତୁମ ସୁରଭି ଗୋ ଆମେ
ତୁମେ ମା ପ୍ରଦୀପ ଆମେ ତା ଶିଖା
ପୂର୍ବାଶା ରଙ୍ଗେଇ ତୁମେ ଆସ ଉଷା
ଆମକୁ କରିଛ ଆଲୋକରେଖା ॥
ତୁମେ ବିଶ୍ୱାତୀତା ପୁଣି ବିଶ୍ୱଗତା
ଆସ ଅବତରି ଏ ସୃଷ୍ଟି ପାଇଁ
ତୁମ ଶ୍ରୀଚରଣେ ସନ୍ତାନର ତବ
ଘେନ ଭକ୍ତିଝରା ଏଇ ଦଇନି ॥ ❑

ଚେତନାର ଦିଗ୍‌ବଳୟ :

# ଆମେ ପ୍ରତ୍ୟେକେ ଅନନ୍ୟ

ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମ୍‌ଙ୍କ ଆତ୍ମକଥା 'Wings of Fire' ଅନେକେ ପଢ଼ିଥିବେ । ତରୁଣ ବୟସରେ ତାଙ୍କର ପ୍ରବଳ ବାସନା ଥିଲା ସେ ବିମାନ ବାହିନୀରେ ଯୋଗ ଦେବେ । କିନ୍ତୁ ପରୀକ୍ଷାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଯାଇଥିବା ପଚିଶ ଜଣ ପ୍ରାର୍ଥୀଙ୍କ ଭିତରୁ ଆଠଜଣ ମନୋନୀତ ହେଲେ । ସେ ନବମ ସ୍ଥାନରେ ରହିଗଲେ, ଅର୍ଥାତ୍ ଅକୃତକାର୍ଯ୍ୟ ହେଲେ ।

ହତାଶାରେ ସେ ଭାଙ୍ଗି ପଡ଼ିଲେ । ଆସି ପହଞ୍ଚିଲେ ଋଷିକେଶରେ । ପବିତ୍ର ଗଙ୍ଗାରେ ସ୍ନାନ କରି ସେ ସ୍ୱାମୀ ଶିବାନନ୍ଦଙ୍କ ଆଶ୍ରମ ଭିତରକୁ ଆସି ବହୁତ ଶାନ୍ତି ଅନୁଭବ କଲେ । ତତ୍ପରେ ସେ ଶିବାନନ୍ଦଜୀଙ୍କୁ ନିଜ ଅକୃତକାର୍ଯ୍ୟତା ଏବଂ ହତାଶା କଥା ଜଣାନ୍ତେ, ତାଙ୍କୁ ସ୍ୱାମିଜୀ ସ୍ମିତ ହସ ସହକାରେ କହିଲେ, ନିଜ ଭାଗ୍ୟକୁ ଆଦରି ନିଅ ଏବଂ ଜୀବନ ପଥରେ ଆଗେଇ ଚାଲ । ସେ ବୁଝାଇ ଦେଲେ ଯେ ଯଦିଓ ସେ ବିମାନଚାଳକ ହେବାର ନୋହିଲା, ତାଙ୍କ ସକାଶେ ଅନ୍ୟ କୌଣସି ପଥ ଅବଶ୍ୟ ଉନ୍ମୁକ୍ତ ହେବ ।

ସେଦିନ ଯଦି ଶ୍ରୀଯୁକ୍ତ କାଲାମ୍ ପ୍ରତିଯୋଗିତାରେ ସଫଳ ହୋଇଥା'ନ୍ତେ ତେବେ ଆମେ ଆମ ସମୟର ଜଣେ ମହତ୍ ବୈଜ୍ଞାନିକଙ୍କ ଅବଦାନରୁ ବଞ୍ଚିତ ହୋଇଥା'ନ୍ତୁ । ଦେଶ ମଧ୍ୟ ଜଣେ ଉତ୍ତମ ରାଷ୍ଟ୍ରପତି ପାଇବାରୁ ବଞ୍ଚିତ ହୋଇଥା'ନ୍ତା ।

ଆମେରିକାର ବିଖ୍ୟାତ ରାଷ୍ଟ୍ରପତି ଆବ୍ରାହାମ୍ ଲିଙ୍କନ୍‌ଙ୍କଠାରୁ ଆରମ୍ଭ କରି ଶ୍ରୀଯୁକ୍ତ କାଲାମ୍‌ଙ୍କ ପର୍ଯ୍ୟନ୍ତ କେତେ ବିଖ୍ୟାତ ବ୍ୟକ୍ତିଙ୍କ ଜୀବନରେ ନାନା ପ୍ରକାର ଅସଫଳତାର ଦୃଷ୍ଟାନ୍ତ ଦୀର୍ଘ । ସେସବୁର ଅବତାରଣା କରି ପାଠକମାନଙ୍କୁ ଆଶ୍ୱାସନା ଦେବା ଏ ଲେଖକର ଉଦ୍ଦେଶ୍ୟ ନୁହେଁ । ସମସ୍ତେ ଆବ୍ରାହମ୍ ଲିଙ୍କନ୍ ବା କାଲାମ୍‌ଙ୍କ ଭଳି ବିଖ୍ୟାତ ହେବା ସମ୍ଭବପର ନୁହେଁ କି ଆବଶ୍ୟକ ମଧ୍ୟ ନୁହେଁ । ଖ୍ୟାତି ବା ପ୍ରତିପତ୍ତି ଜୀବନରେ ଶାନ୍ତି କିଂବା ସାର୍ଥକତାବୋଧ ଆଣି ଦେଇ ପାରେନା । ଭଗବତ୍ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସହକାରେ ଜୀବନରେ ସତ୍‌ପଥରେ ଗତି କରିବା ଦ୍ୱାରା ହିଁ ଜଣେ ଶାନ୍ତି ଓ ସାର୍ଥକତାବୋଧ ଅନୁଭବ କରିପାରେ ।

ବିମର୍ଷବୋଧ, ହତାଶା, ନ୍ୟୁନଭାବ ଏସବୁ ଊଣାଅଧିକ ଆମ ସମସ୍ତଙ୍କୁ କେବେ ନା କେବେ ପୀଡ଼ିତ କରିଥାଏ । ଏହା ସ୍ୱାଭାବିକ ବୋଲି କୁହାଯାଇପାରେ, କିନ୍ତୁ ଏହା ଅନିବାର୍ଯ୍ୟ ନୁହେଁ । ହତାଶାର ଯେପରି ବହୁତ କାରଣ ରହିଥାଏ, ସେଥିରୁ ଉତ୍ତୀର୍ଣ୍ଣ ହେବାର ମଧ୍ୟ ସେହିପରି ବହୁ ମାର୍ଗ ରହିଥାଏ ।

ପ୍ରତିଯୋଗିତାରେ ଅକୃତକାର୍ଯ୍ୟତା ଯୁବକମାନଙ୍କ ଭିତରେ ହତାଶାର ଏକ ମୁଖ୍ୟ କାରଣ । ଆଜି ଆମେ ସେହି କଥାଟି ବିଚାରକୁ ନେବା ।

ଭାବି ଦେଖନ୍ତୁ : ସୃଷ୍ଟିର ଆଦିମ ଅଜଣା ମୁହୂର୍ତ୍ତରୁ ଆଜି ପର୍ଯ୍ୟନ୍ତ ଅଗଣିତ ବୃକ୍ଷଲତାରେ ଯେତେ ପତ୍ରପୁଷ୍ପ ସମ୍ଭବ ହୋଇଛନ୍ତି; କିଏ ବା ତାହାର ସଂଖ୍ୟା କଳନା କରିପାରିବ – ତହିଁରୁ ଦୁଇଟି ପତ୍ର ଅଦ୍ୟାବଧି ଏକାପ୍ରକାର ହୋଇ ନାହାନ୍ତି । ଆକାର, ରଙ୍ଗ, ଓଜନ, ଔଜଲ୍ୟ ଏସବୁରେ ସୂକ୍ଷ୍ମ ପାର୍ଥକ୍ୟ ରହିଥିବା ନିଶ୍ଚିତ । ଏହା ବୈଜ୍ଞାନିକ ସତ୍ୟ । ଏ କଥାଟି କହିବାର କାରଣ, ଭିନ୍ନତା ପ୍ରକୃତିର ଏକ ବିଧାନ । ତହିଁରୁ ସେ ଆନନ୍ଦ ପାଏ, ଏକହିଁ ବସ୍ତୁର କେତେ ରୂପ ହୋଇ ପାରେ, ପ୍ରକୃତି ତାହା ହିଁ ପ୍ରତିପାଦିତ କରୁଥାଏ ।

ଭିନ୍ନତା କିନ୍ତୁ ଅନୈକ୍ୟ ନୁହେଁ । ପତ୍ର ପତ୍ର ଭିତରେ, ପୁଷ୍ପ ପୁଷ୍ପ ଭିତରେ ମନାନ୍ତର, ମତାନ୍ତର, କଳି-କନ୍ଦଳ ନଥାଏ । ପ୍ରତ୍ୟେକ ମଣିଷ ଅନ୍ୟ ମଣିଷଠାରୁ ଭିନ୍ନ । ଖାଲି ଦେହର ଗଠନରେ ନୁହେଁ; ମାନସିକ ବିକାଶ, ରୁଚି, ବୋଧଶକ୍ତି – ଏ ସବୁ ଗୁଣରେ ପ୍ରତ୍ୟେକେ ପ୍ରତ୍ୟେକଙ୍କ ଠାରୁ କିଛି ନା କିଛି ମାତ୍ରାରେ ଭିନ୍ନ । କିନ୍ତୁ ସେ ପାଇଁ ପରସ୍ପର ବିରୋଧ ଅନାବଶ୍ୟକ ।

ଦୁର୍ଭାଗ୍ୟର କଥା, ଆମ ସମାଜ ଯେଉଁ ଅବସ୍ଥାରେ ରହିଛି, ସେଥିରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କଲାବେଳେ ଏ ସତ୍ୟଟିକୁ ଆଗରେ ରଖାଯାଏ ନାହିଁ । ଯାନ୍ତ୍ରିକ ଭାବରେ ପ୍ରତିଯୋଗିତା ହୁଏ । କାଳକ୍ରମେ ସମାଜ ଅଧିକ ସଚେତନ ହେଲେ ଅବସ୍ଥାରେ ପରିବର୍ତ୍ତନ ହେବ ବୋଲି ଆମେ ଆଶା କରିବା ।

କିନ୍ତୁ ଚଳିତ ସମୟରେ ଆମକୁ ଏହି ବ୍ୟବସ୍ଥା ସହିତ

ସାଲିସ କରିବାକୁ ହେବ । ଯେକୌଣସି ପ୍ରତିଯୋଗିତାରେ କେତେଜଣଙ୍କ ତଥାକଥିତ ସଫଳତା ଏବଂ ଅନ୍ୟମାନଙ୍କ ତଥାକଥିତ ଅସଫଳତା ନିଶ୍ଚିତ । ଯାହା ଆମକୁ ମନେ ରଖିବାକୁ ହେବ, ତାହା ହେଲା କୌଣସି ପ୍ରତିଯୋଗିତା ଆମର ବ୍ୟକ୍ତିତ୍ୱର ସଚ୍ଚା ମାପକାଠି ହୋଇ ପାରେନା । ତେଣୁ ହତାଶ ହେବାର କାରଣ ନାହିଁ । ଆମେ ପ୍ରତ୍ୟେକେ ଅନନ୍ୟ । ଏହି ଅନନ୍ୟତା ଯେପରି ଆମ ଅହଙ୍କାରର ହେତୁ ହେବା ଉଚିତ୍ ନୁହେଁ, ସେହିପରି ଅନ୍ୟ ସହ ତୁଳନାର ଅଭ୍ୟାସ ଯୋଗୁଁ ହତାଶାର ହେତୁ ହେବାର ମଧ କାରଣ ନାହିଁ । କୌଣସି ପ୍ରତିଯୋଗିତାରେ ଅସଫଳ ହେବାର ଅର୍ଥ ଏହା ନୁହେଁ ଯେ ସଫଳଠାରୁ ଆମେ ନ୍ୟୂନ । ଅର୍ଥ ହେଲା ସଫଳଠାରୁ ଆମେ ଭିନ୍ନ । ଆମେ ଆମ ପ୍ରୟାସ ଅବ୍ୟାହତ ରଖିବା । ପ୍ରତିଯୋଗିତା ଜୀବନ ସଂଗ୍ରାମର ଏକମାତ୍ର ମାର୍ଗ ନୁହେଁ । ଧୈର୍ଯ୍ୟ ଏବଂ କଳ୍ପନାଶକ୍ତି ମାଧ୍ୟମରେ ଆମେ ଅପେକ୍ଷା କରିବା । ସମୟକ୍ରମେ ଆମ ପାଇଁ କୌଣସି ନା କୌଣସି ମାର୍ଗ ଖୋଲିଯିବ ।

**— ମନୋଜ ଦାସ** ❑


*My heart is at peace, my mind is free from impatience, and in all things I rely on Thy will with the smiling confidence of a child.*

*(MCW, Vol. 15, p. 211)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo** ***with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (0413 2334542)

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 10** **R.N.I. No. 18163/70.**
Navaprakash (Monthly), October, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**